ନବାନୁରାଗ

ବା

ନାଟକ ରୂପେ ଶ୍ରୀ କିଶୋରଚନ୍ଦ୍ରାନନ୍ଦ ଚମ୍ପୂ

(ଶ୍ରୀରାଧାକୃଷ୍ଣ ପବିତ୍ର ପ୍ରେମରସାତ୍ମକ ଅପୂର୍ବ ଗୀତିନାଟ୍ୟ)

ଶ୍ରୀ ନାରାୟଣ ଶୂରଦେବ,
ପ୍ରବନ୍ଧକ, ଡିରଳା

Digitized by srujanika@gmail.com

ଶ୍ରୀ ବ୍ରଜବିହାରୀ ଶରଣ ।

ନବାନୁରାଗ

ବା

ନାଟକାକାରରେ, ୰ କବିସୂର୍ଯ୍ୟଙ୍କର
ଶ୍ରୀ କିଶୋରଚନ୍ଦ୍ରାନନ୍ଦ ଚମ୍ପୂ

(ତରଳାର ଶ୍ରୀ ବରଦରାଜ ରଙ୍ଗାଳୟରେ ପ୍ରଶଂସାର ସହିତ ଅଭିନୀତ)

ଲେଖକ ଓ ପ୍ରକାଶକ

ଶ୍ରୀ ନାରାୟଣ ଶୂରଦେବ

ଯୁବରାଜ, ତରଳା, ଗଞ୍ଜାମ

Printed by H. Rayaguru

THE ORISSA PRINTING WORKS

BERHAMPUR, GAMJAM

1936

(ସର୍ବସତ୍ତ୍ୱ ସଂରକ୍ଷିତ)

ମୂଲ୍ୟ ଟ. ୦।୯୬।୦

Digitized by srujanika@gmail.com

ଶ୍ରୀ ନାରାୟଣ ଶୂରଦେବ, ଯୁବରାଜ, ତରଳା (ଗଞ୍ଜାମ)

Digitized by srujanika@gmail.com

ଅଭିଳାଷ ଥାଏ । ବର୍ତ୍ତମାନ୍ ଉକ୍ତ ଅଭିଳାଷ ହଠାତ୍ ଅଗ୍ରହ ପାଲଟିବାରୁ "କିଶୋର ଚନ୍ଦ୍ରାନନ୍ଦ ଚଂପୂକୁ" "**ନବାନୁରାଗ**" ନାମ ଦେଇ ଗୀତନାଟ୍ୟାକାରରେ ଲେଖିବାକୁ ପ୍ରୟାସୀ ହେଲି । "କିଶୋର ଚନ୍ଦ୍ରାନନ୍ଦ ଚଂପୂକୁ" "**ନବାନୁରାଗ**" ଆଖ୍ୟା ଦେବାରେ କେହି କେହି ବୋଧହୁଏ ଆକ୍ଷେପ କରିପାରନ୍ତି । କିନ୍ତୁ ଚଂପୂର "**କ**" ଗୀତର "କେଳି କଦମ୍ବ ଲତାର କୋଳେ କି ଶ୍ୟାମଳତାର ତେଜ ସେ ରବିସୁତାର ତୀରେ", ଏବଂ "**ଜ**" ଗୀତର "ଜଙ୍ଗମ ହେବାର ଜମ୍ବୁନଦ୍ସାର ଶିରୀ ସ୍ଥୂଳିଲି ସେ କି ପ୍ରକାର" ଧାଡ଼ି ଗୁଡ଼ିକରୁ ବିଷଦ ଭାବେ ଜଣା ପଡ଼େ ଯେ ଶ୍ରୀକୃଷ୍ଣ ଏବଂ ଶ୍ରୀମତୀ ରାଧା ଏଥିପୂର୍ବରୁ କେହି କାହାକୁ ଦେଖି ନାହାନ୍ତି । ଅର୍ଥାତ୍ ରାଧା ଲଳିତାଙ୍କୁ କହୁଚନ୍ତି, "ମୁଁ ଯମୁନା କୂଳରେ କେଳି-କଦମ୍ବ ଲତା କୋଳରେ ଏକ ଗାଢ଼ ଶ୍ୟାମଳ ବର୍ଣ୍ଣର ତେଜ ଦେଖିଲି" ଏବଂ ଶ୍ରୀକୃଷ୍ଣ ଲଳିତାଙ୍କୁ କହୁଛନ୍ତି ଯେ, "ମୁଁ ଶୁଦ୍ଧ ସୁବର୍ଣ୍ଣର ଗୋଟିଏ ଚଳନ୍ତା ତେଜ ଘର ଭିତରେ ଝଲକି ଯିବା ଦେଖିଲି, ମୁଁ ଏତିକି ମାତ୍ର ଜାଣେ" ପ୍ରତି "**କ**" ଓ "**ଜ**" ଗୀତ ଶେଷରେ କବି ଯେଉଁ ସଂସ୍କୃତ ଗଦ୍ୟ ଦେଇ ଅଛନ୍ତି, ସେଥିରୁ ମଧ୍ୟ ଏହି ଭାବ ପ୍ରକାଶ ପାଉଅଛି । ଅତଏବ ଏହି ବଳରେ ବଳୀୟାନ ହୋଇ ମୁଁ ମଦ୍‌ରଚିତ ଚଂପୂନାଟକଟିକୁ "**ନବାନୁରାଗ**" ବୋଲି ନାମକରଣ କଲି । ଅନନ୍ତର ସାହିତ୍ୟସେବୀ ପଣ୍ଡିତ ଶ୍ରୀ କୁଳମଣି ଦାଶ ଶର୍ମ୍ମା ମହାଶୟ "କବିସୂର୍ଯ୍ୟ ଗ୍ରନ୍ଥାବଳୀ" ପ୍ରକାଶ କରିବା ଦ୍ୱାରା ଉତ୍କଳ ସାହିତ୍ୟ-ସମୁଦ୍ରରୁ ଯେଉଁ ଅମୂଲ୍ୟ ରତ୍ନଗୁଡ଼ିକ ଉଦ୍ଧାର କରି ଅନ୍ନ-ଦାୟିନୀ ମାଆ ଉତ୍କଳ ଜନନୀଙ୍କ ଶ୍ରୀ ଚରଣରେ ଅର୍ପଣ କରିଅଛନ୍ତି, ସେଥି ନିମନ୍ତେ ପଣ୍ଡିତ ମହାଶୟଙ୍କୁ ମୋର ଆନ୍ତରିକ ନମସ୍କାର । ଯେହେତୁ ୯ କବିସୂର୍ଯ୍ୟଙ୍କର "କିଶୋର ଚନ୍ଦ୍ରାନନ୍ଦ ଚଂପୂ"ର ପଦ୍ୟ,

Digitized by srujanika@gmail.com

ଶ୍ଳୋକ ଓ ଗଦ୍ୟରେ ପରିସ୍ଫୁଟ ଅର୍ଥ ଓ ଭାବ ପ୍ରକାଶ ଦ୍ୱାରା ପୁଣି ଉକ୍ତ କବିଙ୍କର ଅନ୍ୟାନ୍ୟ ଗୀତାବଳୀର ଓ ଢଗଢ଼ମାଳର ପ୍ରକାଶ ଦ୍ୱାରା ପଣ୍ଡିତ ମହାଶୟ ନାଟକ ଲେଖକମାନଙ୍କୁ ଅପର୍ଯ୍ୟାପ୍ତ ସାମଗ୍ରୀ ଯୋଗାଇ ଦେଇଅଛନ୍ତି । ଅତଏବ ମତ୍ ପ୍ରଣୀତ "ଚମ୍ପୂ" ନାଟକରେ ଗୀତାଭାବ ସ୍ଥାନମାନଙ୍କରେ ମୋର ନିଜ କୃତ ଗୀତ କିମ୍ବା ଅନ୍ୟ ପ୍ରାଚୀନ କବି ରଚିତ ଗୀତ ନ ଦେଇ କେବଳ ୰ କବି-ସୂର୍ଯ୍ୟଙ୍କର ଗୀତ ଗୁଡ଼ିକ ସନ୍ନିବିଷ୍ଟ କରିବା ପାଇଁ ଯଥାସାଧ୍ୟ ଚେଷ୍ଟା କରିଅଛି । କାରଣ ଉତ୍କଳ ଭାଷାର ପୁଷ୍ଟିସାଧନକାରୀ ସ୍ୱର୍ଗୀୟ କବି ୰ କବିସୂର୍ଯ୍ୟ "କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ" ଆଖ୍ୟାଧାରିଣୀ ଯେଉଁ କବିତା-ଦେବୀଙ୍କୁ କଳ୍ପନା-ମନ୍ଦିରରେ ସ୍ଥାପନ କରି ଅଛନ୍ତି, କବିଙ୍କର ସ୍ୱାର୍ଜିତ ବହୁମୂଲ୍ୟ ମଣିମୁକ୍ତା ଦ୍ୱାରା, ଏବଂ କବିଙ୍କର ହୃଦୟ-ଉଦ୍ୟାନର ପ୍ରସ୍ଫୁଟିତ କୁସୁମ ଦ୍ୱାରା ଉକ୍ତ ଦେବୀଙ୍କୁ ମଣ୍ଡନ କରିବା ଚମ୍ପୂ ନାଟକ ଲେଖକର ପ୍ରଧାନ କର୍ତ୍ତବ୍ୟ ବୋଲି ମୋର ବିଶ୍ୱାସ । ପୁନଶ୍ଚ ସର୍ବଶକ୍ତିମାନ୍ ପରମପୁରୁଷ ଶ୍ରୀକୃଷ୍ଣଙ୍କୁ ନାଟକର ନାୟକ ରୂପେ ଏବଂ ସର୍ବ-ଶକ୍ତିମୟୀ ଶ୍ରୀମତୀ ରାଧିକାଙ୍କୁ ନାୟିକାରୂପେ ପାଇ ସେହି ପରମପୁରୁଷ ଓ ପରମା ପ୍ରକୃତିଙ୍କୁ ସାଧାରଣ ପ୍ରେମିକ ପ୍ରେମିକା ପରି ଚିତ୍ରଣ କରିବା ମୋର ଅଭିମତ ନୁହେ । ତେଣୁ "କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ" ଶ୍ରୀରାଧାକୃଷ୍ଣଙ୍କର ମାଧୁର୍ଯ୍ୟ ଲୀଳାତ୍ମକ ଦୃଶ୍ୟବାକ୍ୟ ହେଲେହେଁ ନାଟକର ସ୍ଥାନ ବିଶେଷରେ "ଐଶ୍ୱର୍ଯ୍ୟ"ର କିଞ୍ଚିତ୍ ଆଭାସ ଦେବା ସମୀଚୀନ ଭାବି ତାହା କାର୍ଯ୍ୟରେ ପରିଣତ କରିବାକୁ ଚେଷ୍ଟା କରିଅଛି । କାରଣ "ଶ୍ରୀମଦ୍ଭାଗବତରେ" ସୁଦ୍ଧା "ରାସ ପଞ୍ଚାଧ୍ୟାୟୀରେ" ଗୋପୀଗଣ ଶ୍ରୀକୃଷ୍ଣଙ୍କୁ ଖୋଜୁ ଖୋଜୁ "ତୁମ୍ଭେ ଯଶୋଦା ନନ୍ଦନ ନୁହ, ତୁମ୍ଭେ ସ୍ୱୟଂ ନାରାୟଣ" ବୋଲି ସମ୍ବୋଧନ କରିଅଛନ୍ତି ।

Digitized by srujanika@gmail.com

ପୁନଶ୍ଚ ମୁଁ ନାଟ୍ୟକାର ନୁହେଁ କିମ୍ବା ଅଭିନେତା ନୁହେଁ । ମଧ ରଙ୍ଗମଞ୍ଚ ଚାଳନରେ ମୋର ସେପରି ଅଭିଜ୍ଞତା ନାହିଁ । ତେଣୁ ନାଟକର ଦୃଶ୍ୟ ବିନ୍ୟାସରେ ଏବଂ ପାତ୍ର ମୁଖରେ ଅନୁରୂପ ଭାଷା ପ୍ରୟୋଗରେ ଅନେକ ଦୋଷ ଥାଇପାରେ । ଯେହେତୁ ମୁଁ ଜଣେ ଗଞ୍ଜାମ ଜିଲ୍ଲାର ପ୍ରାନ୍ତନିବାସୀ । ପୁଣି ସ୍ଥାନୀୟ ଉତ୍କଳଭାଷା ଆନ୍ଧ୍ରଭାଷାର ଅନୁଗ୍ରହରୁ ଏକାବେଳକେ ବିକଳାଙ୍ଗ । ଯାହାହେଉ, ମୁଁ ଯେ, "କିଶୋର ଚନ୍ଦ୍ରାନନ୍ଦ ଚଂପୁ" ପରି ସୁନ୍ଦର ସୁମଧୁର କାବ୍ୟକୁ ନାଟକରେ ପରିଣତ କରିବାକୁ ସାହସୀ ହେଲି, ଉକ୍ତ ଚଂପୁର "ଘ" ଗୀତ ବର୍ଣ୍ଣିତ "ଘଟି ସରିକି କରେ, ନାହିଁ କି ବିବେକରେ ମହାର୍ଣ୍ଣବରେ ଅବଗାହିଲୁଟରେ" ପଂକ୍ତିଟି କେବଳ ମୋହପରି ଅଧମ ଲେଖକ ପ୍ରତି ସଂପୂର୍ଣ୍ଣ ଭାବେ ପ୍ରଯୁଜ୍ୟ । ତଥାପି ଏତିକି ମାତ୍ର ମୋର ଭରସା ଯେ ଉକ୍ତ ଚଂପୁ ଗୀତନାଟ୍ୟ ଖଣ୍ଡି ଶ୍ରୀ ଗୋବିନ୍ଦ ଚନ୍ଦ୍ର ଶୂର ଦେବଙ୍କ ଦ୍ୱାରା ସଂଶୋଧିତ ଓ ମାର୍ଜିତ ହୋଇଥିବାରୁ ନାଟ୍ୟ ସୌନ୍ଦର୍ଯ୍ୟଗ୍ରାହୀ ଗ୍ରାହକମାନଙ୍କ ଠାରେ ଏହା ନିତାନ୍ତ ଅନାଦର ବସ୍ତୁ ବୋଲି ପରିଗଣିତ ହେବ ନାହିଁ । ତେଣୁ ତାଙ୍କ ନିକଟରେ ମୁଁ ବିଶେଷ କୃତଜ୍ଞ ।

ଶେଷରେ ପାଠକ ପାଠିକାମାନଙ୍କ ନିକଟରେ ଏତିକି ମାତ୍ର ଅଳି ଯେ ସେମାନେ ଏହି କ୍ଷୁଦ୍ର ଗୀତ ନାଟ୍ୟର ଯାବତ ଦୋଷା ଦୋଷ ମାର୍ଜନା କରି କେବଳ ସାର ମାତ୍ର ଗ୍ରହଣ କଲେ ଲେଖକ ନିଜକୁ କୃତାର୍ଥ ମଣିବ

ସର୍ବ ଶେଷରେ ବକ୍ତବ୍ୟ ଏହି ଯେ ଏହି "**ନବାନୁରାଗ**" ଗୀତ ନାଟ୍ୟରେ ୰ ଶ୍ରୀ କବିସୂର୍ଯ୍ୟଙ୍କର "ଚଂପୁ" ଓ ଅନ୍ୟାନ୍ୟ ଗୀତର ରଙ୍ଗମଞ୍ଚରେ ଅଭିନୟୋପଯୋଗୀ ସ୍ଥାନ ସ୍ଥାନର ପଦଗୁଡ଼ିକ

Digitized by srujanika@gmail.com

ମାନ ସନ୍ନିବିଷ୍ଟ କରାଯାଇ ଅଛି । ତେଣୁ ଯେଉଁମାନଙ୍କର ଉକ୍ତ ଗୀତାବଳୀର ପୁର୍ଣ୍ଣ ପଦଗୁଡ଼ିକ ପଢ଼ିବାକୁ କମ୍ବା ଜାଣିବାକୁ ଇଚ୍ଛା, ସେମାନଙ୍କ ପ୍ରତି ପଣ୍ଡିତ ଶ୍ରୀ କୁଳମଣି ଦାଶ ଶର୍ମାଙ୍କର "କବିସୂର୍ଯ୍ୟ ଗ୍ରନ୍ଥାବଳୀ" ଅତି ଉପାଦେୟ ବସ୍ତୁ । କମଧିକମିତି ।

ତରଳା ଗଡ଼
ଜିଲ୍ଲା ଗଞ୍ଜାମ

ବଶମ୍ବଦ
ଲେଖକ—

Digitized by srujanika@gmail.com

ପାତ୍ର ପରିଚୟ

ପୁରୁଷ

ଶ୍ରୀକୃଷ୍ଣ		ନନ୍ଦନନ୍ଦନ ରୂପେ ଗୋଲକପତି ଭଗବାନ୍
ବଳରାମ	...	ରୋହିଣୀ ନନ୍ଦନ ରୂପେ ଅନନ୍ତ ଦେବ
ବ୍ରହ୍ମା		ସୃଷ୍ଟି କର୍ତ୍ତା
ନାରଦ	...	ଦେବର୍ଷି
ଲବଣଧ୍ୱଜ		ଗନ୍ଧର୍ବ ରାଜ
ମଧୁମଙ୍ଗଳ, ସୁବଳ, ଦାମ, ସୁଦାମ	...	ଶ୍ରୀକୃଷ୍ଣଙ୍କ ସଖାବୃନ୍ଦ
ବଜ୍ରସେନ		ଜନୈକ ଗୋପାଳ
ଧୂମ୍ରମାର	...	ରାକ୍ଷସ
ମାୟା ଶ୍ରୀକୃଷ୍ଣ	...	ଶ୍ରୀକୃଷ୍ଣଙ୍କ ମାୟାରୂପ

ସ୍ତ୍ରୀ

ଶ୍ରୀମତୀ ରାଧା	... ...	ଶ୍ରୀକୃଷ୍ଣଙ୍କର ହ୍ଲାଦିନୀ ଶକ୍ତି
ଲଳିତା, ବିଶାଖା, ଚିତ୍ରା, ଚମ୍ପକଲତା, ସୁଦେବୀ, ରଙ୍ଗଦେବୀ, ଇନ୍ଦୁରେଖା, ତୁଙ୍ଗବିଦ୍ୟା		ଶ୍ରୀମତୀ ରାଧାଙ୍କର ସଖୀ ରୂପେ ମହାଶକ୍ତି ରାଧାଙ୍କର ଅଷ୍ଟଶକ୍ତି ।

Digitized by srujanika@gmail.com

ପୌର୍ଣ୍ଣମାସୀ	ପରମ ବୈଷ୍ଣବୀ ରୂପେ ଭଗବାନ୍ ଶ୍ରୀକୃଷ୍ଣଙ୍କର ଚିତ୍ ଶକ୍ତି ।
ବୃନ୍ଦା	ବୃନ୍ଦାବନର ଅଧିଷ୍ଠାତ୍ରୀ ଦେବୀ ଓ ଦୂତୀ ରୂପେ ଭଗବାନ ଶ୍ରୀକୃଷ୍ଣଙ୍କର ଲୀଳା ।
କେଳି ମଞ୍ଜୁଳା	ଗନ୍ଧର୍ବ ରାଣୀ
ମଞ୍ଜରୀ ...	ଗୋପାଙ୍ଗନା
ମଲ୍ଲିକା	ଶବରୀ
ଜଟିଳା	ଶ୍ରୀମତୀ ରାଧାଙ୍କର ଶାଶୁ ।
କୁଟିଳା	ଶ୍ରୀମତୀ ରାଧାଙ୍କର ନଣନ୍ଦ ।
କାମୋଦା } ସାବେରୀ }	ମୁଗ୍ଧା ଗୋପ କନ୍ୟାଗଣ

ଗନ୍ଧର୍ବ କନ୍ୟାଗଣ, ମୁଗ୍ଧା ଗୋପକନ୍ୟାଗଣ, ବନଦେବୀଗଣ, ସଖୀଗଣ ।

ଲୀଳାସ୍ଥଳୀ

ଶ୍ରୀ ବୃନ୍ଦାବନ, ଗୋପପୁର, ଯମୁନାତୀର, ଗିରି ଗୋବର୍ଦ୍ଧନ ।

Digitized by srujanika@gmail.com

ନବାନୁରାଗ

•

ପ୍ରସ୍ତାବନା

ଶ୍ରୀ ନାରାୟଣ ଶୂରଦେବ,
ଯୁବରାଜ, ତରଳା

Digitized by srujanika@gmail.com

ନବାନୁରାଗ

ପୂର୍ବ ରଙ୍ଗ

ସ୍ଥାନ—ଶ୍ରୀ ବୃନ୍ଦାବନ-ଯମୁନା ନଦୀ

ଲାବଣ୍ୟଧ୍ୱଜ, କେଳୀମଞ୍ଜୁଳା, ନାରଦ, ଶ୍ରୀକୃଷ୍ଣ, ରାଧା, ଗନ୍ଧର୍ବ କନ୍ୟାଗଣ, ସଖୀଗଣ, ବନଦେବୀଗଣ ।

—ଯବନିକା—

Digitized by srujanika@gmail.com

—ଓଁ ତତ୍‌ସତ୍—

ପୂର୍ବ ରଙ୍ଗ

ସ୍ଥାନ—ଶ୍ରୀ ବୃନ୍ଦାବନ ।

(ଯମୁନା ନଦୀ । ତୀରରେ ନାନାବିଧ ତରୁଲତା । ସୁବର୍ଣ୍ଣ ନିର୍ମିତ ନାନା କୁସୁମ ମଣ୍ଡିତ ଏକ ସୁନ୍ଦର ନୌକାରେ ଲବଣ୍ୟଧ୍ୱଜ ଗନ୍ଧର୍ବ ନିଜ ପ୍ରଣୟିନୀ କେଳୀମଞ୍ଜୁଳାକୁ ଘେନି ଯମୁନାରେ ନାବକେଳୀ କରିବାରେ ମତ୍ତ । କୂଳରେ ଦୁଇ ପାର୍ଶ୍ୱରେ ଦୁଇଟି ପଥର ପୀଠ ଉପରେ ଦୁଇଜଣ ଗନ୍ଧର୍ବ କନ୍ୟା ବସି ବୀଣା ବଜାଉ ଥାଆନ୍ତି । ଆଉ ଦୁଇ ଜଣ ଗନ୍ଧର୍ବ କନ୍ୟା ଦୁଇ ପାର୍ଶ୍ୱରେ ବସି ଫୁଲମାଳ ଗୁନ୍ଥୁ ଥାଆନ୍ତି । ଆଉ କେତେଜଣ ଗନ୍ଧର୍ବ କନ୍ୟା ବୀଣା ତାନରେ ତାଳେ ତାଳେ ନାଚୁ ଥାଆନ୍ତି । ଫୁଲ ତୋଳୁ ଥାଆନ୍ତି । ନୌକା ଆସି କୂଳରେ ଲଗିଲା । ଲବଣ୍ୟଧ୍ୱଜ କେଳୀମଞ୍ଜୁଳା ନୌକାରୁ ଓହ୍ଲାଇ କୂଳକୁ ଆସିଲେ । ଗନ୍ଧର୍ବ କନ୍ୟାଗଣ ସେମାନଙ୍କୁ ପାଛୋଟି ଆଣି ଫୁଲମାଳା ଦେଇ ନାନାବିଧ ଭଙ୍ଗିରେ ନୃତ୍ୟକରି ଅଭିବାଦନ କରି ପ୍ରସ୍ଥାନ କଲେ ।)

ନୀରଦ—(ଆକାଶରେ ଅଲକ୍ଷିତ ଭାବେ ରହି)

ଶ୍ଳୋକ

"ତେନେ ଯେନୈବ କୃଷ୍ଣା ବସନ-ବିତରଣୋ ଦ୍ୱେଗନୈ ପୁଣ୍ୟ ପୁଣ୍ୟଂ ପାର୍ଥାନର୍ଥାନ୍ ବିରୁଣା ମଧୁପତି-ବିହିତାନ୍ ଯୋ ଜୁହାବାବିବାଗ୍ନୌ"॥

Digitized by srujanika@gmail.com

କେଳୀମଞ୍ଜୁଳା—ଅହା ! କି ମଧୁର ସଙ୍ଗୀତ ! କାହା ସ୍ୱର ?
ଲବଣ୍ୟଧ୍ୱଜ—ଅଉ କିଏ ! ସେହି ସଙ୍ଗୀତ ବିଶାରଦ ନାରଦ ମୁନି !
ତାଙ୍କର ବୀଣାନାଦ, ତାଙ୍କର ଶ୍ଳୋକ ପାଠ ।
କେଳୀମଞ୍ଜୁଳା—କୋଉଠି ?
ଲବଣ୍ୟଧ୍ୱଜ—ଆକାଶରେ—ମେଘ ଯାନରେ ।
କେଳୀମଞ୍ଜୁଳା—କଅଣ ଏଣିକି ଆସିବେ ?
ଲବଣ୍ୟଧ୍ୱଜ—ଆସି ପାରନ୍ତି । ସେ ତ ଗଗନଗାମୀ ।
ନାରଦ—(ଶ୍ଳୋକ ପାଠ କରି ଆକାଶରୁ ଓହ୍ଲାଇବା)

ଶ୍ଳୋକ

"ସତ୍ୟା ମତ୍ୟାନୟୃଦ୍ ଯୋ ଭୁବମମରତରୁଂ ସ୍ୱର୍ଗତୋନର୍ଗଲୌକାଃ ।
ହତ୍ୱା ଦତ୍ୱା ବଳାଦ୍ଦୈଃ ସ ପରମ ପୁରୁଷଃ ସନ୍ତତଂ ଶଂ ତନୋ ତୁ"॥

(ନାରଦଙ୍କ ଶ୍ଳୋକ ପାଠ ସମୟରେ ଗନ୍ଧର୍ବ ଦମ୍ପତି ଧୀରେ ଧୀରେ ଆସି ନାରଦଙ୍କୁ ପ୍ରଣାମ କରିବା ଓ ନାରଦ ହାତ ଟେକି କଲ୍ୟାଣ କରିବା)

ଯେ ଦ୍ରୌପଦୀଙ୍କୁ ବସନ ଦାନକରି ପୁଣ୍ୟ ଅର୍ଜିଥିଲେ, ଯେ ପାଣ୍ଡବ ପକ୍ଷ ଘେନି ଦୁର୍ଯୋଧନ କୃତ ଅନିଷ୍ଟକୁ ଯୁଦ୍ଧ ଅଗ୍ନିରେ ଆହୁତି ଦେଇଥିଲେ, ଯେ ସତ୍ୟଭାମାଙ୍କ ପାଇଁ ସ୍ୱର୍ଗରୁ ପାରିଜାତ ତରୁ ଆଣିଥିଲେ, ଯେ ଗଜକୁ ଗ୍ରାହଗ୍ରାସରୁ ରକ୍ଷାକଲେ, ସେହି ପରମ ପୁରୁଷ ଶ୍ରୀକୃଷ୍ଣ ସର୍ବଦା ମଙ୍ଗଳ ବିସ୍ତାର କରନ୍ତୁ ।
ଲବଣ୍ୟଧ୍ୱଜ—ଶ୍ରୀକୃଷ୍ଣ ! କିଏ ସେ ମହାତ୍ମା ?
ନାରଦ—ଯେ ସମସ୍ତଙ୍କ ଚିତ୍ତକୁ ଆକର୍ଷଣ କରନ୍ତି, ଯେ କାଳରୂପେ ଜଗତକୁ କର୍ଷଣ କରନ୍ତି, ଯେ କର୍ଷଣ ଦ୍ୱାରା ହୃଦୟକୁ ପାପଶୂନ୍ୟ କରନ୍ତି, ସେହି ପରମ ପୁରୁଷହିଁ ଶ୍ରୀକୃଷ୍ଣ ।

Digitized by srujanika@gmail.com

ଲବଣ୍ୟଧ୍ୱଜ—ତେବେ ବର୍ତ୍ତମାନ କାହାର କୀର୍ତ୍ତି ଗାୟନ କଲେ ?

ନାରଦ—ସେହି ପୂର୍ଣ୍ଣବ୍ରହ୍ମ ଶ୍ରୀକୃଷ୍ଣଙ୍କର, ଯେ କି ବର୍ତ୍ତମାନ ବ୍ରଜଧାମରେ ନନ୍ଦନନ୍ଦନ ରୂପେ ପ୍ରକଟିତ ।

କେଳୀମଞ୍ଜୁଳା—ଦ୍ରୌପଦୀଙ୍କୁ ବସନ ଦାନ କରିବା ଆଦି ଘଟଣା କେବେ ଘଟିଚି, ଋଷିବର ?

ନାରଦ—ଘଟିଚି, ଘଟିବ ।

ଲବଣ୍ୟଧ୍ୱଜ—କିପରି ?

ନାରଦ—(ମୃଦୁ ହାସ୍ୟ ସହ) ଦେଖ, ସତ୍ୟ, ତ୍ରେତୟା, ଦ୍ୱାପର, କଳି ଏହିପରି ଚାରିଯୁଗ ଅବହମାନ କାଳରୁ କ୍ରମାନ୍ୱୟେ ଚାଲିଚି । ଯେଉଁ ଯୁଗରେ ଯେଉଁ ଘଟଣା ଘଟିଥାଏ, ସେହି ଘଟଣା ସେହିଯୁଗ ପହଞ୍ଚିଲେ ପୁଣି ଘଟେ ।

କେଳୀମଞ୍ଜୁଳା—ବୁଝେଇ କହ, ଦେବର୍ଷେ !

ନାରଦ—ଦେଖ ବର୍ତ୍ତମାନ ଦ୍ୱାପର ଯୁଗ । ଏହି ଯୁଗରେ କୁରୁବଂଶ ପାଣ୍ଡୁବଂଶ ମଧ୍ୟରେ ମହାଯୁଦ୍ଧ ଘଟିବ । ଏହି ଯୁଦ୍ଧରେ ଭଗବାନ୍ ଶ୍ରୀକୃଷ୍ଣ ପାଣ୍ଡବ ପତ୍ନୀ ଦ୍ରୌପଦୀଙ୍କ ଲଜ୍ଜା ନିବାରଣ ପାଇଁ କୁରୁ ସଭାରେ ବସନଦାନ କରିବେ । ଦ୍ୱାପର ଯୁଗପରେ କଳିଯୁଗ ଆରମ୍ଭ । ଏହିପରି କେତେ ସତ୍ୟ, କେତେ ତ୍ରେତୟା, କେତେ ଦ୍ୱାପର ହୋଇ ଯାଇଛି—ପୁଣି ହେବ, ତେଣୁ ଏହି ଦ୍ୱାପର ଯୁଗରେ ଯାହା ଯାହା ଘଟିବ, ତାହା ଏପରି କେତେ ଅତୀତ ଦ୍ୱାପର ଯୁଗରେ ଘଟିଯାଇଚି; ପୁଣି କେତେ ଭବିଷ୍ୟତ୍ ଦ୍ୱାପର ଯୁଗରେ ଘଟିବ । ସୃଷ୍ଟି ସ୍ଥିତି ଲୟ ଯୁଗେ ଯୁଗେ ଚାଲିଚି । ସେଥିପାଇଁ ଭଗବାନ୍ ଶ୍ରୀକୃଷ୍ଣ କହିଚନ୍ତି—

"ପରିତ୍ରାଣାୟ ସାଧୁନାମ୍ ବିନାଶାୟଚ ଦୁଷ୍କୃତାମ୍ ।
ଧର୍ମ୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ" ।—

Digitized by srujanika@gmail.com

ଲାବଣ୍ୟଧ୍ୱଜ—ତେବେ ଶ୍ରୀକୃଷ୍ଣ ବ୍ରଜଧାମରେ ନନ୍ଦସୁତ ରୂପେ ପ୍ରକଟିତ ହେବାର ଉଦ୍ଦେଶ୍ୟ କି, ମୁନିବର ?

ନାରଦ—ଦୁଷ୍ଟଦଳନ, ଶିଷ୍ଟ ପାଳନ, ଧର୍ମ ସଂସ୍ଥାପନ । ସେଥିପାଇଁ ଶ୍ରୀକୃଷ୍ଣଙ୍କ ମହାଶକ୍ତି ମଧ୍ୟ ଶ୍ରୀମତୀ ରାଧା ରୂପରେ ବ୍ରଜଧାମରେ ବୃଷଭାନୁ ଘରେ ପ୍ରକଟିତା ।—

କେଳୀମଞ୍ଜୁଳା—ବୃଷଭାନୁ ଘରେ କାହିଁକି ?

ନାରଦ—ସୂର୍ଯ୍ୟଦେବ ପ୍ରକୃତି ଦେବୀଙ୍କୁ କନ୍ୟାରୂପେ ପାଇବା ପାଇଁ ବହୁଦିନ ତପସ୍ୟା କଲେ—ତେଣୁ ସୂର୍ଯ୍ୟ ବ୍ରଜଧାମରେ ବୃଷଭାନୁ ରୂପେ ଜାତ ହେଲେ; ପ୍ରକୃତି ଦେବୀ ରାଧାଙ୍କୁ କନ୍ୟାଭାବେ ପାଇଲେ ।—

ଲାବଣ୍ୟଧ୍ୱଜ—ରାଧା ପରା ଶ୍ରୀକୃଷ୍ଣଙ୍କର ମହାଶକ୍ତି ?

ନାରଦ—ସେହି ପରମ ପୁରୁଷ ଶ୍ରୀକୃଷ୍ଣଙ୍କର ମହାଶକ୍ତିହିଁ ପରମା ପ୍ରକୃତି ରାଧା । ସେହି ମହାଶକ୍ତି ବଳରେ—ସେହି ପ୍ରେମମୟୀଙ୍କର ପବିତ୍ର ପ୍ରେମ ବଳରେ—ଭଗବାନ୍ ଶ୍ରୀକୃଷ୍ଣ ଦୁଷ୍କୃତମାନଙ୍କୁ ବିନାଶ କରି ଜଗତରେ ଧର୍ମ ସଂସ୍ଥାପନ କରିବେ ।

କେଳୀମଞ୍ଜୁଳା—(ନେପଥ୍ୟେ ଶ୍ରୀକୃଷ୍ଣଙ୍କ ବଂଶୀଧ୍ୱନି ଶୁଣି) ଆହା ! କି ମଧୁର ଧ୍ୱନି !

ଲାବଣ୍ୟଧ୍ୱଜ—ଏ କି ନାଦ, ତପୋନିଧି !

ନାରଦ—ଶ୍ରୀକୃଷ୍ଣଙ୍କର ସେହି ମୋହନ ମୁରଲୀ ନାଦ ଯେଉଁ ଅପୂର୍ବ ସଙ୍ଗୀତ ଶ୍ରବଣରେ ସୂର୍ଯ୍ୟ କିରଣ ଦାନ କରେ, ମଳୟ ସୁଗନ୍ଧ ବିତରଣ କରେ, ପ୍ରକୃତି ଅଙ୍ଗରେ ପୁଲକ ଜାତହୁଏ । ଚାଲ ଗନ୍ଧର୍ବ ଦମ୍ପତି ! ଗୁପ୍ତ ଭାବେ ରହି ସେହି ମଧୁର ରୂପସୁଧା ପାନ କରିବା ।

Digitized by srujanika@gmail.com

ଲବଣ୍ୟଧ୍ୱଜ—ଯଥା ଅଜ୍ଞା ! (ନାରଦଙ୍କ ସହ ଲବଣ୍ୟଧ୍ୱଜ ଓ କେଳୀମଞ୍ଜୁଳାର ପ୍ରସ୍ଥାନ)

(ନେପଥ୍ୟେ ମୃଦୁ ସଙ୍ଗୀତ । ଶ୍ରୀକୃଷ୍ଣ ବଂଶୀବାଦନ କରି ନାଚି ନାଚି ଝୁଲି ଝୁଲି ପ୍ରବେଶ କରି ଯମୁନା ତୀରସ୍ଥ କଦମ୍ବ ବୃକ୍ଷମୂଳେ ତ୍ରିଭଙ୍ଗିରେ ଉଭା ହେବା ଓ ପୁଣି ଉନ୍ମାଦକ ରାଗରେ ବଂଶୀ ବାଦନ କରିବା । ସେହି ବଂଶୀ ନାଦ ଶୁଣି ହରଣ ହରିଣୀ, ମୟୂର ମୟୂରୀ ଆନନ୍ଦରେ ଡେଇଁ ଡେଇଁ ନୃତ୍ୟ କରି କରି ବାହାରି ଯିବା । ଯମୁନାରେ ହଂସ କେରଣ୍ଡାଦି ଜଳପକ୍ଷୀଗଣ ଆନନ୍ଦରେ ପହଁରିବା । ରାଧା ଓ ସଖୀଗଣ କଳଶ ଧରି ବଂଶୀ ନାଦରେ ତାଳେ ତାଳେ ପାଦ ପକାଇ ପହଞ୍ଚିବା । କଳଶ ସବୁ ମାର୍ଜନା କରି ଯମୁନାରୁ ପାଣି ନେଇ ପ୍ରସ୍ଥାନ କରିବା । ପ୍ରସ୍ଥାନ କଲାବେଳେ ରାଧା ଶ୍ରୀକୃଷ୍ଣଙ୍କୁ ଚାହିଁ ଚାହିଁ ଧୀରେ ଧୀରେ ପାଦ ପକାଇବା । ଶ୍ରୀକୃଷ୍ଣ ମଧ୍ୟ ରାଧାଙ୍କୁ ଏକ ଦୃଷ୍ଟିରେ ଚାହିଁ ଚାହିଁ ବାହାରି ଯିବା ।)

ନାରଦ—(ଲବଣ୍ୟଧ୍ୱଜ ଓ କେଳୀ ମଞ୍ଜୁଳା ସହ ପହଞ୍ଚି) ଦେଖିଲ, ଗନ୍ଧର୍ବ, ସେହି ଉଜ୍ଜ୍ୱଳ ନୀଳମଣି କାନ୍ତି ଛିଣା ଶ୍ରୀ କୃଷ୍ଣଙ୍କୁ, ତପ୍ତ କାଞ୍ଚନ ଗୌରାଙ୍ଗୀ ଶ୍ରୀମତୀ ରାଧାଙ୍କୁ ?

କେଳୀମଞ୍ଜୁଳା—ଅହୋ ! କେଡ଼େ କମନୀୟ ସେହି ଶ୍ୟାମସୁନ୍ଦର ରୂପ !

—ଗୀତ—

(ରାଗ-ଭୈରବୀ—ତାଳ-ଅଠତାଳୀ)

"ଶ୍ୟାମ ସମ କମନୀୟତ ନାହିଁ ଆଉ ।
ତା ବାହୁ ଭିତରେ ମୋର ଦନ ଯାଉ ।
କି ସୁନ୍ଦର ପୀତପଟ, ତ୍ରିଭଙ୍ଗ ମୁରଲୀ ନଟ !
ତା ଶିରେ ମୁକୁଟ ଦଶେ ଦାଉ ଦାଉ" ।

(କ୍ରମଶଃ)

Digitized by srujanika@gmail.com

ନାରଦ—ଧନ୍ୟ ଗନ୍ଧର୍ବ ରାଣୀ । ତୁମେ କୃଷ୍ଣ ପ୍ରେମିକା । ଯାଅ, ସେହି ପବିତ୍ର ଶ୍ରୀକୃଷ୍ଣ ନାମ ସଂକୀର୍ତ୍ତନ କରି ବୃନ୍ଦାବନକୁ ଆନନ୍ଦମୟ କର ।

ଲବଣ ଧ୍ୱଜ—ତେବେ ନେଇ ଚାଲ ମୋତେ ସେହି ଶ୍ରୀକୃଷ୍ଣ ବିହାର ସ୍ଥଳ ବୃନ୍ଦାବନକୁ । ପୁଣି ଥରେ ଶ୍ରୀ ରାଧା କୃଷ୍ଣଙ୍କର ଯୁଗଳ ମୂର୍ତ୍ତି ଦର୍ଶନ କରି ନୟନ ସାର୍ଥକ ହେଉ ।

ନାରଦ—(ହସି) ବାତୁଳ ହୁଅନା, ଗନ୍ଧର୍ବ । ଏହିତ ବୃନ୍ଦାବନ—ଶ୍ରୀକୃଷ୍ଣଙ୍କର ମାଧୁର୍ଯ୍ୟ-ଲୀଳା ସ୍ଥଳୀ ।

ଲବଣ୍ୟଧ୍ୱଜ—ଦେବର୍ଷେ । ପୁଣି ଥରେ ଦେଖାଅ ସେହି ନୀଳୋତ୍ପଳ ଶ୍ୟାମମାଧୁରୀ କି । ସେହି ଘଟଣ ଶ୍ରୀମୁଖ ସୁନ୍ଦର ପଣ ଦର୍ଶନ ପାଇଁ ମନପ୍ରାଣ ବଡ଼ ଲାଳାୟିତ !—

ନାରଦ—ଅସ ତେବେ । [ପ୍ରସ୍ଥାନ]

ଲବଣ୍ୟଧ୍ୱଜ—ଉତ୍ତମ । ଅସ ପ୍ରିୟେ ! (କେଳୀମଞ୍ଜୁଳା ସହ ପ୍ରସ୍ଥାନ)

ବନଦେବୀଗଣ— (ପହଞ୍ଚି ଗୀତ ଓ ନୃତ୍ୟ)

—ଗୀତ—

(ରାଗ-ଧନାଶ୍ରୀ—ତାଳ-ଅଠତାଳୀ)

"ଘେନ ଘେନ ମନ ଘନ ସମ ଶ୍ୟାମଳଅଙ୍କୁ ।
ପିଲାଟି ଦିନୁ ପୂତନା ପ୍ରାଣ କବଳଅଙ୍କୁ ।
ମଦ ଗଜ ଗମନଙ୍କୁ ମକର କୁଣ୍ଡଳଅଙ୍କୁ ।
ଅଖଣ୍ଡ ଚନ୍ଦ୍ର ସୁନ୍ଦର ମୁଖ ମଣ୍ଡଳଅଙ୍କୁ ॥"—

(କବିସମ୍ରାଟ)

—ଯବନିକା—

Digitized by srujanika@gmail.com

ନବାନୁରାଗ

ପ୍ରଥମ ଅଙ୍କ

ନାରାୟଣ ଶୂର ଦେବ,
ଯୁବରାଜ, ତରଲା

Digitized by srujanika@gmail.com

ନବାନୁରାଗ

—ପ୍ରଥମ ଅଙ୍କ—

ପ୍ରଥମ ଦୃଶ୍ୟ

ଉପବନ

ରାଧା, ଲଳିତା, କୁଟିଳା ।

ଦ୍ୱିତୀୟ ଦୃଶ୍ୟ

ବୃନ୍ଦାବନ ପଥ

ମଲ୍ଲିକା, ବୃନ୍ଦା, ପୌର୍ଣ୍ଣମାସୀ ।

ତୃତୀୟ ଦୃଶ୍ୟ

ଶ୍ରୀମତୀ ରାଧାଙ୍କ ବେଶହରଣ ଘର

ରାଧା, ଲଳିତା, ବିଶାଖା, ଚନ୍ଦ୍ରା, ଚଂପକଲତା, ସୁଦେବୀ, ସଖୀଗଣ ।

ଚତୁର୍ଥ ଦୃଶ୍ୟ

ଗୋପଦାଣ୍ଡ—ରାଜପଥ

ବଜ୍ରସେନ, ମଞ୍ଜରୀ ।

ପଞ୍ଚମ ଦୃଶ୍ୟ

ଯମୁନା ତୀର—କଦମ୍ବ ମୂଳ

ଶ୍ରୀକୃଷ୍ଣ, ଲଳିତା, ମଧୁମଙ୍ଗଳ, ବଳରାମ, ବନଦେବୀଗଣ ।

—ଯବନିକା—

Digitized by srujanika@gmail.com

ପ୍ରଥମ ଅଙ୍କ

ପ୍ରଥମ ଦୃଶ୍ୟ

ଉପବନ

(ମାଳତୀ କୁଞ୍ଜରେ ଏକ ପଥର ପୀଠ ଉପରେ ତନ୍ମୟ ଭାବେ ଶ୍ରୀମତୀ ରାଧା । ଲଳିତା ମୟୂର ଝାଲରୀ ବିଞ୍ଚଣା ଧରି ରାଧାଙ୍କୁ ବିଞ୍ଚୁଥିବା । ନେପଥ୍ୟେ ଶ୍ରୀକୃଷ୍ଣଙ୍କର ମଧୁର ମୁରଲୀ ଧ୍ୱନି ଶୁଣି ଶ୍ରୀମତୀ ରାଧା ପ୍ରେମାବେଶ ଭାବେ ରହିବା । ରାଧାଙ୍କ ଶ୍ରୀଅଙ୍ଗରେ ଘନ ଘନ ପୁଲକ ଜାତ ।)

ଲଳିତା—ରାଧେ ! ଆଜି ଏ କି ନୂତନ ଭାବ ? ଦିନେତ ଦେଖା- ନାଇ ! ସତେ, କଅଣ ହେଲା, କହ ରାଧେ ?

ରାଧା—(ଲଳିତାର ହାତଧରି ଆଗ୍ରହରେ)

ଗୀତ

(ରାଗ ସାବେରୀ—ତାଳ-ତ୍ରିପୁଟା)

"କି ହେଲରେ, କହିତ ନୁହଇ ଭାରତୀରେ"

(ଗାଇ ଲଜ୍ଜାରେ ରହିବା)

ଲଳିତା—ତୁମି ହେଲ କାହିଁକି, ରାଇ ? ଏତେ ଲାଜ କାହିଁକି, କହ, ମୋ ରାଣ !

ରାଧା— "କାଳି ଯା ଦୂରରୁ, ଦେଖି, କଳନା କଲି ମୋ ଆଖି କଳା ଇନ୍ଦୀବର ଆରତରେ" ॥ ୧ ।

Digitized by srujanika@gmail.com

ଲଳିତା—ସେଠୁ କଅଣ ହେଲା ? କୋଉଠି ଦେଖିଲ ? କେତେ-
ବେଳେ ?

ରାଧା— "କେଳି କଦମ୍ବ ଲତାର, କୋଟଲେ କି ଶ୍ୟାମଲତାର,
ତେଜ ସେ ରବି ସୁତାର ତୀରେ" ॥ ୨ ॥

ସତେ, ସଖି, ଯମୁନା ତୀରେ କେଡ଼େ ସୁନ୍ଦର ନୀଳବର୍ଣ୍ଣ
ତେଜଟିଏ ଦେଖିଲି ! ଲାଜଛାଡ଼ି କହୁଚି, ଲଳିତା ! ସେହି
ଶ୍ୟାମବର୍ଣ୍ଣ ତେଜ ଦେଖି ମନଟା କେଜାଣି କଅଣ ହୋଇ-
ଗଲା ! ଭାବିଲି ତତ୍‌କ୍ଷଣେ ଯାଇ ସେହି ଶ୍ରୀଅଙ୍ଗରେ ଲୀନ
ହୋଇଯିବି !

ଅହା ! "କି ମୋହନ ଲୀଳାଧର, କୋଟି କଳାକର ଶିରୀ,
ପୂରିଛି ସେ ଶ୍ୟାମ ମୂରତିରେ" ॥ ୩ ॥

ଲଳିତା—(ମୁରୁକି ମୁରୁକି ହସି) ହଁଅ, ସେଠୁ କଅଣ କଲ ?

ରାଧା—କରିବି ଅଉ କଅଣ ! ମନେ ମନେ ବିଧାତାକୁ ବଡ
ଧିକ୍କାରିଲି ! କହିଲି ଏପରି ରୂପ ସୃଷ୍ଟି କରି ମୋର ଶାଶୁ ବୁଢ଼ୀ
ଠାରୁ ଯାହା ବଞ୍ଚେଇ ରଖିଲ ?

ଲଳିତା—କାହିଁକି ? ଶାଶୁ ବୁଢ଼ୀ ଏଥିରେ କି ଦୋଷ କଲେ ?

ରାଧା—ଶାଶୁ ନଣନ୍ଦ ଘରେ ନାନାଦ ଅକଟ ।

ଲଳିତା—ହଁଅ ! ସେଠୁ ?

ରାଧା— "କୋମଳତର ମୋହନ, କୁଞ୍ଜକୁଟିରୁ ନିଃସ୍ୱନ,
ଅସି ଚୁମ୍ବିଦେଲା ମୋ ଶ୍ରୁତିରେ" ॥ ୪ ॥

ସତେ, ସଖି ! କଅଣ ସେ ? କିଏ ସେ ?

(ଲଳିତାକୁ ଚାହିଁ ରହିବା)

ଲଳିତା—କଅଣ ଅଉ କହିବ ! ତୁମେତ ଜାଣି ଜାଣି ନିଅଁରେ
ହାତ ପୁରେଇଲଣି !

Digitized by srujanika@gmail.com

ରାଧା—(ଶଙ୍କାକୁଳ ମନରେ) କଅଣ ଲଳିତେ ! ସତ କହ ! ମୋ ରାଣ !

ଲଳିତା—ଯମୁନା କୂଳରେ ତୁମେ ଯେଉଁ ନୀଳବର୍ଣ୍ଣ ତେଜଟିଏ ଦେଖି ଭୋଳ ହୋଇଗଲ, ତାହା କୌଣସି ତେଜ ନୁହେ କି ବର୍ଣ୍ଣ ନୁହେ ।

ରାଧା—ତେବେ ?

ଲଳିତା—ଗୋପରାଜ ନନ୍ଦଙ୍କର ଗେହ୍ଲାପୁଅ ଶ୍ରୀକୃଷ୍ଣଙ୍କର ଶ୍ରୀଅଙ୍ଗ ଜ୍ୟୋତି ।

ରାଧା—ସତେ ! ତେବେ ତାଙ୍କ ନାଁଅ କଅଣ ଶ୍ରୀକୃଷ୍ଣ ?

ଲଳିତା—କିଏ କହେ ଶ୍ରୀକୃଷ୍ଣ, କିଏ କହେ ଶ୍ୟାମସୁନ୍ଦର, କିଏ କହେ କଳା କହ୍ନାଇ । ଏହିପରି ତାଙ୍କର ଅନେକ ନାମ । (କିଞ୍ଚିତ୍ ବିଷଣ୍ଣ ଭାବେ) ହେଲେ କଅଣ ହେବ, ତୁମ ପାଇଁ ମୋ ମନଟା ଭାରି ଧାଖି ହେଉଚି !

ରାଧା—(କିଞ୍ଚିତ୍ ଭୀତଭାବେ) କାହିଁକି, ସହି ! କଅଣ କିଛି ଅନିଷ୍ଟ ଘଟିବ !

ଲଳିତା—ଯେ ପିଲାଦିନେ ପୂତନାର ପ୍ରାଣ ହରିନେଲେ, ସେ କି ତୋତେ ଆଉ ବାକି ରଖିବ ! ସତେ, ରାଧେ ! ତୁ କି ସାହସ କଲୁ ! ଦୂରରୁ ଦେଖି ଯେତେବେଳେ ଶ୍ୟାମ ସ୍ନେହରେ ମଜି ଗଲୁଣି, ଆଉ ବାକି ଅଛି କଅଣ ! ଖରାପ ହୋଇଗଲୁ, ସଖି, ତୁ ଖରାପ ହୋଇଗଲୁ !

Digitized by srujanika@gmail.com

—ଗୀତ—

(ରାଗ-କେଦାର—ତାଳ-ଛ ପୁଟା)

"ଖରାପ ତୁ ହେଲୁରେ ।
ଖେଳ ଲୋଳ ଖଞ୍ଜନାକ୍ଷୀ କି ସାହସ କଲୁରେ"

ରାଧା—(ଲଳିତାକୁ ଧରି) ସଖି ! ମୁଁ ତ ସେପରି କିଛି କରିନାହିଁ ।

ଲଳିତା— "ଖର୍ବ ହୋଇ ସୁରତରୁ କୁସୁମ ବାଞ୍ଛିଲୁ ରେ ।
ଖେଦ ବୀଜ ନିଜ ହୃଦ-କେଦାରେ ବୁଞ୍ଚିଲୁରେ ॥ ୧ ॥
ଖିଅଲ ପରିକି ଧର୍ମ ମନରେ ଭୁଲିଲୁରେ ।
ଖଳକାର ନୋହି କଳା ନାଗକୁ ଗୃହିଲୁ ରେ" ॥ ୨ ॥

ରାଧା—(ଉଦ୍ବିଗ୍ନ ଭାବେ) ତେବେ କଅଣ ହେବ ! କହ ସଖି ! ତୁ ତ ମୋର ମରମ କଥା ଜାଣୁ ।

(ଲଳିତା ଉପରକୁ ଢଳି ପଡ଼ି ଲଳିତାକୁ କୁଣ୍ଢେଇ ଧରିବା)

ଲଳିତା—(ରାଧାଙ୍କୁ ଛାଡ଼ି ଦେଇ) ହଁ, ହଁ, ମରମ କଥା ଜାଣେ ବୋଲିତ ନ ପଚାରି ନ ଉଚାରି ମନକୁମନ ସବୁ କରିଗଲ ! ମୋଠି ଆଉ କଅଣ ଅଛି ! ଯେ କାଦୁଅକୁ ଯିବ, ସେ ଗୋଡ ଧୋଇବ ! (ଯିବାକୁ ବାହାରିବା)

ରାଧା—(ଲଳିତାର ହାତଧରି ଅଟକାଇ) ରହ, ଲଳିତା ! କଥା ଶୁଣ ।

ଲଳିତା—(ମୁଁହ ଛୁଆଁଇ) ମୁଁ ଆଉ ଶୁଣି ପାରିବି ନାହିଁ !

ରାଧା—ଆଉ କିଏ ଶୁଣିବ, ସଖି ? ଲଳିତା ବିନା ରାଧାର ଆପଣାର ଆଉ କିଏ ଅଛି ଭଲା !

ଲଳିତା—(ଅଳ୍ପ ହସି) ଅଚ୍ଛା, ରାଧେ ! ଖରା ନାଁଅ ଧରିଲେତ ତୁମେ

Digitized by srujanika@gmail.com

ଝାଉଁ କପଟ, ଦ୍ୱଳ ସୂର୍ଯ୍ୟ ମଣ୍ଡଳକୁ କିପରି ହାତ ବଢ଼େଇ
ହେଲ ସ ? କଅଣ ଅମଳ ଖାଇଥିଲ ?
"ଖାଇ ଦେଇକି ଅମଳ ଅଚେତା ହୋଇଲୁ ରେ ।
ଖାଣ୍ଡା ଖଣ୍ଡାଧାର ଖଟ ବସୁରି ଶୋଇଲୁ ରେ" ॥ ୩ ॥

(ଗାଇ ଗାଇ ଲଳିତା ଯିବାକୁ ବାହାରିବା ଓ ରାଧା ଲଳିତା ମୁହଁକୁ
ଅଭୁର ଭାବେ ଗୃହୁଁ ଲଳିତା ସାଙ୍ଗରେ ଯିବା ସମୟରେ କୁଟିଳା
ପହଞ୍ଚିବା, କୁଟିଳାକୁ ଦେଖି ଲଳିତା ବାହାରି ଯିବା)

କୁଟିଳା—କୁଆଡେ ଯାଉଚ ବୋହୂ ? ମାଅ ଡାକୁଚନ୍ତି, ଆସ ।

ରାଧା—କାହିଁକି ? ଦନେତ ଡାକନ୍ତି ନାଇ ! ଆଜି କାହିଁକି,
କୁଟିଲେ ?

କୁଟିଳା—(ମୁଖ ବକ୍ରିତ କରି) ମୁଁ ଏତେ ପୁରାଣ ଗାଇ ପାରିବି
ନାଇ । ଆସିବତ ଆସ । ନୋହିଲେ ଯାଉଚି ମୁଁ ।

ରାଧା—କଥା କହିଲେ ଇମିତ ତମତମ ହଉଚ କାହିଁକି, ଭଉଣି ?

କୁଟିଳା—ନିଆଁ ପୋଡା ଭଉଣୀ ! ତୁମେ ବଡଘର ଝିଅ,
ସୁକୁମାରୀ ! ଆମେ ସିନା ସମସ୍ତଙ୍କର ଖଟଣି ଦାସୀ !

ରାଧା—ଏତେ ପରିହାସ କାହିଁକି, କୁଟିଳେ ? ମୁଁ କଅଣ ଘରର
ପାଇଟି ପତ୍ର କରିବାକୁ ମନାକଲି ! ଚାଲ ମାଅ ଡାକୁଚନ୍ତି ପରା !

କୁଟିଳା—(ମୁହଁ ଛାଟି) ହଉ ଆସ ।

(ଆଗେ ଆଗେ ଫରଫର ହୋଇ ପଳେଇବା)

ରାଧା—(ଶ୍ରୀକୃଷ୍ଣଙ୍କ ଭାବନାରେ ତନ୍ମୟ ହୋଇ ଯାଉ ଯାଉ) ଅହା !
କିଏ ସେ ଅଜ୍ଞାତ ପୁରୁଷ ହୃଦୟ-ଆସନରେ ମୋର ବଳେ
ବଳେ ଆସି ବସିଗଲା ! [ପ୍ରସ୍ଥାନ]

--ପଟ ପତନ--

Digitized by srujanika@gmail.com

ପ୍ରଥମ ଅଙ୍କ—ଦ୍ୱିତୀୟ ଦୃଶ୍ୟ

ବୃନ୍ଦାବନ ପଥ

ମଲ୍ଲିକା—(ନିଆଳୀ ଫୁଲ ପେଣ୍ଡାଧରି ପଇଶି)

—ଗୀତ— [ଝୁଲ]

"ତୋ ଗୃନ୍ଥ ଗୃହାଣି ଗୃହାଁ,
ମାରି ଭୁ ଅବୁର ସାରି ପକା ପଛେ,
ମୋ ନିଆଳୀ ! ମୋ ଦେହତ ସନ୍ତୁନାଇ ॥ ୧ ॥
ତୋହପରି ଭୁହ ସିନା,
ବଳେ କଲ୍ମ ପୁରେ ପୂରି ରହୁଥାଏ,
ମୋ ନିଆଳୀ ! ବନଜ ବନ ବାସନା ॥ ୨ ॥
ଚୁମ୍ବନେ କଲେ ଶରଧା
ଚରଣ ଠାରୁ କବରୀ ଯାଏ ତୋର
ମୋ ନିଆଳୀ ! କାହୁଁ ପୂରିନାହୁଁ ସୁଧା" ॥ ୩ ॥
(କବସୂର୍ଯ୍ୟ)

ବୃନ୍ଦା—(ପଇଶି) କଲେ ମଲ୍ଲିକା ! ଅଛିତ କଅଣ ଅନନ୍ଦରେ ଖାଲି ଭାସି ଯାଉଛୁ !

ମଲ୍ଲିକା—ଦେଖ୍ ତ ବନ୍ଦା ମାଆ, ଏ ନିଆଳୀ ଫୁଲ୍ ମୋତେ ଦେଖି କେଡ଼ା ହସୁଛେ ! ନେ, ଧଅ, (ବୃନ୍ଦାଙ୍କ ହାତରେ ଫୁଲ ଦେଇ) ଦେଖ୍ ମାଆ, କେଡ଼ା ସୁନ୍ଦର ଫୁଲ୍ !

ବୃନ୍ଦା—ହଁ ଯେ, ଭୁ କୋଉଠୁ ଅସିଲୁ ? ଭୁ ଭଙ୍ଗୀ କାହୁଁ ?

Digitized by srujanika@gmail.com

ମଲ୍ଲିକା—ଓଇ ସେଠାନେ—ତୋର୍ ଫୁଲ୍ ବାଗିଚାଟା ଜଗିଛେ—
ଜଗିଛେ ।

ବୃନ୍ଦା—ତେବେ, ତୁ କାହିଁକି ଆସିଲୁ ?

ମଲ୍ଲିକା—ତୋକେ ଦେଖିବାକେ ରେ ଦେଖିବାକେ । ସାରା
ଦୁଦିନ୍ ତୋର୍ ମୁଁ ନାହିଁ ଦେଖି । ଇତାରଲାଗି ଆଇସି ।

ବୃନ୍ଦା—ଅହା ! ଶବର ଜାତି କି ସରଳ ! ଯେତେ ଜଙ୍ଗଲ ଉଚ୍ଚ
ଜାତରେ !

ମଲ୍ଲିକା—କାହାଁ କହୁଚୁରେ ? ମୋତେ ଗୁଆଲ୍ ଦଉଛେ ? ମୁଁଇ
ତୋର କେନ୍ କୁସୁର୍ କରସି ଭାଏଲ୍ ?

ବୃନ୍ଦା—(ମଲ୍ଲିକାକୁ ପାଖକୁ ଟାଣି ଆଣି) ନାଇଲୋ ମଲ୍ଲି, ତୋତେ
କାହିଁକି ଗାଳି ଦେବି ! ତୁମେମାନେତ ବନଦେବୀଙ୍କର
ସୁଆଗୀ ଝିଅ ।

ମଲ୍ଲିକା—(ଘୁଞ୍ଚିଯାଇ) ଓଇ ଯା ! ମୋକେ ସୁଇଁଲୁ ? ତୋର
ଜାଏତ୍ ଗଲା !

ବୃନ୍ଦା—କାହିଁକି ?

ମଲ୍ଲିକା—ଅମେ ସବେ ଓଛବ ଜାଏତ୍ ! ଅମକେ ସୁଇଁଲେ ଜାଏତ୍
ଯାଅଛେ ?

ବୃନ୍ଦା—ଜାତ, ଅଜାତି କଅଣ ? ସମସ୍ତେ ମନୁଷ୍ୟ । ସମସ୍ତଙ୍କର
ଏକ ଦେହ, ଏକ ପ୍ରାଣ । ସମସ୍ତଙ୍କଠି ଏକ ବ୍ରହ୍ମ ।

ମଲ୍ଲିକା—(ମୁଁହ ଅଡ଼େଇ ଦେଇ) ମୁଁଇ ନାଇବୁଝିଗା । (ନେପଥ୍ୟ
ଦେଖି) ଓଇ ଦେଖ୍, ବନ୍ଦା ମାଆ ! ତୋର ସେଇ ବୁଢ଼ୀ ମାଆ
କେନ୍ତା ଢଳ ଢଳ ଅସୁଛେ ! ମୁଇଁ ଯାଅସି, ମାଆ !

(ପ୍ରସ୍ଥାନ)

Digitized by srujanika@gmail.com

ବୃନ୍ଦା—ହଁ, ଯାଅ ।

ପୌର୍ଣ୍ଣମାସୀ—(ଧୀରେ ଧୀରେ ପହଞ୍ଚି) ବୃନ୍ଦେ !

ବୃନ୍ଦା—(ପ୍ରଣାମ କରି) ବନ୍ଦେ ଭଗବତ !

ପୌର୍ଣ୍ଣମାସୀ—ସବୁ କୁଶଳ ?

ବୃନ୍ଦା—ସର୍ବ ମଙ୍ଗଳ ଶ୍ରୀକୃଷ୍ଣଙ୍କ କୁଶଳରେ ସବୁ କୁଶଳ ।

ପୌର୍ଣ୍ଣମାସୀ—କିନ୍ତୁ ଶ୍ରୀରାଧାକୃଷ୍ଣଙ୍କର—ସେହି ପୁରୁଷ ପ୍ରକୃତିଙ୍କର ମିଳନ ବିନା ଜଗତର ମଙ୍ଗଳ କାହିଁ, ବୃନ୍ଦେ !

ବୃନ୍ଦା—କିଏ କହିବ ? କେବଳ ଲୀଳାମୟଙ୍କର ଲୀଳା ପୁଷ୍ଟି କରିବା ପାଇଁ ହିଁ ପୌର୍ଣ୍ଣମାସୀ ନାମରେ ତୁମର ଅବିର୍ଭାବ !

ପୌର୍ଣ୍ଣମାସୀ—ତାହା କହନା, ବୃନ୍ଦେ । ତୁମେ ବୃନ୍ଦାବନର ଅଧିଷ୍ଠାତ୍ରୀ ଦେବୀ ପୁଣି ଶ୍ରୀକୃଷ୍ଣଙ୍କର ସାକ୍ଷାତ୍ ଲୀଳା ! ବୃନ୍ଦେ ! ଲଳିତାଙ୍କୁ ଦେଖିଥିଲ ?

ବୃନ୍ଦା—ଦେଖିଥିଲି । ଲଳିତା ଶ୍ରୀରାଧା ମନ୍ଦିରରୁ ହସି ହସି ଫେରୁଥିଲେ ।

ପୌର୍ଣ୍ଣମାସୀ—ଶୁଣିଥିଲ କିଛି ?

ବୃନ୍ଦା—ଲଳିତା ଏତିକି ମାତ୍ର କହୁଥିଲେ ଯେ ଶ୍ରୀରାଧା କୃଷ୍ଣଙ୍କର ଚକ୍ଷୁରାଗ ମିଳନ ଶୁଭକ୍ଷଣରେ ସମ୍ପନ୍ନ ହୋଇ ଯାଇଛି । ଆଉ ରାଧାଙ୍କ ହୃଦୟରେ ଶ୍ରୀକୃଷ୍ଣ ପ୍ରେମାଙ୍କୁର ବଡ ସରାଗରେ ଉଠିଛି ।

ପୌର୍ଣ୍ଣମାସୀ—ଯଥେଷ୍ଟ ! ଦେଖ ବୃନ୍ଦେ ! ଏ ଯୁଗଳ ମିଳନରେ ଲଳିତାହିଁ ପ୍ରଧାନ ଯନ୍ତ୍ର । ସେ ବଡ ଚତୁରୀ । ତେଣୁ ତୁମେ ଲଳିତା ସହ ସହଯୋଗ କରି ଏ ପ୍ରେମଯାଗର ଉଦ୍ଯୋଗ କର ।

ବୃନ୍ଦା—ଅଜ୍ଞା, ଜନନି !

Digitized by srujanika@gmail.com

ପୌର୍ଣ୍ଣମାସୀ— ତେବେ ଯାଅ । ଶ୍ରୀକୃଷ୍ଣ ନାମ ଧରି ଶୀଘ୍ର ଅନୁକୂଳ କର । ଶ୍ରୀ ବ୍ରଜବିହାରୀଙ୍କ ଲୀଳାରେ କେତେମାତ୍ର ହେଳା କରନା । (ପ୍ରସ୍ଥାନ)

ବୃନ୍ଦା—

ଗୀତ

(ରାଗ କେଦାର— ଅଡତାଳ)

"କେତେ କଉତୁକୀ କଳାଗୃନ୍ଦ ଲୋ ।
କେଉଁ ଯୁବତୀକି, ନେଉନାହିଁ ଝିଙ୍କି ତା ନୟନ ଫାନ୍ଦ ଲୋ ।
କା ମନ ନ ମୋହେ ସେ କିଶୋର ନୁହେ ଶୃଙ୍ଗାର କନ୍ଦ ଲୋ ।
କମଳାୟୁ କେକୀ ଝାଲରିଆ ସେ କି ଜଗତ ପ୍ରେମାନନ୍ଦ ଲୋ" ॥

(ବ୍ରଜବଧୂ)

[ଗାଇ ଗାଇ ପ୍ରସ୍ଥାନ]

—ପଟ ଉତ୍ତୋଳନ—

ପ୍ରଥମ ଅଙ୍କ—ତୃତୀୟ ଦୃଶ୍ୟ

ଶ୍ରୀମତୀ ରାଧାଙ୍କ ବେହରଣ ଘର

(ଗୃହ ମଧ୍ୟରେ ସୁସଜ୍ଜିତ ଛତ୍ର ପଲଙ୍କ । ଅନ୍ୟାନ୍ୟ ସ୍ଥାନରେ ନାନାଦି ବହୁମୂଲ୍ୟ ସାମଗ୍ରୀ । ରାଧାଙ୍କ ସଖୀଗଣ ନାନାଦି କାର୍ଯ୍ୟରେ ବ୍ୟସ୍ତ । କେହି ଫୁଲ ଗୁନ୍ଥୁଥାଏ, କେହି ଚନ୍ଦନ ଘୋରୁଥାଏ, କେହି ଶାଢ଼ୀ ସଜାଡୁଥାଏ, କେହି ଅଳଙ୍କାର ଉଜ୍ଜ୍ୱଳ କରୁଥାଏ, କେହି ବୀଣାଧରି ବଜାଉଥାଏ । ଶ୍ରୀମତୀ ରାଧା ପଲଙ୍କ ଉପରେ

Digitized by srujanika@gmail.com

ବସିଥିଲେ । ପଲଙ୍କକୁ ଲାଗି ଲଳିତା ରାଧାଙ୍କ ପାଖରେ ଛିଡ଼ା ହୋଇ ରାଧାଙ୍କ ଚୂର୍ଣ୍ଣ-କୁନ୍ତଳକୁ ସଜାଡ଼ି ଦେଉଥାଏ ।)

ରାଧା—(ଲଳିତାର ଅଣ୍ଟାକୁ ଭିଡ଼ିଧରି) ଲଳିତେ ! ରାଧାପ୍ରତି ଏତେ ବିମୁଖ କାହିଁକି, ସହି ? ଜଣାରେ ହଉ, ଅଜଣାରେ ହଉ, ଯାହାତ ହେବାର ହୋଇ ଯାଇଛି ! ଭଲରେ କଥା କହ, ଲଳିତା ! ଗଲା କଥାତ ଗଲାଣି ।

---ଗୀତ---

(ରାଗ-ତୋଡ଼ି ପରଜା—ତାଳ-ଅଦ୍ଧ ତାଳ)

ଗଲାଣିତ ଗଲା କଥାରେ ସଙ୍ଗାତ,
ଗୁପତେ ସିନା ମୁଁ ତୋତେ ପଚାରିଲି ବଳି ପଡ଼ିବାରୁ ବ୍ୟଥା,
ଗଙ୍ଗାରୁ ବିଷଦ ଗଭୀର ତୋ ହୃଦ ଗଣ୍ଠିଧନ ତୋର ସ୍ନେହ,
ଗୋଡ ଖସି ଖେଦ ହେବାର ଦରଦ ଯିବାର ଉପାୟ କହ”॥ ॥

ଲଳିତା—ପ୍ରେମ ଗଞ୍ଜାଇ ଖାଇ ତୁମେତ ଏକା ବେଳକେ ଭୋଳ ! ମୁଁ ଆଉ କହିବି କଅଣ !

ରାଧା—ଗଞ୍ଜାଇତ ଛାର ! ଏ ପ୍ରେମ ଗରଳରୁ ବଳି କଟୁ ! ହେଲେ କଅଣ ହେବ, ମୋତେ କାହିଁକି ଅମୃତ ଠାରୁ ଅଧିକ ସ୍ୱାଦୁ ଲାଗୁଛି !

ଲଳିତା—(ହସି ହସି) ହିଁ, ହିଁ, ଅମଳ ଖାଇଲା ଲୋକକୁ ପରା ସବୁ ସ୍ୱାଦୁ !

(ନେପଥ୍ୟେ ଶ୍ରୀକୃଷ୍ଣଙ୍କ ବଂଶୀଧ୍ୱନି)

ରାଧା—(ବଂଶୀସ୍ୱନ ଶୁଣି ଚମକି ପଡ଼ି ପୁଲକିତ ମନରେ) ଶୁଣ, ଲଳିତା ! ସେହି ମଧୁର ମୁରଲୀ ଧ୍ୱନି !

Digitized by srujanika@gmail.com

"ଗୋଳ ଦେଲା ମୋର ବାହାର ଭିତର ସ୍ୱରସେ ଅବା ଶରସେ
ଗାତ୍ର ଗୋଟିଯାକ ପୂରିଲା ପୁଲକ ଶ୍ରବଣ ସୀମା ପରଶେ" ॥୨॥

ଲଳିତା—ମୋ ଆଗରେ କହୁଲେ ମୁଁ ଅବା କଅଣ କରିବ ! ସବୁତ ଆଗରୁ ସାରିଦେଇଚ !

ରାଧା—ମୋର ଭଲା କି ଅପୂର୍ବ ଅଛି କହ, ସଖି ! ଯେତେବେଳେ ସେହି ନୀଳମଣି ତେଜ ଦେଖି ଦେଲି, ମୁଁ ତ ଏକା ବେଳକେ ଅନ୍ଧ ହୋଇଗଲି ! ମୁଁ ବନରେ ଅଛିକି ଘରେ ଅଛି, କିଛି ବାରି ପାରିଲି ନାହିଁ ! ପୁଣି ହାତୀ ପେଟରେ ଗୁଳ ପଶିଲେ ହାତୀ ଯେପରି ନମରି ବାୟା ହୋଇଯାଏ, ସେହିପରି ସେହି ତେଜ ଦେହରେ ମୋର ବାଜି ମୋତେ ନ ମାରି ବାୟାଣୀ କରି ଦେଇଛି ! ସତେ ଏଥିର ଫଳ କଅଣ ହବ ? କହ, ସଖି !

"ଗଗନ କୁସୁମ ପରି ଏଥି ଶ୍ରମ ଫଳ ହୋଇବ କି କାଳେ,
ଗୋଳିଆ ନ ରଖି କହ ଚନ୍ଦ୍ରମୁଖି, ଗହଳ ନଥିବା ବେଳେ" ॥୩॥

ଲଳିତା—ଫଳ ଆଉ କଣ ହବ ! ସେହି ଶ୍ୟାମ ସୁନ୍ଦର ରୂପ ଉପରେ ତ ସମସ୍ତଙ୍କର ଆଖି ! ଏବେ ତୁମେ ବଛାମନ୍ତ୍ର ନଜାଣିତ ସାପ ଗାତରେ ହାତ ପୂରେଇ ସାରିଲଣି ! ମୁଁ ଆଉ ଅଧିକ କଅଣ କହିବ !

ରାଧା—ଜ୍ଞାନରେ ହଉ ଅଜ୍ଞାନରେ ହଉ, ଗୋଡତ ଖସି ଯାଇଚି ! ତେବେ ବାରମ୍ବାର ସେହିକଥା ସେହିକଥା କହି କାହିଁକି ଭଲା ମୋତେ ଦହଗଞ୍ଜ କରୁଚୁ ?

ଲଳିତା—ସେଥି ପାଇଁତ ମୁଁ ଆଗରୁ କହିଥିଲି ଯେ ଯମୁନା କୂଳ

Digitized by srujanika@gmail.com

ଅଡକୁ ଯିବ ନାଇ, କି, ତେଣିକି ଗୃହିଁବ ନାହିଁ ! ସେ କଥାକୁତ ଧେନିଲ ନାହିଁ ।

ଗୀତ

(ରାଗ-କାମୋଦୀ—ତାଲ-ଏକତାଳୀ)

"ଧେନାଇ ଅମ୍ଭେ ଯେତେ କହୁଲୁରେ,
ଧେନିଲୁ ନାହିଁ ବାଲା ପହୁଲୁରେ ।
ଘୃତ ଘଟକୁ ଶିଖି ଶିଖା ପାଖରେ ରଖି,
ଶିରୀଷ ଦେହକୁ ଏହା ସହୁଲୁରେ ।
ଘସ୍ରନାଥ ନନ୍ଦନା ଅନାଉଣି କି ମନା,
କରୁ ଯେ ଥାଉ ହଟି ଗୃହିଁଲୁରେ ।—
ଘଟି ସଚ୍ଛିକି କରେ ନାହିଁ କି ବିବେକରେ,
ମହାର୍ଣ୍ଣବରେ ଅବଗାହୁଲୁରେ" ॥ ୧ ॥

ରାଧା—ଲଳିତା ! ମାର ନା, ମୁଁ ମଲିଣି ! ମୋତେ ଆଉ ଲୋକ ହସା କରନା, ସଖି ! (ବିଷାଦ ଭାବେ ମୁହଁ ପୋତି ରହୁବା)

ବିଶାଖା—(ଉଠି ଆସି ରାଧାଙ୍କ ପାଖକୁ ଯାଇ) ଶ୍ରୀମତି ! ତୁମ ଛାଣ୍ଡରେ ତ ଟିକିଏ ହୋଇ ଦମ୍ଭ ନାଇ ! ଏତେ କଥାକୁ ଭଲ କାହିଁକି ଯାଉଚ ?

ଚିତ୍ରା—(ଉଠି ଆସି ରାଧାଙ୍କ ପାଖକୁ ଯାଇ) ସତେ, କୋଉ ସାହ୍ସରେ ଭଲା ଶ୍ରୀକୃଷ୍ଣଙ୍କ ପ୍ରତି ମନ ବଳେଇ ଦେଲ ?

ଚମ୍ପକଲତା—(ଉଠି ଆସି ରାଧାଙ୍କ ପାଖକୁ ଯାଇ) ବଳେଇଲ କଅଣ, ଧୁତୁରା ମୂଳକୁ ତ ବସ୍ତ୍ରରେ ଘୋଟି ପିଇଦେଲ !

ସୁଦେବୀ—(ରାଧାଙ୍କ ପାଖକୁ ଯାଇ) ଅମେ ପାଖରେ ଥିବାରୁ ସିନା ବଞ୍ଚିଗଲ !

Digitized by srujanika@gmail.com

ରାଧା—(ହତାଶ ଭାବେ ବିକଳ ହୋଇ) ମୋତେ ଆଉ କେହି କିଛି କହନା ! ତୁମର ଯାହା ଇଚ୍ଛା ତାହା କର ସଙ୍ଗେ । ମାରିଲେ ମାର, ରଖିଲେ ରଖ ! (କୁହୁ ପଲଙ୍କ ଉପରେ ମୁଚୁଲା ଉପରେ ଦୁଃଖରେ ମୁଁହ ମାଡ଼ି ରହିବା)

ଲଳିତା—(ରାଧାଙ୍କୁ ଉଠାଇ ଓଠ ଧରି ଆଦର କରି) ଦୁଃଖ କରନା, ରାଧେ ! ତୋ ପାଇଁ ଅବଶ୍ୟ ଯାଇ ଶ୍ୟାମଙ୍କୁ ଘେନା ଘେନି କରି କହିବୁ । ଉଠ, ଧନି !

ଲଳିତା ଓ
ଅନ୍ୟ ସଖୀଗଣ } "ଘେନି ଘେନାଇ ଯାଇ କହିବା ସମଝାଇ ।
ଘଟିଲେ ଅମ୍ଭେ ଏକା ଜୀଇଲୁ ରେ ॥
ଘଟନା ବିରହରେ ଅବଶ୍ୟ ଜହରେ ।
ତୋ ଘେନି ଆତ୍ମଘାତୀ ହୋଇଲୁ ରେ ॥୨॥
ଘୋଳାରେ ପଙ୍କେ ମରୁ,ଅଙ୍କୁ ତୋ ହୃଦୟରୁ ।
ନିକୁଞ୍ଜ ଦଉଡ଼ରୁ ରହିଲୁ ରେ ॥
ଘାର୍କ୍ଷି ହେଉରୁ ମାତ୍ର ଅମଳ ଶତପତ୍ର ।
ନେଇ ଯା ଅମ୍ଭ ବଶ ନୋହିଲୁ ରେ" ॥୩॥

(ସଖୀଗଣ ଶ୍ରୀମତୀ ରାଧାଙ୍କୁ ଘେନି ଭାବ ଭଙ୍ଗୀରେ ରହିବା)

—ପଟ ପତନ—

ପ୍ରଥମ ଅଙ୍କ—ଚତୁର୍ଥ ଦୃଶ୍ୟ

ଗୋପଦାଣ୍ଡ—ରାଜପଥ

ବଜ୍ରସେନ—(ଠେଙ୍ଗାଧରି ପଶନ୍ତି) ଦେଖ ସେ ମାଇକିନିଅଛୁ ! ନିତ କମିତ ଖସି ସଳଉଚି ! କାଲି ଲୁଚି ସେକୁଥିଲୁ; ଲୁଚି

Digitized by srujanika@gmail.com

ଛାଁଏ ଚୁଟି ପଡ଼ଗ, ଯିମିତ ସେ କଦମ୍ବ ମୂଳେ ବଂଶୀ ବାଜିଲା, ଝାଗେଡ ଯାଆନ୍ତାଣୀ ! ଅଜି ଗୋଡେ ଗୋଡେ ଜଗିଚ । ଦେଖିତ ଭଲ କେଉଁବାଟେ ଯିବ ! (ନେପଥ୍ୟେ ଗୃହଁ) ବାହା ! ବାହା ! ବାହା ! ହେଇଟିତ ବାହାରଲେଣି ନାଗରୀ ! ଓହୋ ! ଅଜିତ ଭାରି ଝଲମଲ ! ହଉ, ହଉ, ଟିକିଏ ଲୁଚି ରହି ଡ଼ଙ୍ଗଟା ଯାର ଦେଖେଁ !

ମଞ୍ଜରୀ—(ଗୀତ ଗାଇ ପ୍ରବେଶିବା)

—ଗୀତ—

(ରାଗ—ସିନ୍ଧୁ କାମୋଦୀ)

"ନାହିଁ ନାହିଁ ନିଖିଳ ଜଗତେ ଗୋ ନ ଦିଶଇ ଉପମାନ ।
ନବ ନୀରଦ ନୀଳମଣି ଅତସୀ ଶ୍ୟାମ ସୁନ୍ଦର ସମାନ ଗୋ ॥
ନିନ୍ଦିଲେ ନିନ୍ଦିବେ ନର ପନ୍ତେ ଏବେ ନିଶ୍ଚୟ କହୁଚ ଜାଣ ।
ନଚୁମ୍ବିଲେ ତାର ମଧୁର ଅଧର ନ ଠଉରଇ ମୋ ପ୍ରାଣ"॥

(କବସୂର୍ଯ୍ୟ)

ବଜ୍ରସେନ—(କ୍ରୋଧରେ ତମ ତମ ହୋଇ ପହଞ୍ଚି) ହଇଲେ ଏ ! କାହାର ମଧୁର ଅଧର ନ ଚୁମ୍ବିଲେ ପ୍ରାଣ ଥୟ ହଉନାଇ ? ଏଁ ? କିଏ ସେ ରସିକ ? ମୋଠୁ ବଳି ଏଡେ ସୁନ୍ଦର ସେ ? (ନିଜ ଓଠକୁ ହାତରେ ଧରି) ମୋ ଅଧରଠୁଁ କଅଣ ତା ଅଧରଟା ଏଡେ ମଧୁର ? ଏଁ ? କଅଣ କହୁଚୁ ? କହ୍ନ୍ ନୋଇଲେ ଗୃହଁ ଥାଅ ଏ ଠେଙ୍ଗାକୁ (ବାଡ଼ ଦେଖାଇବା)

ମଞ୍ଜରୀ—କହିବ କଅଣ ? ବାଟ ଛାଡ, ମୁଁ ଯିବି ।

ବଜ୍ରସେନ—କୋଉଠିକି ?

ମଞ୍ଜରୀ—ମୋ ମନ ଯୋଉଠିକି ।

Digitized by srujanika@gmail.com

ବଜ୍ରସେନ—ତୋର ଗୋଟିଏ ମନ ? ମାଇକିନିଆ ଜାତ, କୃଷ୍ଣା ତୋବାଣିରୁ ପେଟେ ପିଇବ, ପାଇଟି ପତ୍ର କରିବ ।

ମଞ୍ଜରୀ—ତେବେ ମାଇକିନାଙ୍କ ଜନମ କଅଣ ମରଦଙ୍କ ସେବାପାଇଁ ? ତାଙ୍କ ହାତ ଧରିଚ ବୋଲି କଅଣ ତାଙ୍କ ମନ ପ୍ରାଣ ସବୁ କିଣି ନେଇଚ ?

ବଜ୍ରସେନ—ବାହା ବାହା ବାହା ! ଅଚ୍ଛା କଥା କହୁଚୁ ! ଲୋକଟା ଯେତେବେଳେ ଆମ ପାଖରେ ବନ୍ଧା, ତା ମନଟା କଅଣ ଯେଉଁରେ ଅଲଗା ରହିବ ?

ମଞ୍ଜରୀ—ତେବେ ଅମେ ଅଉ ଭଲ ମନ୍ଦ ଜାଣିବୁ ନାଇ ? ଅପଣାର ଗତିମୁକ୍ତି ଖୋଜିବୁ ନାଇ ?

ବଜ୍ରସେନ—ଓହୋ ! କେତେ ଜ୍ଞାନ କହୁଚ ଅଜି ପଣ୍ଡିତ ଘର ଝିଅ ! ଦେବ ଦ ଠେଙ୍ଗା ଅଣ୍ଟା ଉପରକୁ ଯେ ଏକା ବେଳକେ ଗତି ମୁକ୍ତି ପାଇ ଯିବୁ । ଗତି ମୁକ୍ତି ଖୋଜୁଚି—ଗତି !

ମଞ୍ଜରୀ—ଯାହାକର ପଛକେ ମୋତେ ଅଗ ବାଟ ଛାଡ଼ିଦଅ । ତେଣେ ପୂଜା ପାଇଁ ବିଳମ୍ବ ହେଉଚି ।

ବଜ୍ରସେନ—କାହାର ପୂଜା ?

ମଞ୍ଜରୀ—ମୋର ଜୀବନ ଦେବତାଙ୍କର ।

ବଜ୍ରସେନ—କଣ୍ଲେ ! ମୁଁ ତ ତୋର ଦେବତା, ଅଉ ପୁଣି କିଏ ?

ମଞ୍ଜରୀ—ତୁମେ ଯିନା ଏ ଦେହର ଦେବତା । ପ୍ରାଣର ତ ନୁହ !

ବଜ୍ରସେନ—ତେବେ ?

ମଞ୍ଜରୀ—ଯେ କି ପବିତ୍ର ପ୍ରେମରେ ଅମ୍ଭାକୁ ଅମ୍ଭା ମିଶାଇ ଦଅନ୍ତି, ସେହି ପରମ ପୁରୁଷ ଶ୍ରୀକୃଷ୍ଣ କେବଳ ଏ ପ୍ରାଣର ଅଧିକାରୀ ।

ବଜ୍ରସେନ—(କ୍ରୋଧରେ) ହଁ, ହଁ, ସେହି ପରପୁରୁଷ—ପରପୁରୁଷ ।

Digitized by srujanika@gmail.com

ମଞ୍ଜରୀ—(ଯିବାକୁ ବାହାରି) ରହସ୍ୟ ଥାଉ। ଛାଡ ବାଠ।
ପୂଜା ମୋର ପଣ୍ଡ କରନା।

ବଜ୍ରସେନ—(ମଞ୍ଜରୀକି ଅଟକାଇ) ରହବେ! ପଳାସି ଯାଉନ୍ଛ
କୁଆଡେ? ଚାଲ ଘରକୁ।

ମଞ୍ଜରୀ—କେଉଁଠି ଯିବ ନାଇ!

ବଜ୍ରସେନ—କଣ! ଯିବୁନାଇ? ଏତେ ବହପ! ଦେଖିବ ଭଲ
କମିତ ଯିବୁନାଇ!
(ମଞ୍ଜରୀକୁ ଠେଲି ଠେଲି ନେଇ) ଚାଲ୍, ବଦମାଶୁଣି! ତୋ
ମଜା କାଢୁଚ ଚାଲ। (ଯାଉ ଯାଉ) ଏଇ ଚଟକ ନିତ
ଲାଗିଚ! ନାଇ? (ମଞ୍ଜରୀକୁ ଟାଣି ଟାଣି ନେଇ ପ୍ରସ୍ଥାନ)

—ପଟ ଉତ୍ତୋଳନ—

ପ୍ରଥମ ଅଙ୍କ—ପଞ୍ଚମ ଦୃଶ୍ୟ

ଯମୁନା ତୀର—କଦମ୍ବ ମୂଳ

(ଯମୁନା ନଦୀର ଗର୍ଭ। ପଦ୍ମ କୁମୁଦାଦ ନାନା ଫୁଲ ଫୁଟିଥାଏ।
ହଂସାଦ ପକ୍ଷୀ ପହଁରୁ ଥାଆନ୍ତି। ସୂର୍ଯ୍ୟୋଦୟର ପୂର୍ବସମୟ)

ଶ୍ରୀକୃଷ୍ଣ—(କଦମ୍ବ ବୃକ୍ଷ ମୂଳେ ଏକ ପଥର ଉପରେ ବସି)

ଗୀତ

(ରାଗ-କାନନ ଗୌଡା—ତାଳ-ଅଧା)

"ଡାକିଲା କୋକିଳ ଲୀଳା ସ୍ଥଳ ଉପବନରେ।
ଡମରୁ ଭ୍ରମର ମଧୁ ଖେଳିଲା ମୋ ମନରେ ॥

Digitized by srujanika@gmail.com

ତାଳ ଲୋଳ କିଶଳୟ, କରେ କର ଅଭିନୟ,
ନାଚଇ ବଲ୍ଲରୀ ଚୟ ଚନ୍ଦନ ପବନରେ'' ॥

(ସ୍ୱବସ୍ଵର୍ଯ)

ସତେ କିଏ ସେ ! ତା ପାଇଁ ବା ମନ କାହିଁକି ଆତୁର ! ମନେହୁଏ ସେ ମୁଁ ଏକ ପ୍ରାଣ—ଏକ ଆତ୍ମା ! ଯେଉଁ ଦିନୁ ସେହି ସୁବର୍ଣ୍ଣ ଜିଣା କାନ୍ତି ଦେଖିଚି, ସେହି ଦିନୁଁ ଏ ଜଗତ ମୋତେ କେବଳ ସୁବର୍ଣ୍ଣମୟ ଦିଶୁଚି ! ଆହା ! ସୁନ୍ଦର ପ୍ରକୃତି ! ଜୀବ ମାନେ ତୋ କୁହୁକରେ ମୁଗ୍ଧ ! (ତନ୍ମୟ ଭାବେ ରହିବା)

ଲଳିତା—(ପହଞ୍ଚି ହସି ହସି)

ଗୀତ

(ରାଗ-କୁମ୍ଭ କାମୋଦୀ—ତାଳ-ଏକତାଳୀ)

"ନୂଆ ନଟ ପଟଳି ମୁକୁଟ ହେ ! କାହିଁକି ଶ୍ରୀଅଙ୍ଗ ସୁଖ !
ନିପଟ ନିସ୍ତେଜ ଦିଶୁଚିତ ଆଜ ନିରଳସ ଚନ୍ଦ୍ରମୁଖ ॥
ନୀଳୋତ୍ପଳ ବାସି ହୋଇ ପରି ଦିଶି ଯାଉଚି ଦୂରୁ ଶ୍ରୀଅଙ୍ଗ !
ନାସା ନୀଳ ତିଳ ଫୁଲରୁ ଅନିଳ ପ୍ରସରୁଚି ବେଗ ବେଗ'' ॥୧॥

ଶ୍ରୀକୃଷ୍ଣ—(ଅଳ୍ପହସି) କାହିଁକି ଲଳିତେ ! ମୋ ଦେହ ପାଆତ ଭଲ ଅଛି !

ଲଳିତା—ମିଛ କାହିଁକି କହୁଚ, ଶ୍ୟାମ ?

"ନିଦ କାହିଁକି ନୟନେ ନିଶି ଦିନ ଆହା ମରଇ ମୋ ଧନ !
ନବନୀତ ତହୁଁ ମୃଦୁ ଦେହେ କାହୁଁ ସମ୍ଭବଇ ଏ କଦନ ॥ ୨ ॥
ନିପ ଉପବନ ନିକଟ ପବନ ପରଶକୁ ଯେବେ ଡର !
ନଦୀ କୂଳ ସ୍ଥଳ ଏ ବଡ଼ ଶୀତଳ କୁହନ୍ତାଟିକି ବାହାର'' ॥ ୩ ॥

Digitized by srujanika@gmail.com

ଶ୍ରୀକୃଷ୍ଣ—କାହିଁ ଲଳିତା ? ମୋ ଦେହତ କିଛି ହୋଇ ନାହିଁ । ମିଛରେ କାହିଁକି ଏଣୁ ତେଣୁ କହୁଚ ?

ଲଳିତା—ଯେତେ କହ, ମୁଁ କଦାପି ମାନିବ ନାହିଁ ।

"ନବ ହେମଦ୍ୟୁତି ଅମରୀଏ ନିଶ୍ଚିନ୍ତି ଅନ୍ତ ଫୁଲ ଏ ବନ୍ଦୁଁ ।
ନେଇ ପଥେ ପଡ଼ି ଗଲେ କି ସେ ଛାଡ଼ି ଛାଡ଼ି ଯାଉ ନାହିଁ ମନୁ" ॥୪॥

ଗୋପ ସଙ୍ଗାଳହେ ! ଏ ପାପ ବନରେ ଆଉ ବୁଲନାହିଁ, ବୁଲନାହିଁ !

ଶ୍ରୀକୃଷ୍ଣ—କାହିଁ ? ମୁଁ ତ ଦନେ ହେଲେ କୋଉ ଦେବ କୁମାରୀ କୁମାରୀ ଏଠି ଦେଖିନାହିଁ ! ମୋ ଦେହରେ ମଧ୍ୟତ କିଛି ପୀଡା ଫିଡା ହୋଇନାହିଁ । କେବଳ ଏ ସ୍ଥାନଟି ମୋତେ ବଡ ଭଲ ଲାଗେ । ଏଠି କହନ୍ତି କି ସୁନ୍ଦର ପଡେ ! ପବନ କେତେ ଧୀର ଧୀର ବହେ ! ବୃକ୍ଷ ଛାଇ କେତେ ଶୀତଳ ଲାଗେ ! ସେଥିପାଇଁ ଏଠି ଟିକିଏ ବୁଲାବୁଲି କରେ ।

ଲଳିତା—ଚତୁର ଚୂଡାମଣି ! ଚତୁରୀ ଛାଡ !

ଶ୍ରୀକୃଷ୍ଣ—ଅଛା, ଲଳିତା ! ଗୋପନଗରର ସବୁ କୁଶଳତ ? ଗୋପ-ନାରୀଏ ସୁଖରେ ଅଛନ୍ତିକି ?

ଲଳିତା—(ହସି ହସି) ଅସଲ କଥା କହ । ଏଣୁ ତେଣୁ ବାଆଁରଉଚ କାହିଁକି ?

ଶ୍ରୀକୃଷ୍ଣ—(କିଞ୍ଚିତ୍ ଅପ୍ରତିଭ ହୋଇ) କହିବ ଆଉ କଅଣ ? ମଙ୍ଗଳ ଗ୍ରହ ଚଳିଲେ ଯେପରି ପ୍ରବଳ ବୃଷ୍ଟି ହୁଏ, ମଲ୍ଲକ୍ଷେତ କଅଁଳ ଯାଏ, ସେହିପରି ତୁମକୁ ଦେଖି ମୋର ଶୁଷ୍କ ପ୍ରାଣ ପଲ୍ଲବ ଗଲା ! ସତ୍ୟ କହୁଚି, ଲଳିତା, ତୋତେ ଦେଖିଲା

Digitized by srujanika@gmail.com

ଦେଖୁ ମୋ ମନରେ ବଡ ଆନନ୍ଦ ! ତୋ ଆସିବା ବାଟକୁ
ଅନେକ ଦେଖୁ ଗୃହିଁ ବସିଛ, ସଖି !

—ଗୀତ—

(ରାଗ-ପଞ୍ଚମ ବରାଡ଼ୀ—ତାଳ-ତ୍ରିପୁଟା)

ଗୃହିଁ ଗୃହିଁ ତୋ ସରଣି କଳୁଦୁକୁରେ ତରୁଣି
ଚିତ୍ରାର୍ପିତ ପରି ଥିଲି ବସି ।
ଚିତ୍ତ ମଣିଲି ମୁଁ ତୋତେ ଗୃହିଁ ଯା ଅନ୍ତରକତେ,
ଗୃହଚକ୍ଷୁ ମିଶାଇଲୁ ଆସି ରେ ଚଳାପାଙ୍ଗି !
ଚନ୍ଦ୍ରକୁ ଚମ୍ପୁଡ଼ ସୁଧାଝର ଚର ତୃଷିତର ମୁଖେ ଭର,
ଗୃହୁଁ କୃପାକୁ ଗୁଣନିଧି ରଖିଲୁ କି ପ୍ରାଣ,
ଦେଖିଲି ମୁଁ ଏତେ ସବୁ କରରେ ଚଳାପାଙ୍ଗି !" ॥ ୧ ॥

ଲଳିତା—ଚିକଣ କାଳିଆ ଶ୍ୟାମ ! କଥା ଗୁଡ଼ିକ ତୁମେ ବଡ ସୁନ୍ଦର ଚିକ୍କଣ କରି କହି ଜାଣ । ମନ କଥାତ ଫିଟେଇ କରି କହି-ଦେବ, ଏତେ ଅଡ଼ୁ କଅଣ ବାଡ଼ି ବସୁଚ ! ତୁମେ ନ କହିଲେ ସୁଦ୍ଧା ତୁମ ରୂପ କଅଣ କହୁ ଦଉନାଇ !

ଶ୍ରୀକୃଷ୍ଣ—ଶୁଣ, ଲଳିତେ ! ବିଶ୍ୱାସ କର !

"ଗୃହ ଦ୍ୱାରରେ ଦେଖି ଚରାଉଥାନ୍ତି ବାଛୁରୀ
ତୁଲ ମୁକୁଟିଆ ସଖାମାନେ ।
ଚିରା ମରା ଶୃଙ୍ଗ ବେଣୁ ବାଦ୍ୟ ନାଦ ଶୁଣୁ ଶୁଣୁ
ଶେଷ ହୁଏ ଦିନ ଦିନେ ଦିନେରେ ଚଳାପାଙ୍ଗି !

Digitized by srujanika@gmail.com

ତୁମ୍ଭି ବାରୁଣିକ ଦନଦ୍ୟୁତ ଚପଳେ ଅମ୍ବର ବରଜନ୍ତ,
ଚରମ ଭାଗ ମୋ ଭାର ଲାଗି ନାହିଁ ଭ୍ରମେ ଡର ।
ଚମକତ ନାହିଁ ମୋର ଛାତରେ, ଚଳାପାଙ୍ଗି" ॥ ୨ ॥

ମଧୁମଙ୍ଗଳ—(ପଦ୍ୱାର୍ଗି) କଅଣ, କଅଣ, ଚୂଳମୁକୁହିଆ ସଖା କଅଣ ?

ଶ୍ରୀକୃଷ୍ଣ—କିଛି ନାଇ ବନ୍ଧୁ ! ଛାନିଆ ହୋଇ ଯାଉଚ କାହିଁକି ?

ମଧୁମଙ୍ଗଳ—ଛାନିଆ ନାହିଁ କାହ୍ନୁ ! ସଖା ନାଁଆ ଶୁଣି କାଳେ ମୋତେ ଡାକୁଚ ବୋଲି ଭାବ ଧାଇଁ ଆସିଲି । ଜାଣତ ଆମେ ବ୍ରାହ୍ମଣିଆ ଲୋକ ! ଘୁଣ୍ଟୁରୁ ବୁଣ୍ଟୁରୁ କରି ଏଣୁତେଣୁ ଅଣ୍ଟିରେ ପୂରେଇବା କଥା ! ସେଥି ପାଇଁ ତୁମକୁ ରଜାପୁଅ ବୋଲି ଅନୁସରିଲୁ ଯେ ପାଇଲୁ ଦ ଫାଳ ଅଧେ ! ଏଥିରେ କହୁଚ—ଛାନିଆ କାହିଁକି ! ହଉ କଅଣ କରିବା ! କପାଳକୁ ସିନା କହିବା !

ଗୀତ

(ରାଗ—ଆଷାଢ଼ ଶୁକ୍ଳ)

"କାହାକୁ କହିବା କପାଳରେ ସିନା କର ତାଡ଼ିବା ।
ଭଜିଥିବ ଭାବ କଳପଲତା,
କାଳେ ସେ ହୋଇଲେ ଅପରାଜିତା
କରି ଗୋଦାବରୀ ନିକଟେ ବସା,
କାଳ ଦେବତା ଯେବେ ହେବ ତୃଷା ॥୧॥
ଦୂର ହୋଇବାକୁ ଦୁରିତ ବ୍ୟୂହ,
ଗଙ୍ଗା ପ୍ରବାହେ କରି ଅବଗାହ,
ନିତ୍ୟ ନିବାସ କରିଥିବ କାଶୀ,
ଅସି ଗ୍ରାସି ଦେଲେ ପାତକ ରାଶି"॥୨॥

(କ୍ରମଶଃ)

Digitized by srujanika@gmail.com

(ଗୀତ ଗାଇସାରି ହଠାତ୍ ଲଳିତାକୁ ଦେଖି) ଏ କୃପାମୟୀ କିଏ ?

ଶ୍ରୀକୃଷ୍ଣ—ପ୍ରକୃତରେ ଲଳିତା କୃପାମୟୀ । ତାଙ୍କ କୃପା ବିନା ପ୍ରେମମୟୀର ପ୍ରେମପ୍ରାପ୍ତି ଅସମ୍ଭବ ।

ମଧୁମଙ୍ଗଳ—ହଁ, ହଁ, ସତକଥା ! ସେଥିପାଇଁ ପରା ମନ୍ତ୍ର ଉପଦେଶ ଦେବାକୁ ଅସିଚନ୍ତି ! କଅଣ ଦେଲନ୍ତି ଲଳିତା ଗୁରୁ ?

ଲଳିତା—ତୁମେ ଆଗେ ଉପଦେଶ ନିଅ ।

ମଧୁମଙ୍ଗଳ—ସେତିକ ଆଉ ଅନୁଗ୍ରହ କିରନାଇ । କୋଉ ବେଳରେ କେଜାଣି କାହ୍ନୁ ଉପରେ ଦୃଷ୍ଟି ପକେଇଚ ଯେ, ତାଙ୍କ ଶ୍ରୀଅଙ୍ଗର ଆଉ ଗତି ନାଇ କି ମତିର ମଧ୍ୟ ଥୟ ନାଇ !

ଶ୍ରୀକୃଷ୍ଣ—ସତ୍ୟ କହୁଚ, ମଧୁମଙ୍ଗଳ ! ଏକଥା ଅକ୍ଷରେ ଅକ୍ଷରେ ସତ୍ୟ ।

ଲଳିତା—(ଶ୍ରୀକୃଷ୍ଣଙ୍କ ପ୍ରତି) ଏଡେ ସାହାସିଅ ! ତୁମେ ଜାଣି ମନେ ମନେ ବଡ ଚତୁର ! ଭାବିଚ ଛଳ ତୁମର କେହି ବୁଝି-ପାରିବେ ନାଇ ! ଛାଡ ସେ କଥା ।

—ଗୀତ—

(ରାଗ-ମୁଖାବରୀ—ତାଳ-ତ୍ରିପୁଟା)

"ଛଳ ବାହିମାଣ ହେ ! ଛାଡ ଏ ସାହସ ॥
ଛବତ ଅବଳ ଦଶେ, ଛପିବାର ଅଛୁ କି ସେ ॥୧॥
ଛଟା କାହା କଟାକ୍ଷର ଛୁରୀ ହେଲାକି ବକ୍ଷର ॥୨॥
ଛେଳରୁ ତ ଚନ୍ଦ୍ରା ବଳ ଛାତିରେ ଗଳାନି ଗଳ" ॥୩॥

ଶ୍ରୀକୃଷ୍ଣ—କଅଣ କହୁଚ ମୁଁ ତ କିଛୁ ବୁଝି ପାରୁ ନାହିଁ ।

Digitized by srujanika@gmail.com

ଲଳିତା—ବୁଝିଅଛ ବୁଝିବ ! ତୁମର କଅଣ ଜ୍ଞାନ ଅଛି ନା ଜ୍ଞାନ ରହିବ ?

"ଛୁଟି ଯାଇ ବବେଚନା, ଛୁଟିପଡ ହେବ ସିନା ॥୪॥
କ୍ଷଣା ସୁଧାପରି ବାଣେ, ଛୁଇଁ ଦେଲେ ବଷଟି ସେ" ॥୫॥

ଶ୍ରୀକୃଷ୍ଣ—ସତ୍ୟ କହୁଛ, ଲଳିତା ! ମୋ ମନଟା କାହିଁକି ଖାଲି ପଦାରେ ପଦାରେ ଉଡୁଛ ! କିଛି କାହିଁକି ଭଲ ଲାଗୁନାହିଁ !

ଲଳିତା—ହଁଅ ! ଏଥର ବାଟକୁ ଆସ । ବୁଝିଲ ଶ୍ୟାମ ! ତୁମେ ବଡଘର ପୁଅ ! ତୁମ କଥା ସବୁ ବଡ ବଡ ! ଯଦ ତୁମେ ମୋ ଆସିବା ବାଟକୁ ଚାହିଁ ବସିଥିଲ, ତେବେ ଯାହା ଜାଣିଚ, ଯାହା ଦେଖିଚ, ଯାହା ଶୁଣିଚ, ମୋତେ କହିଲେ ବା କି ହାନି !

ମଧୁମଙ୍ଗଳ—କାହ୍ନୁ ଭାଇ ! ଏ ତ ଛଳେଇ ଛଳେଇ ଏତେ କଥା କହିଗଲେଣି ! ଛପେଇ କରି ଆଉ କି ଲାଭ ? ମୁଁ ପଛକେ ବାହାରି ଯାଉଚ । ଯାହା ଜାଣିଚ, ଫିଟେଇ କହିଦଅ । ବୁଝିଲ ! ଏମାନେ ସହଜ ଜନ୍ତୁ ନୁହନ୍ତି !

ଲଳିତା—(ମଧୁମଙ୍ଗଳଙ୍କ ପ୍ରତି) ତୁମର କାହିଁକି ଏତେ ମୁଣ୍ଡବଥା ? ଶୁଣିଅଛୁ କାହିଁକି କାନ୍ଥଭାଇ !

ମଧୁମଙ୍ଗଳ—ହଁ, ହଁ, କହିବ ନାହିଁ କାହିଁକି ! ଏଥର ସବୁ ଅଖେ-ଇଲଣି ! ଅଖେଇବ, ଅଖଉ ଅଖଉ ପାଖେଇବ, ପାଖଉ ପାଖଉ ଚଖେଇବ ! [ପ୍ରସ୍ଥାନ]

ଶ୍ରୀକୃଷ୍ଣ—ଲଳିତା ! ତୁ ଯାହା କର, ଯାହା ଭାବ, ମୁଁ ଏତିକି ମାତ୍ର ଜାଣେ ।

Digitized by srujanika@gmail.com

—ଗୀତ—

(ରାଗ-ପୁନ୍ନାଗ—ତାଳ-ଅଡ଼ତାଳୀ)

"ଜାଣିଛୁ ମୁଁ ଏତେ ମାନ ଗୋ ଲଳିତେ
ଯାହା ଇଚ୍ଛା ତୋର ତାହା କର ।
ଜ୍ଵଳନରୁ ବଳି ସେହିଦିନୁ କେଳି
କରେ ବଂଶୀବରୀ ନାହାକର" ॥

ଲଳିତା—କୋଉ ଦିନୁଁ ? କାହିଁକି ? କଅଣ ଏପରି ଅପୂର୍ବ ଦେଖିଲ ?

ଶ୍ରୀକୃଷ୍ଣ—"ଜଣ କେତେ ବ୍ରଜ ଶିଶୁଥିଲେ ନିଜ
ପୁରୁ ଅସୁଥିଲି ଖେଳାଇ ସମାଜ ।
ଜମ୍ବାରାତ ମଣି ଗିରୀନ୍ଦ୍ରକୁ ଜିଣି-
ବାର ପୁରେ ହେଲା ମୋ ନଜର ॥୧॥
ଜାତ କୁନ୍ଦବନ୍ଦ ବାତାୟନ ବୃନ୍ଦ
ଅନାଇ ମୁଁ ଗଲୁଥିଲି ମନ୍ଦ ମନ୍ଦ ।
ଜଙ୍ଗମ ହେବାର ଜାମ୍ବୁନଦ ସାର
ଶିରୀ ସ୍ଫୁରିଲା ସେ କି ପ୍ରକାର" ॥୨॥

ଲଳିତା—ହଁଅ, ସେଠୁଁ କଅଣ ହେଲା ?

ଶ୍ରୀକୃଷ୍ଣ—ସତେ, ଲଳିତେ ! ଇନ୍ଦ୍ରନୀଳ ମଣି ନିର୍ମିତ ସେହି ଉଚ୍ଚ ଅଟ୍ଟାଳିକ କାହାର, ଯାହାର ଖିଡ଼କି ଗୁଡ଼ିକ ପଦ୍ମରାଗ ମଣିରେ ତିଆରି ? ଅହା ! କି ସୁନ୍ଦର !

ଲଳିତା—ସେଠୁ କଅଣ ଦେଖିଲ ଆଗ କହ ! ମୁଁ ପୁଣି ପଚ୍ଛେ କହିବି ଯେ ।

Digitized by srujanika@gmail.com

ଶ୍ରୀକୃଷ୍ଣ—ସେହି ଝିଡ଼କା ଆଡକୁ ଚାହିଁ ଚାହିଁ ଧୀରେ ଧୀରେ ଚାଲୁଥିଲି ।

ଲଳିତା—ହଁଅ ଯେ—ଚାଲୁ ଚାଲୁ କଅଣ ଦେଖିଲ ?

ଶ୍ରୀକୃଷ୍ଣ—ଦେଖିଲି—ଏକ ଅପୂର୍ବ ଚଳନ୍ତା ସୁବର୍ଣ୍ଣ ତେଜ ସେହି ଘର ଭିତରେ ହଠାତ୍ ଝଲକି ଗଲା ! ପୁଣି ଦୁଇଟି ନୀଳପଦ୍ମ ଚନ୍ଦ୍ର କିରଣରେ ବିକଶି ଉଠିଲା !

ଲଳିତା—(ହସି ହସି) ଅସମ୍ଭବ କଥା ! ଚନ୍ଦ୍ର କିରଣରେ କୋଉଠି ପଦ୍ମ ଫୁଟେ ମ !

ଶ୍ରୀକୃଷ୍ଣ—ମିଛ ନୁହେ, ଲଳିତା !

ଲଳିତା—(ହସି ହସି) ତୁମେ ପରା ଏତେ ଚତୁର ! ଏତକ ଜାଣି ପାରିଲନାଇ ?

ଶ୍ରୀକୃଷ୍ଣ—ନାହିଁ ! ସତେ, ଏଥିର ଭେଦ କଅଣ, ଲଳିତା ?

ଲଳିତା—ଭେଦ ଆଉ କଅଣ ! ତୁମେ ଯେଉଁ ଅପୂର୍ବ ଅଟ୍ଟାଳି ଦେଖିଲ ତାହା ଜଟିଳା ପୁତ୍ର ଅଭିମନ୍ୟୁ ଚନ୍ଦ୍ରସେନର ଗୃହ । ଆଉ ଗୃହ ମଧ୍ୟରେ ଯେଉଁ ଚଳନ୍ତା ସୁବର୍ଣ୍ଣ ତେଜ ଦେଖିଲ ତାହା ଚନ୍ଦ୍ରସେନ ଗୃହିଣୀଙ୍କର ଅଙ୍ଗଜ୍ୟୋତି ।

ଶ୍ରୀକୃଷ୍ଣ—ତେବେ ସେହି ଦୁଇଟି ନୀଳପଦ୍ମ ଯାହା ଚନ୍ଦ୍ର କିରଣରେ—

ଲଳିତା—ସେହି ନାରୀମଣିଙ୍କର ନେତ୍ର ଦୋଅଟି ସାକ୍ଷାତ୍ ନୀଳପଦ୍ମ ପରି ସୁନ୍ଦର; ପୁଣି ତାଙ୍କର ଶ୍ରୀମୁଖ ଝଲ ଚନ୍ଦ୍ର କିରଣ ପରି ଉଜ୍ଜ୍ୱଳ ।

ଶ୍ରୀକୃଷ୍ଣ—ତାଙ୍କ ନାମ ?

(ଏହି ସମୟରେ ସୂର୍ଯ୍ୟ ଅସ୍ତ ହୋଇଗଲେ)

ଲଳିତା—ନାଁ ଆଉ ପାଇବ କଅଣ ? ଯାଁଏ ମୁଁ, ବେଳ ବୁଡ଼ିଗଲାଣି । (ଯିବାକୁ ଉଦ୍ୟତ)

Digitized by srujanika@gmail.com

ଶ୍ରୀକୃଷ୍ଣ—(ଲଳିତାକୁ ଅଟକାଇ) ରହ ଭଦ୍ରେ ! ସତ କହ, ତାଙ୍କ ନାମ କଅଣ ? କାହାର ଦୁଲାଳୀ ?

ଲଳିତା—ଛି ! ଛି ! ପରଘର ଖବର ବୁଝିବାଟା ବଡ ଅନ୍ୟାୟ !

ଶ୍ରୀକୃଷ୍ଣ—(ଦୀର୍ଘ ନିଶ୍ୱାସ ସହ) ହଉ ! ଇଚ୍ଛା ତୁମର ।

ଲଳିତା—ହଉ, ହଉ, ଶୁଣ, ଶୁଣ । ଏତେ ଦୁଃଖ କାହିଁକି !

ଶ୍ରୀକୃଷ୍ଣ—ନାହିଁ ତ କଲ ! କଅଣ ମିଳିବ ସେଥିରୁ ?

ଲଳିତା—ସତେ, ଶୁଣ ଶ୍ୟାମ !

ଶ୍ରୀକୃଷ୍ଣ—ହଉ, କହ ।

ଲଳିତା—ତୁମେ ଯେଉଁ ଚଳନ୍ତା ସୁବର୍ଣ୍ଣ ଦେଉଳ ଦେଖିଲ ତାହା ଦେଉଳ ନୁହେ । ବୃଷଭାନୁ ଜେମା ଶ୍ରୀମତୀ ରାଧାଙ୍କର ମୋହିନୀ ମୂର୍ତ୍ତି ମାତ୍ର । ତାଙ୍କ ନାମ ରାଧା, ରାଈ, କିଶୋରୀ, ବିନୋଦିନୀ, ବୃନ୍ଦାବନେଶ୍ୱରୀ ।

ଶ୍ରୀକୃଷ୍ଣ—ସେହିଦିନୁ ଲଳିତା—

"କହିବାକୁ ଗୋଳ ଦେଲାପରି ଗଲ,
ମୋହର ଦେହର ପୀଡାଗଲା ବଳି ।
ଜୀବନାଶା ଚଳି ଯାଉଅଛି କଳି
ପାରୁ ନାହିଁ ମୁଁ ମୋ ହୃଦନ୍ତର" ॥୩॥

ଲଳିତା—(ହସି ହସି) ହୁଁଉ ! ଏପରି କଥା !

ଶ୍ରୀକୃଷ୍ଣ—ସତ୍ୟ କହୁଛ, ଲଳିତେ ! ସେହି ସୁବର୍ଣ୍ଣମୟୀ ପିତୁଳାକୁ ଦେଖିଲା ଦିନୁ ମୋର ଏହି ଅବସ୍ଥା ! ଏକମାତ୍ର ଲଳିତାହିଁ ଏ ବେଦନାର ବୈଦ୍ୟ ! (ଲଳିତା ? ହାତ ଧରିବା)

Digitized by srujanika@gmail.com

ଲଳିତା—ହଁଅ, ବୁଝିଲି । ବାମନ ହୋଇ ଚନ୍ଦ୍ରକୁ ଅମୃତ ଚପୁଡ଼ ଖାଇବାକୁ ଇଚ୍ଛା ! ସିଂହୀକୁ ବୁଢ଼ିଅଣୀ ଜାଲରେ ଧରିବାକୁ ପାଞ୍ଚ ! କାହିଁକି ଭଲା ଏଥିରେ ଧନ୍ଦି ହେବ ଶ୍ୟାମ ? କିଛି ମାନ ଫଳ ନାହିଁ ! ମିଛରେ କେବଳ ଝଗଡ଼ ହେଲ ସିନା !

—ଗୀତ—

(ରାଗ-ତୋଡ଼ି ପରଜ—ତାଳ-ଆଡତାଳୀ)

"ଝଗଡ଼ ମାନ ହେଲ ହେ ଶ୍ୟାମ ।
ଝିମିଟ ହେବାକୁ ସହସ୍ରେ ଯାମ ॥
ଝାଉଁଳିବା ନବ ତମାଳ ରମା,
ଝିଙ୍କି ଅଣି ଅଙ୍ଗେ କଲଣି ଜମା ॥୧॥
ଝୁମି ଝୁମି ଲୁଠି ପୃଷ୍ଠେ ରସାର
ଝୁରିବାର ଏକା ହୋଇବ ସାର" ॥୨॥

(ଏହି ସମୟରେ ଚନ୍ଦ୍ର ଉଦୟ ହେଲେ)

ବଳରାମ—(ହଠାତ୍ ପ୍ରବେଶି) କ କାହ୍ନୁ ! କଅଣ କରୁଚୁ ଏଠି ?

(ଶ୍ରୀକୃଷ୍ଣ ଲଳିତାର ହାତ ଛାଡ଼ି ଦେଲେ । ଲଳିତାର ଦ୍ରୁତ ବେଗେ ପ୍ରସ୍ଥାନ)

ଶ୍ରୀକୃଷ୍ଣ---କିଛି ନାହିଁ, ରାମଭାଇ !

ବଳରାମ—ଜହ୍ନ ପଡ଼ିଲଣି । କେତେବେଳେ ଆଉ ଗୋଠ ବାହୁଡେଇବ ! ଗାଈଯାକ ହମାଳି ଉଚ୍ଛନ ହେଲେଣି ! ତୁ ଆସି ଏଠି ବସିଚୁ ? ତୋର ଲୀଳା ଖେଳା ବୁଝିବା ବଡ କଠିନ, କାହ୍ନୁ ! (ଶ୍ରୀକୃଷ୍ଣଙ୍କ କାନ୍ଧରେ ହାତ ପକାଇ) ଆ ଭାଇ ଯିବା !

Digitized by srujanika@gmail.com

ମାଆ ଯଶୋଦା ତେଣେ ପଥ ଜଗି ବସିଥିବେ । [ବଳରାମ ଶ୍ରୀକୃଷ୍ଣ ଉଭୟଙ୍କ ପ୍ରସ୍ଥାନ)

ବନଦେବୀଗଣ---(ପହଞ୍ଚି)

--ଗୀତ--

(ରାଗ-ମାଳବ)

"ସେ ମୋହନ ସ୍ନେହରେ ସହଚରି,
କ ପଦାର୍ଥ କହୁରେ,
ନୁହେ ଅଭୟ ନ ରଖଇ ଦକ,
ଅମଳ ନୁହେ ଅତ ଉନ୍ମାଦକ,
ହୋଇ ହୃଦୟ ଅଦୃଶ୍ୟ ପଦକ,
ହଜାଇ ଦଅଇ ବବେକ ଯାକ"॥

(କନ୍ଦର୍ପ)

(ବନଦେବୀଗଣ ଗୀତ ନୃତ୍ୟ ପରେ ନାନା ଭଙ୍ଗିରେ ରହିବା)

---ଯବନିକା---

Digitized by srujanika@gmail.com

ନବାନୁରାଗ

ଦ୍ୱିତୀୟ ଅଙ୍କ

ଶ୍ରୀ ନାରାୟଣ ଶୂରଦେବ,
ଯୁବରାଜ, ତରଳା

Digitized by srujanika@gmail.com

ନବାନୁରାଗ

—ଦ୍ୱିତୀୟ ଅଙ୍କ—

ପ୍ରଥମ ଦୃଶ୍ୟ

ଗୋବର୍ଦ୍ଧନ ପର୍ବତର ପାଦଦେଶ

ମୁଗ୍ଧା ଗୋପକନ୍ୟାଗଣ, ନାରଦ, ମଧୁମଙ୍ଗଳ, ବଜ୍ରସେନ, ଶ୍ରୀକୃଷ୍ଣ,
ଲଳିତା, ଚନ୍ଦ୍ରା, ବିଶାଖା, ଚମ୍ପକଲତା, ସଖୀଗଣ ।

ଦ୍ୱିତୀୟ ଦୃଶ୍ୟ

ବନପଥ

ମଧୁମଙ୍ଗଳ, ଦାମ, ଶ୍ରୀକୃଷ୍ଣ, ଲଳିତା ।

ତୃତୀୟ ଦୃଶ୍ୟ

ପୁଷ୍କରିଣୀ କୂଳସ୍ଥ ଲତାମଣ୍ଡପ

ଚନ୍ଦ୍ରା, ବିଶାଖା, ରାଧା, ଜଟିଳା, ପୌର୍ଣ୍ଣମାସୀ, ଲଳିତା ।

ଚତୁର୍ଥ ଦୃଶ୍ୟ

ଜଟିଳା ଗୃହ ପ୍ରାଙ୍ଗଣ

କୁଟିଳା, ଜଟିଳା ।

ପଞ୍ଚମ ଦୃଶ୍ୟ

ଯମୁନା ତୀରସ୍ଥ କୁଞ୍ଜବନ

ରାଧା, ବିଶାଖା, ଲଳିତା, ଜଟିଳା, ମଧୁମଙ୍ଗଳ, ଶ୍ରୀକୃଷ୍ଣ,
ବଳରାମ, ସଖୀଗଣ ।

—ଯବନିକା—

Digitized by srujanika@gmail.com

ଦ୍ୱିତୀୟ ଅଙ୍କ

ପ୍ରଥମ ଦୃଶ୍ୟ

ଗୋବର୍ଦ୍ଧନ ପର୍ବତର ପାଦଦେଶ

(ପର୍ବତରୁ ଝରଣା ବାହାରି ପଥର ଖୋଲରେ ପଡୁଥିବା । ଗୋଟିଏ ଗୋଟିଏ ପଥର ଉପରେ ଜଣେ ଜଣେ ଶ୍ରୀକୃଷ୍ଣ-ପ୍ରେମ-ମୁଗ୍ଧା ଗୋପକନ୍ୟା ବସି ଶ୍ରୀକୃଷ୍ଣ ଭାବନାରେ ତନ୍ମୟ ହୋଇ ଗୀତ ଗାଉ ଥାଆନ୍ତି ।)

—ଗୀତ—

(ରାଗ-ତୋଡ଼ି ପରଜ—ତାଳ-ରୂପକ)

"ରେ ସଙ୍ଗାତ ଦରିଦ୍ରନିଧିଙ୍କ ଦ୍ୟୁତି,
ଦେଖୁଥିଲେ ଦେଖୁଥିବାକୁ ତ ମନ ଧାଉଁ ଥାଏ ନିତି ନିତି ।
ଦକ୍ଷକରେ ଧରି ମୋହନ ଗୃତୁରୀ ବଶାରଦ ବେଣୁଦଣ୍ଡ ॥
ଦକ୍ଷେତର ପଦପଙ୍କେରୁହ ଯୁଗେ ମଣ୍ଡିଦେଲି କାଳେ ଦାଣ୍ଡ ।୧।
ଦଶିବ ଦୁଇଟା ନୟନକୁ କେତେ ମାଧୁରୀ ମୁଖ ଗୃନ୍ଦର ।
ଦମ୍ୟ ଖୁରଞ୍ଜତା ରୂପ ରାଗ ରୁଡା ଶ୍ରୀଅଙ୍ଗଟି କି ସୁନ୍ଦର" ।୨।
(ଵଦସ୍ତୁର୍ପ)

ପ୍ରଥମା କନ୍ୟା—ସତେ, ଭଉଣି, କୃଷ୍ଣ ବୋଲି ଯେଉଁ ଦୁଇଟି ଅକ୍ଷର, ସେଥିରେ କି ମଧୁର ଲୁଗିଛି କେଜାଣି, ସଦାବେଳେ ସେହି

Digitized by srujanika@gmail.com

ନାମ ସୁଧା ଶୁଣିବାକୁ ମନ ! ଆଉ କାହିଁରେ ହେଉ ମନ ଲାଗୁନାଇ !

—ଗୀତ—

(ରାଗ-କାମୋଦୀ—ତାଳ-ଏକତାଳ)

"କାହିଁରେ ମନ, ସହି ! ପ୍ରସନ୍ନ ହେଉ ନାହିଁ
ଏଥିକି କହ ମୋର ଗତିକି ଗୋ ।
କାକର ଅରଜିବ, କାପର ବରଜିବ
ସେ ନବଘନ ଶ୍ୟାମ ପ୍ରୀତିକି ଗୋ" ॥

(କ୍ରମଶଃ)

ଦ୍ୱିତୀୟା କନ୍ୟା—କଅଣ କହିବି, ଭଉଣି, ଯମୁନା କୂଳରେ ଯେତେବେଳେ ବଂଶୀ ବାଜେ, କଦମ୍ବ ଫୁଲପରି ରୁମ ମୋର ଠାକୁରି ଯାଏ ! ଉପାୟ କହ, ସଖି !

"ଯୁଗଠାରୁ ଅଧିକ ହୋଇଲାଣି ପଲକ
କେମନ୍ତେ ସମ୍ଭାଳିବି ଧୃତିକି ଗୋ ।
ତ୍ରିଭୁବନ ମୋହନ ବିଷମ ବଂଶୀ ସ୍ୱନ
କାହିଁ ଚୁମ୍ବିଲା ମୋର ଶ୍ରୁତିକି ଗୋ" ।୧।

(କ୍ରମଶଃ)

ତୃତୀୟା କନ୍ୟା—ସେହି ନୀଳରତନ ହାତୀ ନନ୍ଦନନ୍ଦନ ଯେତେବେଳେ ବ୍ରଜଦାଣ୍ଡରେ ଝୁଲି ଝୁଲି ବୁଲେ, ମନହୁଏ ସତେକି ଏ ସଂସାର ଛାଡ଼ି ଶ୍ରୀଅଙ୍ଗରେ ତାଙ୍କର ମିଶିଯିବି !

"ଇନ୍ଦ୍ରନୀଳ କପାଟ ପୁଟରୁଟ ସେ ନଟ-
ବର ମୁକୁଟମଣି ଛାତିକି ଗୋ ॥

Digitized by srujanika@gmail.com

ମାନସେ ଭାବି ଭାବି କେମନ୍ତ ଛାଡ଼ି ଦେବି
କୁଳବରତ ଜାତି ମାଠିକି ଗୋ” ।୨।

(ଇବସ୍ଥାନ୍ତ)

ଚତୁର୍ଥୀ କନ୍ୟା—ସତ୍ୟ କହୁଚ, ଭଉଣି, ଯଦି ଭାଗ୍ୟବଳରେ ଶ୍ୟାମଙ୍କୁ ପାଇଲୁତ ଭଲ, ନୋହିଲେ ବିଷ ଭକ୍ଷି ଅବା ଯମୁନାକୁ ଡେଇଁ ଅବଶ୍ୟ ଏ ପ୍ରାଣ ହରେଇ ଦେବି ।

“ଗରଳ ଗିଳି ଅବା ରବି ନନ୍ଦନା ସେବା
ବିଧିରେ ବଳାଇବି ମତିକି ଗୋ ।
ଅବା ଶ୍ୟାମ ସଙ୍ଗତି • ଲଭି ସୁଭାଗ୍ୟବତୀ
ମଣ୍ତଳେ ଠେକାଇବି ଛତିକି ଗୋ” ।୩।

(ଇବସ୍ଥାନ୍ତ)

ପଞ୍ଚମୀ କନ୍ୟା—କିନ୍ତୁ, ଭଉଣି, ମୋ ମନରେ କଦାପି ପରତେ ହଉନାଇ ଯେ ସତେ ସେହି ପ୍ରୀତମ୍ଭା ଶ୍ୟାମ ଏ ଅଭାଗୀର ସେବା ଗ୍ରହଣ କରିବେ ।

“ନିକୁଞ୍ଜେ ସତେ ବେଳେ ଘେନି ବସିବ କୋଳେ
ସେ ନବକିଶୋର ମୂରତିକି ଗୋ ।
ପରତେ ନାହିଁ ମୋର କରଡେ ମଦନର
ବସି ପାରିବକି ବରତି କି ଗୋ” ।୪।

(ଇବସ୍ଥାନ୍ତ)

(ଆକାଶରେ ବୀଣା ନାଦ)

ପ୍ରଥମା କନ୍ୟା—ସତେ, ଏ କି ନାଦ ? ଅହା !
ଦ୍ୱିତୀୟା କନ୍ୟା—ଏ କଅଣ ସେହି ବଂଶୀଧରଙ୍କର ମଧୁର ବଂଶୀନାଦ ?
ତୃତୀୟା କନ୍ୟା—ନାହିଁ, ଏ ତ ବଂଶୀ ସ୍ୱନ ନୁହେ ।
ଚତୁର୍ଥୀ କନ୍ୟା—କଅଣ ତ ଠଂ ଠଂ ଡ଼ିଂ ଡିଂ ଶୁଭୁଚି ।

Digitized by srujanika@gmail.com

ପଞ୍ଚମୀ କନ୍ୟା—(ଉପରକୁ ଚାହିଁ) ଦେଖ, ଦେଖ କେଡେ ବଚନ କଥା ! ମଣିଷଟାଏ କପରି ଶୂନ୍ୟେ ଶୂନ୍ୟେ ଅକାଶରୁ ଖସି ଆସୁଛ ମ !

(କନ୍ୟାଗଣ ଉପରକୁ ଚାହିଁ ରହିଲେ)

(ନାରଦ ବୀଣାଧରି ଗୀତ ଗାଇ ଧୀରେ ଧୀରେ ଅକାଶରୁ ଓହ୍ଲାଇବା । ମୁଗ୍ଧାକନ୍ୟାଗଣ ଭୀତଭାବେ ଏକ ପାର୍ଶ୍ୱରେ ଛିଡା ହେବା)

ନାରଦ—(ଓହ୍ଲାଉ ଓହ୍ଲାଉ) **ଗୀତ**

(ରାଗ-ପୁରବୀ—ତାଳ-ଅଦ)

"ଗୋ ରସନାଟି !

କୃଷ୍ଣ ନାମ ଛାଡି ଅନେ ରସ ନା ଟି ।

ଖଣ୍ଡ ମରଚ କର୍ପୂର ଚୂରି

ଦେଲେହେଁ ସୁରଭୀ କ୍ଷୀରେ ଭରି;

ଶ୍ୟାମ ରମଣୀୟମୋହନ ବରଦ,

ନାମର କଳାକୁ ନୁହେ ସରି" ॥

(କବସୂର୍ଯ୍ୟ)

(ପହଞ୍ଚି କନ୍ୟାଗଣଙ୍କ ପ୍ରତି) ଭୟନାହିଁ, କନ୍ୟାଗଣ ! ମୁଁ ଦେବର୍ଷି ନାରଦ ।

କନ୍ୟାଗଣ—(ଜାନୁପାତ ପୂର୍ବକ) ପ୍ରଣାମ ମୁନିବର !

ନାରଦ—(ହାତ ଟେକି ଅଶୀର୍ବାଦ କରି) ଶ୍ରୀକୃଷ୍ଣାନୁରାଗିଣୀ ଭବ ! କାହାର ନାମ କୀର୍ତ୍ତନ କରୁଥିଲ, କନ୍ୟାଗଣ ! କିଏ ସେ ?

ପ୍ରଥମା କନ୍ୟା—ସେହି ଶ୍ୟାମ ସୁନ୍ଦର, ଯାହାର ମୁରଲୀ ଧ୍ୱନି ମନ-ପ୍ରାଣକୁ ଅଧୀର କରୁଛ !

Digitized by srujanika@gmail.com

ଦ୍ୱିତୀୟା କନ୍ୟା—ସେହି ନଟନାଗର ଯାହାର ମୋହନ ମୂର୍ତ୍ତି ମର୍ମସ୍ଥଳକୁ ମୁଗ୍ଧ କରିଚି ।

ତୃତୀୟା କନ୍ୟା—ସେହି ବାଙ୍କ ଗୃହାଣିଆ, ଯାହାର ବାଙ୍କ ଗୃହାଣି ଚିତ୍ତକୁ ଚୁମ୍ବକ ପରି ଟାଣୁଚି ।

ଚତୁର୍ଥୀ କନ୍ୟା—ସେହି ଝାଡ ବିନୋଦିୟା, ଯାହାର ବନ ବିନୋଦ ବେଶ ଦେଖି ଦେହ ମନ ଦ୍ରବି ଯାଉଚି ।

ପଞ୍ଚମୀ କନ୍ୟା—ସେହି ମାଲ ହାତୀ, ଯାହାର ଝୁଲ୍ଲ ଗୃଲ୍ଲ ରାତି ଦିନ ଆଖିରେ ନାଚୁଚି !

ନାରଦ—ଉତ୍ତମ ! ତୁମେ କୃଷ୍ଣ ପ୍ରେମିକା ! ତୁମ ପ୍ରେମ ନିର୍ମଳ, ନିଷ୍କାମ । ତେଣୁ ଶ୍ରୀ ବ୍ରଜ ବିହାରୀ ତୁମ ପ୍ରତି ଅବଶ୍ୟ କୃପା କରିବେ । ତଥାପି ବିନା ବ୍ରତରେ ସେହି ପ୍ରେମରାଜଙ୍କର ପ୍ରେମ ପ୍ରାପ୍ତି ଅସମ୍ଭବ ।

ପ୍ରଥମା କନ୍ୟା—ଆମେ ଗଣ୍ଡ ଗୋପାଳ ଜାତି । ଆମେ କି ଜାଣୁ ବ୍ରତ ! ଉପାୟ କହ, ମୁନି ! ପାଆ ଧରୁଚୁ !

(କନ୍ୟାଗଣ ନାରଦଙ୍କର ଚରଣ ଧରିଲେ)

ନାରଦ—(କନ୍ୟାଗଣଙ୍କୁ ଉଠାଇ) ହତାଶ ହୁଅନା; କନ୍ୟାଗଣ ! ପ୍ରତିଦିନ ପ୍ରଭାତରେ ଯମୁନା ସ୍ନାନ କରି ମହାମାୟୀ କାତ୍ୟାୟିନୀଙ୍କର ପୂଜାକର । ଅବଶ୍ୟ ଫଳ ପ୍ରାପ୍ତ ହେବ ।

ଦ୍ୱିତୀୟା କନ୍ୟା—ଆମେ ଅଜ୍ଞ ଜାତି । ଆମେ କି ଜାଣୁ ପୂଜା, ଦେବର୍ଷି !

ନାରଦ—ଶୁଣ, ତେବେ ।

"କାତ୍ୟାୟିନି ମହାମାୟି ମହା ଯୋଗୀନ୍ୟଧୀଶ୍ୱରି !
ନନ୍ଦ ଗୋପସୁତଂ ଦେବି ପତିଂମେ କୁରୁ ତେ ନମଃ" ॥

ଏହି ଶ୍ଲୋକ ପାଠ କରି ଗନ୍ଧ ପୁଷ୍ପ ନୈବେଦ୍ୟ ସହ ଯମୁନା

Digitized by srujanika@gmail.com

କୂଳରେ ମାଆ କାତ୍ୟାୟିନୀଙ୍କର ପୂଜାକର । ମନୋରଥ ଅବଶ୍ୟ ପୂର୍ଣ୍ଣ ହେବ । ଯାଏ ମୁଁ । (ଯିବାକୁ ଉଦ୍ୟତ)

ତୃତୀୟା କନ୍ୟା—ଅଉଥରେ କହ, ପ୍ରଭୁ !

ନାରଦ—ଖଣ୍ଡ ନାଇଁ, କନ୍ୟାଗଣ ! ସହସ୍ରବାର କହିବ । କିନ୍ତୁ ଧ୍ୟାନରଖ, ସେହି ପରମ ବୈଷ୍ଣବୀ ଯୋଗମାୟାଙ୍କ ଚରଣରେ !

"କାତ୍ୟାୟିନି ମହାମାୟି ମହା ଯୋଗୀନ୍ୟଧୀଶ୍ୱରି !
ନନ୍ଦ ଗୋପସୁତଂ ଦେବି ପତିଂମେ କୁରୁ ତେ ନମଃ" ॥

(ଶ୍ଳୋକ ପାଠ କରି କରି ନାରଦଙ୍କର ପ୍ରସ୍ଥାନ)

ମୁଗ୍ଧାକନ୍ୟାଗଣ—(ଏହି ଶ୍ଳୋକ ଏକ ସ୍ୱରରେ ପାଠ କରି କରି ବାହାରି ଗଲେ)

ମଧୁମଙ୍ଗଳ—(ପଶିଆସି) ଦେଖ, ଦେଖ ଏ ଗୋପକୁମାରୀଗୁଡ଼ାଙ୍କୁ । ଘର ଦ୍ୱାର ଛାଡ଼ି ଏଠି ଆସି କପଟ କାହ୍ନୁରୂପ ଗୁଣି ହଉଚନ୍ତି ! ଗୋପ ଯାଇ କାହିଁ ! ଅଉ ଏ ଗୋବର୍ଦ୍ଧନ ଗିରି ଆସି କାହିଁ ! ଧନ୍ୟ ଏମାନଙ୍କ ଛାତି ! ଦେଖ କପଟ ଓଳେଇ ଗାଈ ପରି ପିଠି ପଲେଇ ଆସିଚନ୍ତି ! ହଁ, ଡର କଅଣ ! ହାଣ୍ଡୁଆ ଜାଣିତ । (ନେପଥ୍ୟେ ବଜ୍ରସେନକୁ ଦେଖି) ଏ ପୁଣି କିଏ ?

ବଜ୍ରସେନ—(ପଶିଆସି ଶ୍ରୀକୃଷ୍ଣଙ୍କୁ ଖୋଜି ଏଣେ ତେଣେ ଚାହିଁ) କାହିଁ କହୁଛି ! କାହିଁ କହୁଛି ! ଗାଁଅରେ କହିଲେ ଗୋଠ ଘେନି ଗୋବର୍ଦ୍ଧନ ଅଡ଼କୁ ଗଲା । ଏହିତ ଗୋବର୍ଦ୍ଧନ ଗିରି ।

ମଧୁମଙ୍ଗଳ—(ବଜ୍ରସେନ ପ୍ରତି) ହେ ମଣିଷ ! କଅଣ ଖୋଜୁଚ ? କାହାକୁ ?

ବଜ୍ରସେନ—ଯାହାକୁ ଖୋଜିଲେ, ତୁମର କଅଣ ଅଛି ?

Digitized by srujanika@gmail.com

ମଧୁମଙ୍ଗଳ—ଆମର କଅଣ ଅଛୁ ! ଆମେ ହଉଚୁ ଏ ବଣ ପର୍ବତର ଅଧିକାରୀ ! ନ କହି ନ ପୁଛି ବଳେ ବଳେ ପଶି ଆସୁଚୁ ? ଦେଖିବୁ କଅଣ କରିବ ?

(ଆଖି ତରାଟି ବଜ୍ରସେନ ଉପରକୁ ପହଞ୍ଚି ଯିବା)

ଶ୍ରୀକୃଷ୍ଣ—(ହଠାତ୍ ପହଞ୍ଚି ମଧୁମଙ୍ଗଳର ହାତ ଧରି) ଏ କି ଅନ୍ୟାୟ, ବନ୍ଧୁ, କିରିହ ଗୋପାଳ ପ୍ରତି !

ବଜ୍ରସେନ—(ଶ୍ରୀକୃଷ୍ଣଙ୍କୁ ଦେଖି) ଏହି ତ ସେହି ନନ୍ଦପୁଅ କାହ୍ନୁ ! (ଆଣ୍ଠୁ ମାଡ଼ି ବସି ଶ୍ରୀକୃଷ୍ଣଙ୍କ ଅଣ୍ଟାକୁ ଭିଡ଼ିଧରି) କହ୍ନେଇରେ ! ଉଦ୍ଧାର କର ମୋତେ, ରକ୍ଷାକର !

ଶ୍ରୀକୃଷ୍ଣ—(ବଜ୍ରସେନର ହାତ ଛଡାଇ) କିଏ ତୁମେ ! ଛାଡ ମୋତେ !

ବଜ୍ରସେନ—(ଶ୍ରୀକୃଷ୍ଣଙ୍କୁ ଦୃଢ଼ ଭାବେ ଧରି) କଦାପି ଛାଡ଼ିବ ନାହିଁ ! ଚିହ୍ନିଲ ! ଏତେ ଦିନେକେ ଚିହ୍ନିଲି ! ତୁ ମନୁଷ୍ୟ ନୋହୁଁ ! ଦେବତା ! ଦେବତା !

ମଧୁମଙ୍ଗଳ—ସଖା ! ଏ ଜଣେ ପୁରୁଣା ଠକଟି ! ବିଶ୍ୱାସ କରନା ଯା' କଥା !

ଶ୍ରୀକୃଷ୍ଣ—ରହ ବନ୍ଧୁ ! କଥା ଶୁଣ !

ମଧୁମଙ୍ଗଳ—ହଉ ବାବୁ, ହଉ ! (ମୁହଁ ଫୁଲେଇ ଘୁଞ୍ଚିଯିବା)

ବଜ୍ରସେନ—କହ୍ନେଇରେ ! ସେ ଦିନ ଭାର୍ଯ୍ୟାକୁ ମୋର ବାନ୍ଧି ରଖିଲ ! ପଦାକୁ ନଛାଡ଼ି ଗୋଡେ ଗୋଡେ ଜଗିଲ ! କଅଣ କହିବ ସେ କଥା ! ତୋରି ନାମ ଧରି କାନ୍ଦି କାନ୍ଦି ରଡ଼ି ରଡ଼ି ମୂର୍ଚ୍ଛା ହୋଇଗଲା ! ପାଣି ଛିଞ୍ଚି ଚେତା କଲା ବେଳକୁ ଦେହରେ ଆଉ ପ୍ରାଣ ନାହିଁ ! କାହ୍ନୁରେ !

Digitized by srujanika@gmail.com

କେବଳ ତୋହରି ନାମ ଭଜି ଭଜି ସେ ଗତ ପାଇଗଲା !
ଘରତ ଭାଗିଲା ! ଆଉ କାହାଁକ ଜଞ୍ଜାଳରେ ଧାଣ୍ଡି ହେବ !
ଏଣିକ ତୁହ ମୋର ଭରସା ! ତୁହ ମୋର ଗତ ମୁକ୍ତି !

ଶ୍ରୀକୃଷ୍ଣ—ମୁଁ କଅଣ କରିବ, ପିଲାଲୋକ ମୁଁ ! ମୋ ହାତରେ ବା କଅଣ ହବ !

ବଜ୍ରସେନ—ଯେତେ କହ--ଯାହାକହ, ମୁଁ କଦାପି ଶୁଣିବ ନାଇ-- କଦାପି ମାନିବ ନାଇ ! ଯୋଉଠିକି ଗଲି—ଯୋଉଠି ଶୁଣିଲି, କେବଳ ତୋହରି ନାଁଆ, ତୋହରି ଧ୍ୟାନ ! ତେଣୁ, ନିଶ୍ଚେ ତୁ ଦେବତା ! ନର ରୂପରେ ଜାତ ହୋଇଚୁ ! ହେ ପ୍ରଭୁ ! ହେ ବ୍ରଜ ବହାରି ! ରକ୍ଷାକର, ମୋତେ ରକ୍ଷାକର (ଆଖି-ବୁଜି ଶ୍ରୀକୃଷ୍ଣଙ୍କ ଅଣ୍ଟାକୁ ଦୃଢ଼ ଭାବେ ଭିଡ଼ ଧରି)
"ଛାଡ଼ିଲ ସକଳ ଆଶା, ଗୋବିନ୍ଦେ କଲ ଭରସା" ।

ଶ୍ରୀକୃଷ୍ଣ—ଅହା ! ଗୋପାଳ ! ତୁମେ ପରମ ଭକ୍ତ--ବୈଷ୍ଣବ ! (ନିଜ ଗଳାରୁ ଫୁଲମାଳ କାଢ଼ି ବଜ୍ରସେନକୁ ପିନ୍ଧାଇ ଦେଇ ଓ ହାତ ଧରି ଉଠାଇ) ଉଠ ଗୋପାଳ ! ତୁମେ ଆଜିଠାରୁ ମୋର ପରମ ସଖା—ଗୋଠର ଅଧିକାରୀ । ଯାଅ ବନ୍ଧୁ ! ସଖାକୁ ମୋର ଗୋଠକୁ ନେଇଯାଅ ।

ବଜ୍ରସେନ—(ଶ୍ରୀକୃଷ୍ଣଙ୍କୁ ମୁଣ୍ଡିଆ ମାରି) କୃତାର୍ଥ ହେଲି !

ମଧୁମଙ୍ଗଳ—(ବଜ୍ରସେନ ପ୍ରତି) ହେ ଗଉଡ ! ତୁ ତ ଆମ ଗୋସେଇଁଙ୍କର ଚେଲା ହେଲୁ ! ଆମେ ତ ତାଙ୍କର ଅଧିକାରୀ । ଦକ୍ଷିଣା କାହିଁ ଆମର ? ଭେଟି କାହିଁ ?

ଶ୍ରୀକୃଷ୍ଣ—ଯାଅ ଭାଇ ! ସଖାକୁ ମୋର ଶାନ୍ତ କର । ପ୍ରାଣକୁ ତାର ବଡ ବାଧୁଚ । [ପ୍ରସ୍ଥାନ]

Digitized by srujanika@gmail.com

ମଧୁମଙ୍ଗଳ—(ବଜ୍ରସେନର ହାତ ଧରି) ଆସ ଅଧିକାରୀ, ଆସ ! (ବଜ୍ରସେନକୁ ଟେଣି ଯାଉ ଯାଉ) କାହ୍ନୁ ଆମର ନିଜେ ଖାଇବେ ନାଇ, କି, କାହାକୁ ଖୁଆଇ ଦେବେ ନାଇ ! (ଉଭୟଙ୍କର ପ୍ରସ୍ଥାନ)

ଲଳିତା—(ଧୀରେ ଧୀରେ ପହଞ୍ଚି) କାହାନ୍ତି ଶ୍ୟାମ ! ଶୁଣିଲି ଶ୍ୟାମ କୁଣ୍ଡ ପାଖରେ, ଏହି ତ ଶ୍ୟାମକୁଣ୍ଡ । ଆହା ! ନିର୍ମଳ ଝର ପାହାଡରୁ ପଡ଼ି କେଡ଼େ ସୁନ୍ଦର ଦିଶୁଛି ! ସତେ କି ମୁକ୍ତା ପୁଞ୍ଜି ! ପୁଣି କୁଞ୍ଜଲତାଟି ତମାଲ ତରୁରେ କେଡେ ସରାଗରେ ମାଳିଛି ! ସତେ କେବେ ଶ୍ରୀମତୀ ଆମର ଶ୍ୟାମ ଶ୍ରୀଅଙ୍ଗରେ ଏହିପରି ଜଡ଼ି ରହିବେ । (ଶ୍ରୀକୃଷ୍ଣଙ୍କୁ ନେପଥ୍ୟ ଦେଖି) ଏହିତ ଶ୍ୟାମ---ତମାଲ ତରୁତଳେ ! ଆହା ! ବରହରେ ସୁଢ଼ା ଶ୍ରୀମୁଖ କେଡେ ସୁନ୍ଦର ! ସତେକି ଚତୁର୍ମାସିଆ ଚନ୍ଦ୍ର ! (କିଞ୍ଚିତ୍ ଭାବି) ତେବେ ମୁଁ କାହିଁକି କିଛି କହିବି ! ଆମ ଶ୍ରୀମତୀଙ୍କ ମର୍ଯ୍ୟାଦା କାହିଁକି ହରେଇବି ! ଯାଏଁ, ନ ଜାଣିଲା ପରି ଫୁଲ ତୋଳୁଥାଏ । (ଏଣେ ତେଣେ ବୁଲି ବୁଲି ଫୁଲ ତୋଳିବା, ନେପଥ୍ୟ ମୃଦୁ ସଙ୍ଗୀତ) (ଶ୍ରୀକୃଷ୍ଣ ଧୀରେ ଧୀରେ ପହଞ୍ଚି କିଞ୍ଚିତ ଶଙ୍କା-ମନରେ ଲଳିତା ପିଠିକି ବଂଶୀଦ୍ୱାରା ଛୁଇଁ ଦେବା)

ଲଳିତା—(ଚମକି ପଡ଼ି ଓ କଟୁ ଦୃଷ୍ଟିରେ ଚାହିଁ) ଏ କିଏ ! ଚିହ୍ନାନାଇ, ପରିଚୟ ନାଇ, ଠାଉକରି ପିଠିରେ ହାତଠା ମାରି ଦଉଚ ? ମଣିଷ ନା ଭୂତ !

ଶ୍ରୀକୃଷ୍ଣ—ଲଳିତା ! ସୁଖ ସୌଧର ଚନ୍ଦ୍ରଶାଳାରେ ଚଢ଼ିବି ବୋଲି କେତେ ଆଶା-ନିଶୁଣି ଖଞ୍ଜିଚି ! ତାହା ତୁ କାଢ଼ି ନେ ନା,

Digitized by srujanika@gmail.com

ସଖି ! ମୋ କଥା ଭାଙ୍ଗି ଦେ ନା ! (ଲଳିତାର ହାତ ଧରିବା)

--ଗୀତ--

(ରାଗ-ମୋହନା—ତାଳ-ଅଦତାଳ)

"ନଭାଙ୍ଗରେ, ଶୁଭାଙ୍ଗି ! ଭାରତୀ ହୁଅ ସାହା"

(ଏହି ଧାଡ଼ି ଦୁଇ ତିନି ଥର ଗାଇବା)

ଲଳିତା—(ହାତ ଛଡ଼ାଇ ଦେଇ) କହୁବତ, ହାତଟା କାହିଁକି ଧରୁଚ ମ ?

ଶ୍ରୀକୃଷ୍ଣ— "ନୈହାନ୍ତ ବିଳାସ ତାର ନିଦାନ ଏ ଅବସ୍ଥାର
ନିରେଖି ଉଗ୍ରରୁ ଥରେ ଅହା ।୧।
ନିଶ୍ଚୟ ଏ ଧେନ ଶତେ ନ ଜୀଇବ କଦାଚତେ,
ନ ବତାଇଲେ ତୁ ସୁଖ ସ୍ୱହା" ।୨।

ଲଳିତା—କି ଅରୂଷଣ କଥା ! ଚନ୍ଦ୍ରକଳାକୁ ଧରିବ ବୋଲି ହାତ ବଢ଼େଇଚ ! କେଡେ ଠାଣପଣ ତୁମର !

--ଗୀତ--

(ରାଗ-ବସନ୍ତ—ତାଳ-ଏକତାଳ)

ଠାଣପଣ କର ସାର ହେ ମୋହନ ।
ଝିକାଏ ମଦନ କଦନକୁ ସହି
ସଦନକୁ ବିଜେକର ॥
ଠେକି ଏ ସୁନ୍ଦର ଶ୍ରୀମୁଖଟି ପର-
ଘର ବୁଢ଼ା ଫରମାସ ॥

Digitized by srujanika@gmail.com

ଝିକାଏ ହେଲେ ଯେ ହୃଦୟ ସର୍ବେକେ
ନୋହିଲ୍ଲ ନାଶ ବିଳାଷ" ॥୧॥

ଶ୍ରୀକୃଷ୍ଣ—ଯାହା କହ ପଛକେ, ଏ ଅପାର ପ୍ରେମସିନ୍ଧୁ ତରିବା ପାଇଁ ଲଳିତାହିଁ ଏକ ମାତ୍ର ଅଶାତରୀ।

ଲଳିତା—ହିଁ, ହିଁ, ଫୁଲ୍ଲ ଫୁଲ କରି ଭୁଲ୍ଲ ଭୁଲ କରି କାମ କରି ନେବାକୁ ବାହାଦୁର ପରା !

"ଠେକା ଠେକ ମୋତେ କରି ନାନାମତେ
ତୁମ୍ଭ କାମନା ପୂରିବ ।
ଠାଣ ଖୁଣ୍ଟା ଗୁରୁ ଜନ ଗଞ୍ଜଣାରୁ
ମୋ ପ୍ରାଣସଖୀ ସରିବ" ॥୨॥

ଶ୍ରୀକୃଷ୍ଣ—ଠେକା ଠେକ ନୁହେ, ଲଳିତା ! ପ୍ରକୃତରେ ମୋ ହୃଦୟ କଥା କହୁଛ।

ଲଳିତା—ପାଟିଠା କାହିଁକି କରୁଛ ମ ! କିଏ କୋଉଠି ଥିବ, ଯଦି ଶୁଣିବ, ତେଣିକି ଆଉ ନେଇ ଅଣି ଥୋଇ ହବ ନାଇ !

"ଚୋପାଥିବା ଘର ବଚନ୍ତୁ ଗୋଚର
ଯେତେ ସମାଗ୍ଭର ଗୋପେ ॥
ଝିପିଦେଲେ କଂସ ଅଗେ କେ ନୃଶଂସ
ନନ୍ଦ ବନ୍ଦି ହେବେ ଚୋପେ" ॥୩॥

ଶ୍ରୀକୃଷ୍ଣ—(ଲଳିତାର ହାତଧରି) ନିରାଶ କରନା, ଲଳିତେ ! ମୁଁ ଜାଣେ—ପର ଉପକାର ତୋର ନିତ୍ୟ ବ୍ରତ ! ପୁଣି ତୁହି ସେହି ପ୍ରେମମୟୀର ପ୍ରିୟ ନର୍ମସଖୀ ! ତେଣୁ ମୋ ଭାଗ୍ୟ-ଦ୍ୱାରର କଞ୍ଚି କେବଳ ତୋହରି ହାତରେ, ସଖି !

Digitized by srujanika@gmail.com

—ଗୀତ—

(ରାଗ-ଦେଶାକ୍ଷ—ତାଳ-ଅଡତାଳି)

"ଠିକ ଠ ବର୍ତ୍ତୁଳ ଚନ୍ଦ୍ରାନନା ତୋ ଶରୀରେ ।
ଠକ ରୀତି ନ ଆଚର ମୋ କଦନକୁ ବରୁଚ,
ଅକପଟ ଜାଣ ବଧୂ ଉଚିତରେ ॥ ୧ ॥
ଠୋ କର ଛଣ୍ଡାଇ ଦେ ନା, ପ୍ରିୟ ସଖି, ମୋ ବେଦନା
ନ ଲଗଇ ନିକ ତୋତେ କହିତରେ ॥ ୨ ॥
ଠଉରାଇ ଅବସର, କଲେ ତୁ ପ୍ରସଙ୍ଗ ମୋର
ଯିବ ରାଜାବନେଜାକୁ ରୁଚିତରେ" ॥ ୩ ॥

ବିଶାଖା—(ହଠାତ୍ ପହଞ୍ଚି) ବାହା ବାହା ! ଭଲ କଥା କହୁଚ !
ଚନ୍ଦ୍ରା—(ପହଞ୍ଚି) ତୁମେ ସବୁ ବଡଘର ପୁଅ ?
ଚମ୍ପକଲତା—(ପହଞ୍ଚି) ଏଇଥିପାଁ ତୁମର ବଡ ଘର ଉଭଲ ?
ଲଳିତା—କଂସ ରାଜାର ଅମଳ, ଝିଏ ହେଇ ଡର ନାଇ ?
ଲଳିତାଦି ସଖୀଗଣ—(ଶ୍ରୀକୃଷ୍ଣଙ୍କୁ ଘୃରଆଡେ ଘେରି ଯାଇ)

—ଗୀତ—

(ରାଗ-ତୋଡ଼ି ପରଜ—ତାଳ-ଅଡତାଳି)

"ଡର ନାହିଁକି ହେ ପର ତରୁଣୀ ହରଣୁ ।
ତୋର ଲଗି ଘେର ପଡ଼ିବ ଯେ ହେବ ଗୃରପଣ ଆଚରଣୁ ॥
ତୋଳା ପ୍ରତିମାକୁ ପରାଏ ତୁମ୍ଭଙ୍କୁ ଯଶୋଦା ଅଛନ୍ତି ପାଳି ।
ତୁଦ୍ଧବତି ଧନ କେଳିକ ମୋହନ ଲୋଡୁଚ ଯେ କୁଳପାଳି ॥୧॥
ତକାଦେବା ଦନେ ଅଶଙ୍କେ ଉଦ୍ୟାନେ ଦେଖିଛୁ ଶକଠା ଦଶା ।
ତମରୁମଧ୍ୟାକୁ ତାକ ଅଣିବାକୁ ଏଠାକୁ କାହା ଭରସା ॥୨॥

Digitized by srujanika@gmail.com

ତାକ ତ ଜାଣ ମୋହନ ବଂଶୀ ରବେ ବରଜ ସୁଖେ ଏ ବନେ ।
ତୁଇଁ ହେବୁ ସିନା ଅମ୍ଭେ ଫଳ ବନା ନପକା ତା ଅମ୍ଭ କାନେ" ॥୩॥

(ସଖୀଗଣ ଶ୍ରୀକୃଷ୍ଣଙ୍କୁ ତର୍ଜି ଚାହିଁ ରହିବା ।
ଶ୍ରୀକୃଷ୍ଣ ଲଜ୍ଜାରେ ମୁହଁ ପୋତି ରହିବା)

—ପଟ ପତନ—

ଦ୍ୱିତୀୟ ଅଙ୍କ—ଦ୍ୱିତୀୟ ଦୃଶ୍ୟ

ବନପଥ

ମଧୁମଙ୍ଗଳ—(ଦାମର ହାତ ଧରି ଟାଣି ଟାଣି ଆଣି) କଅଣ ଲହୁଣି ଚୋର ବୋଲି ମୋ ନାଆଁରେ କାହ୍ନୁ ଆଗରେ କହୁଥିଲୁ ?

ଦାମ—କାହିଁକି ? ତୁମେ କଅଣ ସତେ ଲହୁଣି ଚୋର ନୁହଁକି ? ତୁମେ ଖାଇବ ଲହୁଣି, ଅମେ ଖାଇବୁ ଗାଳି ! ରାଣ୍ଡୀ-ଯାକ ଯୋଉ ଗାଳି ଦଉଚନ୍ତି, ମୁଣ୍ଡରୁ ବାଳ ଉପୁଡ଼ି ଯାଉଚି !

ମଧୁମଙ୍ଗଳ—(ହସି ହସି) ମଲା, ଯା ! କେତେବେଳେ କମିତି କାହାଘରୁ ଲହୁଣି ଟିକିଏ ଗୃହିଁଦଉ ବୋଲି ଅମେ ହେଇଗଲୁ ଚୋର ? ଅରେ ! ଅମ ମାଲ ଅମେ ଖାଇଲୁ । ଏଥିରେ କାର କଅଣ ଗଲା ?

ଦାମ—ପରଘରେ ପଶି ତ ଲହୁଣି ଖାଇଲ ? ଅଉ ତୁମର ମାଲ କପରି ହେଲା ?

Digitized by srujanika@gmail.com

ମଧୁମଙ୍ଗଳ—ଶୁଣ ତେବେ--ମନ ଦେଇ--କର୍ଣ୍ଣ ଡେରି--ଭଲ କରି ।

ଦାମ—(ହସି) ହଉ କଅଣ କହ ।

ମଧୁମଙ୍ଗଳ—ଅଚ୍ଛା, ଲହୁଣି କାହିଁରୁ ହୁଏ ?

ଦାମ—ଦହିରୁ ।

ମଧୁମଙ୍ଗଳ—ଦହି ?

ଦାମ—କ୍ଷୀରରୁ ।

ମଧୁମଙ୍ଗଳ—କ୍ଷୀର ?

ଦାମ—ଗାଈ ଦିଏ ।

ମଧୁମଙ୍ଗଳ—କଅଣ ଖାଇ କରି ?

ଦାମ—ଘାସ ।

ମଧୁମଙ୍ଗଳ—ଘାସ କୋଉଠି ହୁଏ ?

ଦାମ—ମାଟିରେ । ପୃଥିବୀରେ ।

ମଧୁମଙ୍ଗଳ—ପୃଥିବୀକି କଅଣ କହନ୍ତି ?

ଦାମ—ଭୂ ମାତା ।

ମଧୁମଙ୍ଗଳ—ଗାଈକି ?

ଦାମ—ଗୋମାତା ।

ମଧୁମଙ୍ଗଳ—ଅଚ୍ଛା, ଭୂ ମାତା ସମସ୍ତଙ୍କର, ନା, ଜଣଙ୍କର ?

ଦାମ—ସମସ୍ତଙ୍କର ।

ମଧୁମଙ୍ଗଳ—ଗୋ ମାତା ?

ଦାମ—ସମସ୍ତଙ୍କର ।

ମଧୁମଙ୍ଗଳ---ତେବେ ଆମେ କିପରି ହେଲୁ ଲହୁଣି ଚୋର, ଗୋ ମାତା ଯେତେବେଳେ ସମସ୍ତଙ୍କର ?

ଶ୍ରୀକୃଷ୍ଣ---(ହଠାତ୍ ପଶିଆସି) ପ୍ରକୃତରେ ଗୋ ମାତା ସମସ୍ତଙ୍କର,

Digitized by srujanika@gmail.com

ତେଣୁ ଘରେ ଘରେ ଗୋ ପାଳନ କରିବା ଗୃହସ୍ଥର ପ୍ରଧାନ କର୍ତ୍ତବ୍ୟ । ପୁଣି ଗୋ ମାତାର ଦୁଗ୍ଧ--ମହାପ୍ରସାଦ ! ସେଥିରେ ସମସ୍ତଙ୍କର ଅଧିକାର ।

ମଧୁମଙ୍ଗଳ---(ଦାମ ପ୍ରତି) ଶୁଣିଲ କି ହେ, ଖଚୁଆ ଶିରୋମଣି ?

ଦାମ---ଆଚ୍ଛା, କାହ୍ନୁଭାଇ ! ପୃଥିବୀକୁ ମାତା ଆଉ ଗାଈକୁ ଗୋ ମାତା କାହିଁକି କହନ୍ତି ?

ଶ୍ରୀକୃଷ୍ଣ---ଆମେ ଜନ୍ମ ହେବା ମାତ୍ରେ ଭୂମିରେ ପଡୁ, ଭୂମିରେ ଲୋଟୁ, ଭୂମିକି ଧରୁ । ତେଣୁ ଭୂମି ଆମର ମାତା । ପୁଣି ଗାଈ ଆମକୁ କ୍ଷୀର ଦେଇ ପାଳେ ବୋଲି ଗାଈ ମଧ୍ୟ ଆମର ମାତା ।

ନେପଥ୍ୟ ରଖୁ-
ଆଳ ବାଳକଗଣ } (ଉଚ୍ଚ ସ୍ୱରରେ) ମଧୁମଙ୍ଗଳ ! ବଡୁ ଭାଇନା, ଧାଇଁ ଆସ, ଦଉଡ଼ି ଆସ, ଗାଈ ଯାକ କାହିଁକି ହୁରୁଡ଼ିଲେ !

ଦାମ---ଚାଲ ବଡୁ ଭାଇନା, ଯିବା । ପିଲାଏ କାହିଁକି ଡାକ ଛାଡ଼ିଲେଣି । ତେଣେ କେଜାଣି କଅଣ ହୋଇଛି ପରା ! ପୁଣି ମେଘ ମଧ୍ୟ ଉଠେଇଲାଣି !

ମଧୁମଙ୍ଗଳ---ହଉ ଚାଲ, ଅସ କାହ୍ନୁ !

ଶ୍ରୀକୃଷ୍ଣ---ଚାଲ ଆଗରେ, ପଛରେ ଯାଉଛି ମୁଁ ।

ମଧୁମଙ୍ଗଳ---(ଦାମ କାନ୍ଧରେ ହାତ ପକାଇ ଯାଉ ଯାଉ ନେପଥ୍ୟ ଦୂରରେ ଲଳିତାକୁ ଦେଖି) "ମନ୍ତ୍ର ଖୋଜୁଥିଲି ଯାହା, ବଇଦ କହିଲା ତାହା" ।

(ଉଭୟଙ୍କର ପ୍ରସ୍ଥାନ)

(ନେପଥ୍ୟ ମେଘ ଗର୍ଜ୍ଜନ)

Digitized by srujanika@gmail.com

ଶ୍ରୀକୃଷ୍ଣ---(ମେଘ ଗର୍ଜ୍ଜନ ଶୁଣି)

--ଗୀତ--

(ରାଗ-ତୋଡ଼ି ପରଜ---ତାଳ-ଏକତାଳି)

"ରେ ନୀରଦ ଗରଜି ମରୁଛୁ କେତେ ।
ଅରଜି ନାହୁଁ ତ ମୋ ବନ୍ଧୁ ଲଳିତ ଭାବ ବଢ଼ିବୁଁ କାହିଁତେ ॥
ନିକୁଞ୍ଜବନେ ସର ଅଛୁ କି କିଶୋରୀ ରୂଚୁ ଖେଳିବା ଦଣ୍ଡକୁ ।
ଫୁଲୁଅଛୁ କେତେ ଦେଖାଉ ନିରତେ ଇନ୍ଦ୍ର କୋଦଣ୍ଡ ଦଣ୍ଡକୁ"॥

(କବିସୂର୍ଯ୍ୟ)

(ନେପଥ୍ୟେ ଲଳିତାକୁ ଦେଖି) ଏ କିଏ ! ଲଳିତା ପରି !
(ଆଗକୁ ଯାଇ) ଲଳିତେ !

ଲଳିତା---(ପଛକୁ ଚାହିଁ) କଅଣ ଶ୍ୟାମ ?

ଶ୍ରୀକୃଷ୍ଣ---(ଲଳିତାର ହାତଧରି) ଦୟାମୟି ଲଳିତେ ! (ଛିଞ୍ଚିଷ୍ଟୁ ନୟନରେ ଲଳିତା ମୁହଁକୁ ଚାହିଁ ରହିବା)

ଲଳିତା---(ହାତ ଛଡେଇ ଦେଇ) ହାତ ଛାଡ, ନଟବର ! ଯାହା ତ କହିବାର ସେଦିନ କହି ଦେଇଚ ! ଆଉ ପୁଣି କଅଣ ?

ଶ୍ରୀକୃଷ୍ଣ---(ପୁଣି ଲଳିତାର ହାତ ଧରି) ଲଳିତେ, ଅଧିକ ଆଉ କଅଣ କହିବି ! ସେ ଦିନ ଏତେ ଅନୁନୟ କଲି ! ହୃଦୟରେ ତୋର କଣା ମାତ୍ର କୃପା ହେଲା ନାଇଁ ?

Digitized by srujanika@gmail.com

—ଗୀତ—

(ରାଗ-ଦେଶାକ୍ଷ—ତାଳ-ତ୍ରିପୁଟା)

"ଢ଼ାଳେ ତ ଢ଼ାଳିଲୁ ନାହିଁ କୃପା ସୁଧା ଝରିକ ରେ ।
ଚକ୍ଷୁ ବାନ୍ଧୁଥାଇ ବ୍ରଜେ ଲଳିତାର ହୃଦାମ୍ବୁଜେ
କରୁଣା ଅଛି ବୋଲି ଯା ନେଲି କେ ତା ହରିକ ରେ"॥୧॥

ଲଳିତା—ମୁଁ କଅଣ କରିବି କହ ? ଏ କଅଣ ଖଜା ପିଠା ହୋଇଚି ଯେ ଝାଉକରି ଗିଳି ଦେବ !

ଶ୍ରୀକୃଷ୍ଣ—ଲଳିତେ ! ତୃଷାର୍ତ୍ତ ଗୃହକ ଭୁଣ୍ଡରେ କାଣିଚୁଏ ଚନ୍ଦ୍ରକିରଣ ଦେଲେ କି ଭଣ୍ଡାର ସରିଯିବ ?

"ଢୁକାଇ ଦେଲେ ତୃଷିତ ଚକୋର ଚଞ୍ଚୁରେ ଶୀତ ।
ଭିନ୍ନ ଚନ୍ଦ୍ରିକାକୁ ବଡ଼ ଯାଏ କିଛି ସରିକରେ ॥ ୨ ॥
ଢ଼ୋକୁଟିକୁ ପିନା ହଟି ମୋ ସାର ଯାଉଚି ଭୁଟି ।
ପିଇ ଦଅନ୍ତି କି ଗୋଟିଯାକ ସେ କିଶୋରୀ କି" ॥ ୩ ॥

ଲଳିତା—(ହସି ହସି) କଅଣ କିଶୋରୀ ଅମର ପଣା ନା ପାଣି ଯେ ଢ଼ୋକେ ପିଇବ ?

ଶ୍ରୀକୃଷ୍ଣ—ରହସ୍ୟ ନୁହେ, ଲଳିତା ! ସେହି ପ୍ରୀତି-ସୁଧାରୁ ବିନ୍ଦୁମାତ୍ର ପାନ କରିବାକୁ ମୋର ବଡ଼ ଆଶା !

ଲଳିତା—ନ ହେବା କଥାରୁ ଭଲ ଆଶା କରୁଚ କମିତ ମ ? ତୁମେ ତ ପବନକୁ ଫାଶରେ ଧରିବାକୁ ପାଞ୍ଚିଚ, ଅସମ୍ଭବକୁ ସମ୍ଭବ କରିବାକୁ ବସିଚ, ଏଥିରେ ମୁଁ କଅଣ କରିବି ! ମୋର କି ଅଯତ୍ନ !

ଶ୍ରୀକୃଷ୍ଣ—ତେବେ ଜାଣିଲି ଶେଷ ଭରସା ଯମୁନା ନଦୀ !

(ଦୀର୍ଘ ନିଶ୍ୱାସ)

Digitized by srujanika@gmail.com

ଲଳିତା—କଅଣ କରିବ, କହ ଶ୍ୟାମ ! ଏଣେ ତୁମ କାକୁତି, ତେଣେ ରାଧା ପର ପ୍ରୀତି ନାଁଆ ଶୁଣିଲେ ନିଆଁ ! "ଏଣୁ ମାଇଲେ ବ୍ରହ୍ମହତ୍ୟା, ତେଣୁ ମାଇଲେ ଗୋ ହତ୍ୟା" । ଯାହା ହଉ, ଯାଏଁ ଦେଖେଁ । ଏଥିରେ ମରେଁ ବା ସରେଁ !

—ଗୀତ—

(ରାଗ-ସୋମ—ତାଳ-ଆଡତାଳ)

"ଅତସୀ କୁସୁମସମ ଶ୍ୟାମହେ ମୁଁ ଗଲିଣି ।
ଅଳି ତୁମ୍ଭର ନିବଡ଼ ଅସହ୍ୟଟୁ ସେ ଯେ ବଡ଼
ଅବଶ୍ୟ ତା ଛାମୁରେ ମୁଁ ନିବେଦନ କଲିଣି ॥୧॥
ଅରକତ କଲେ ମୁଖ ଅଖଣ୍ଡ ସୁଧା ମୟୂଖ,
ଅବର ସରିବ ମୋର ଜାଣିଲେହେଁ ମଲିଣି" ॥୨॥

ଶ୍ରୀକୃଷ୍ଣ—ତୋ ଇଚ୍ଛା ! ଅଧିକ କଅଣ କହିବ !

ଲଳିତା—ଅଧ ଅଧରରେ ସ୍ମିତ, ଜ୍ୱାଳାପି ହେଲେ ଲକ୍ଷିତ,
ଜହିବ ଏହିଟି ବୋଲି କୃପା କଲୁ ବଳୀଟି" ॥୩॥

ସତେ, ଶ୍ୟାମ ! ତୁମ ଶ୍ରୀଅଙ୍ଗର ହାଲ ଦେଖି ମୋତେ ବଡ଼ ବିକଳ ଲାଗୁଛି ! ତେବେ କଥା ଭଲେ ଭଲେ ଚଳିଗଲାତ ଭଲ ! ଯଦି ଝୁପୁ ଝାପ୍ ହୋଇ କଥା କୌଣସି ପ୍ରକାରେ କଂସ ରଜା କାନକୁ ଯାଏ, ତାହା ହେଲେ ଆମକୁ ଆଉ ଏ ଗୋପପୁରେ କି ଗୋବର୍ଦ୍ଧନ ପାଖରେ କାହିଁ ହେଇ ଠାବ ମିଳିବ ନାଇ !

ଶ୍ରୀକୃଷ୍ଣ—ଯାହାଥିବ ଅଦୃଷ୍ଟରେ !

Digitized by srujanika@gmail.com

ଲଳିତା—ହଁଅ, ଅସଲତ ଅଦୃଷ୍ଟ !

"ଅଦୃଷ୍ଟ ବଡ଼ କିଶୋରୀ ଅଙ୍ଗୀକାର କଲେ ସରି,
ଅଚିରେ ଉଚ୍ଛନ୍ନ ହେବ ଏ ବିଶ୍ବର ପ୍ରୀତି" ॥ ୪ ॥

(ଏକ ଦିଗରେ ଲଳିତାର ଗୀତ ଗାଇ ଗାଇ ପ୍ରସ୍ଥାନ ।
ଅନ୍ୟ ଦିଗରେ ଶ୍ରୀକୃଷ୍ଣଙ୍କର ସତୃଷ୍ଣ ନୟନରେ
ଲଳିତାକୁ ଚାହିଁ ଚାହିଁ ପ୍ରସ୍ଥାନ ।)

—ପଟ ଉତ୍ତୋଳନ—

ଦ୍ୱିତୀୟ ଅଙ୍କ—ତୃତୀୟ ଦୃଶ୍ୟ

ଉଦ୍ୟାନ

(ପୁଷ୍କରିଣୀ କୂଳେ ଲତା ମଣ୍ଡପରେ ଚନ୍ଦ୍ରା ଓ ବିଶାଖା ସଖୀସହ ଶ୍ରୀକୃଷ୍ଣ-ଭାବ-ମଗ୍ନା ରାଧା । ଏକ ବଉଳ ଗଛର ଶୁଖିଲା ଡାଳରେ ଗୋଟିଏ ଭଦଳଚ୍ଚ୍ୟା ପକ୍ଷୀ ଲାଞ୍ଜ ଛଟ ଛଟ କରୁଥାଏ)

ଚନ୍ଦ୍ରା—କଅଣ ଭାବୁଚ, ଶ୍ରୀମତି ! ଦେଖିଲ ସେ ବଉଳ ଗଛରୁ ! ଭଦଳଚ୍ଚ୍ୟା ପକ୍ଷୀଟିଏ କିପରି ଲାଞ୍ଜ ଛଟ ଛଟ କରୁଚି ! ସତେକି ଏହିକ୍ଷଣି ଉଡ଼ିଯିବ !

ବିଶାଖା—ଆହା କେଡେ ସୁନ୍ଦର ଦିଶୁଛି ! ସତେ କି ନୀଳକାନ୍ତ ମଣିରେ ତିଆରି !

ରାଧା—(ଚମକି ପଡ଼ି) କାହିଁ ମୋ ନୀଳକାନ୍ତ ମଣି ?

ବିଶାଖା—ଅଭୁର କୁଅନା, ରାଧେ !

Digitized by srujanika@gmail.com

ଚନ୍ଦ୍ରା—ଯଦି ଭାଗ୍ୟରେ ଥିବ, ଅବଶ୍ୟ ନୀଳମଣି ମଣ୍ଡପରେ ପୁନା ପତାକା ଉଡ଼ିବ ।

ରାଧା—(ଉଦ୍ବିଗ୍ନ ଭାବେ) କାହିଁ, ଲଳିତାତ ଆସିଲା ନାହିଁ !

ବିଶାଖା—ଆସିବେ, ରାଧେ, ନିଶ୍ଚୟ ଆସିବେ !

ରାଧା—ନାହିଁ, ଲଳିତା ଆଉ କେତେ ମାନ ଆସିବ ନାହିଁ ।
(ଦୀର୍ଘ ନିଶ୍ୱାସ ସହ ନିରାଶ ଭାବେ ରହିବା)
(ଏହି ସମୟରେ ଭଦଳିୟା ପକ୍ଷୀଟି ଉଡ଼ିଗଲା)

ବିଶାଖା—ଦେଖ, ରାଧେ, କଣ୍ଟ କଣ୍ଟ କପରି ଚକ୍ରେଇଟି ଉଡ଼ିଗଲା !

ଚନ୍ଦ୍ରା—ଅବଶ୍ୟ ଶୁଭ ଲକ୍ଷଣ !

ରାଧା—ମୋତେ କିଛି ଦିଶୁନାହିଁ କି ଶୁଭୁନାଇ ! ସେହି ଶ୍ୟାମ ତେଜ ମୋତେ ଅନ୍ଧ କରି ଦେଇଛି—ବଂଶୀନାଦ ବଧୀର କରି ଦେଇଛି ! (ଉଦାସ ଭାବେ ରହିବା)

ଚନ୍ଦ୍ରା—ଧୈର୍ଯ୍ୟ ଧର, ରାଧେ ! ଏହିକ୍ଷଣି ଲଳିତା ପହଞ୍ଚିବେ ।

ରାଧା—(ଅଧୀର ଭାବେ)

—ଗୀତ—

(ରାଗ-ପୂରବୀ—ତାଳ-ଆଠତାଳ)

"ସମ୍ଭାଳି ନପାରେ ଆଉରେ ସଙ୍ଗାତ
ସମ୍ଭାଳି ନପାରେ ଆଉ ।
ଅମ୍ଭୋରୁହାକ୍ଷର ଖେଳା କଟାକ୍ଷର
ଦମ୍ଭୋଳିରୁ ବଡ ଦାଉ ॥
ଦୂରରୁ ପଡ଼ି ବୁଡ଼ି ଯାଏ ହୃଦରେ
ଲେଉଟିଲେ ନ ଦିଶେ ଆଉ ।

Digitized by srujanika@gmail.com

ମରମରେ ପଶି ଦରମର କରେ
ସରସ ସ୍ମରଣ ନୋହୁ" ॥
(କନ୍ଦର୍ପ)

(ଶେଷ ଧାଡ଼ି ଗାଇ ଗାଇ ଶ୍ରୀକୃଷ୍ଣ ଭାବନାରେ ତନ୍ମୟ ହୋଇ ପ୍ରେମାବେଶରେ ପଡ଼ିଯିବା)

ଚନ୍ଦ୍ରା ଓ
ବିଶାଖା } (ରାଧାଙ୍କୁ ଉଭୟ ଆଉ ଧରି ପକେଇ) ଏ କଅଣ, ରାଧେ ! (ରାଧାଙ୍କ କର୍ଣ୍ଣରେ କୃଷ୍ଣନାମ କହି ରାଧାଙ୍କୁ ଧୀରେ ଧୀରେ ଉଠାଇବା)

ଜଟିଳା—(ପୌର୍ଣ୍ଣମାସୀଙ୍କୁ ଦେଖି ପହଞ୍ଚି) ହେଇଟି, ମାଆ, ଦେଖ ମୋ ବୋହୂର ଅବସ୍ଥା ! ଖିଆ ନାଇ, ପିଆ ନାଇ, କଥାନାଇ, ବାର୍ତ୍ତା ନାଇ ! ସତେ କି ମୂକ ପାଲଟି ଗଲାଣି !

ପୌର୍ଣ୍ଣମାସୀ—ଜଟିଳେ ! ଗୋଟିଏ କଥା କର । ପ୍ରତି ସୂର୍ଯ୍ୟ ବାରେ ରାଧାଙ୍କୁ ସୂର୍ଯ୍ୟ ପୂଜା ପାଇଁ ପଠାଅ ।

ଜଟିଳା—କୋଉଠିକି ?

ପୌର୍ଣ୍ଣମାସୀ—ଯମୁନା କୂଳକୁ ।

ଜଟିଳା—ସେଥିରେ ଫଳ କଅଣ ହବ, ଦେବି ?

ପୌର୍ଣ୍ଣମାସୀ—ଦେହ ପାଅ ଭଲ ହେବ । ଗୋରୁ ଗାଈ ବଢ଼ିବେ । ସବ ସମ୍ପଦ ଲାଭ ହେବ ।

ଜଟିଳା—(ବିଶାଖା ପ୍ରତି) ବିଶାଖା ଝିଅ ! ଏଥର ବୋହୂକୁ ମୋର ସୂର୍ଯ୍ୟ ପୂଜା ପାଇଁ ନେଇ ଯିବ ।

ପୌର୍ଣ୍ଣମାସୀ—ତୁମେ ନିଜେ ଗଲେ ଭଲ ହୁଅନ୍ତା ।

ଜଟିଳା—ଗଲେ ଯିବି, ନୋହିଲେ ଝିଅକୁ ପଠେଇବି । ମାଆ, ଏ

Digitized by srujanika@gmail.com

ପୂଜାର ବିଧି ବିଧାନ ତ ମୋତେ ଜଣାନାହିଁ, କଅଣ କିମିତି କରିବ ?

ପୌର୍ଣ୍ଣମାସୀ—ତେବେ ଅସ ମୋ ସାଙ୍ଗରେ । ପୂଜାର ବିଧି କହି ଦେବ । (ଯାଉ ଯାଉ) ପାଶୋର ଯିବ ନାହିଁ ଜଟିଲେ ! ଅବଶ୍ୟ ରାଧାଙ୍କୁ ସୂର୍ଯ୍ୟ ପୂଜା ପାଇଁ ପଠେଇବ ।

ଜଟିଳା—(ପୌର୍ଣ୍ଣମାସୀଙ୍କ ପଛେ ପଛେ ଯାଉ ଯାଉ) ହଁ, ହଁ, ମାଆ ! ନିଶ୍ଚେ ପଠାଇବ ।

ପୌର୍ଣ୍ଣମାସୀ—ଆଉ ଦେଖ, ରାଧା ସାଧାରଣ ମାନବୀ ନୁହନ୍ତି । ତାଙ୍କ ପ୍ରତି କଦାପି ହେଳା କରିବ ନାହିଁ । (ପ୍ରସ୍ଥାନ)

ଜଟିଳା—(ଯାଉ ଯାଉ) ନାହିଁ ମାଆ ! ବଡଘରୁ ଝିଅ ଅଣିଚ ! ତା ପ୍ରତି ହେଳା କରିବ ? ପୁଅ ଆଉ ମୋତେ ବାକି ରଖିବ ?   (ପ୍ରସ୍ଥାନ)

ଚନ୍ଦ୍ରା—(ନେପଥ୍ୟେ ଲଳିତାକୁ ଦେଖି) ଉଠ, ରାଧେ ! ଭଲ ହୋଇ ବସ ! ହେଇଟି ଲଳିତା ଅସିଲେଣି ।

ରାଧା—(ଉଦ୍ୱିଗ୍ନ ଭାବେ ଚାହିଁ) କାହିଁ, ଲଳିତା ?

ଚନ୍ଦ୍ରା—ହେଇଟି ପରା ଅଗରେ । (ଏହି ସମୟରେ ଲଳିତା ପ୍ରବେଶ କଲେ)

ରାଧା—(ହଠାତ୍ ଉଠି ଲଳିତାକୁ ଅଗ୍ରହରେ ଧରି) କହ ଲଳିତା ! କର୍ଣ୍ଣରେ ଅମୃତ ଢାଳ । (ଲଳିତା ମୁହଁକୁ ଅଗ୍ରହମିଶା ଉଦ୍ବେଗରେ ଚାହିଁ ରହିବା)

ଲଳିତା—କହିବି ଆଉ କଅଣ ! ତୁମ ଧେନି ଯାହା ହେଲଣି, ମୋ ମନ ମାନି ଗଲାଣି !

Digitized by srujanika@gmail.com

—ଗୀତ—

(ରାଗ-କାନଡ଼ ଗୌଡ଼ା—ତାଳ ତ୍ରିପୁଟା)

"ତୋ ପରି ତମାଳ ଶ୍ୟାମ ମୋ ମରମେ କଷିଥିଲରେ ।
ତଥାପି ତ ଭଲେ ହେଲେ ତୋ ସ୍ନେହେ ନ ରସିଥିଲରେ ।
ତଳେ ବସନ ପ୍ରସାରି ତୃଣ ଦଶନାଗ୍ରେ ଧରି,
କହୁଥିଲେହେଁ ଅନୁସରି ବାଞ୍ଛିତ ନ ଦର୍ଶିଥିଲରେ" ॥୧॥

ରାଧା—(ଦୀର୍ଘ ନିଶ୍ୱାସ ସହ ହତାଶ ଭାବେ) ସତ କହୁଚୁ, ସଖି ! (ଲଳିତାକୁ ଚାହିଁ ରହିବା)

ଲଳିତା—ମୁଁ କଅଣ ମିଛ କହୁଚି ! ତଥାପି କେତେ ଚାଟୁ କଥା କହିଲି । ଶେଷକୁ ହସି ହସି କହିଲା "ମାଇକିନାଠାଏ ତୁ, କୋଉ ସାହସରେ ଯମୁନା କୂଳଠାରେ ଆସି ଏ କଥା କହୁଚୁ" !

ରାଧା—(ଅତି ଥନ ଥନ କରି) ସେଠୁଁ ?

ଲଳିତା—ସେଠୁଁ ଆଉ କରିବି କଅଣ ! ତୁନି ହୋଇ ମୁହଁ ପୋତି ରହିଲି ।

ରାଧା—(ବିଷାଦ ଭାବେ) କଅଣ ହେବ, ଲଳିତା !

ଲଳିତା—ହେବ ଆଉ କଅଣ ! ଲକ୍ଷଣ କିଛି ଭଲ ଦେଖା ଯାଉନାହିଁ !

"ତାର ତୋର, ସୁଲୋଚନା ତାରତମ୍ୟ ବିବେଚନା ।
ଲଘୁ ହୋଇ ନାହିଁ ତହିଁ ତୋ ଶିରୁ କେ ପେଷିଥିଲରେ" ॥୨॥

Digitized by srujanika@gmail.com

ରାଧା---(ଅଧୀର ଭାବେ ଲଳିତାର ଅଞ୍ଚଳକୁ ତଡ଼ଧରି କମ୍ପିତ ସ୍ୱରେ) ଥୟ କରି କହ, ଲଳିତା ! ଚିକଏ ଥାପିରେ କହ ! ସତ୍ୟ କଥା କହ ! କପଟ କରନା !

--ଗୀତ--

(ରାଗ-ତୋଡ଼ି ଜଙ୍ଗଲ---ତାଳ-ଅଡତାଳ)

"ଥାପିରେ କହ ତଥାପିରେ ପ୍ରିୟସଖି,
ଥିବ କି ଛାଡ଼ିବ ପ୍ରାଣ ।
ଥିଲାପରି ସ୍ନେହ ଲଗିଲାଁକି କହ
ଅଛନ୍ତି ତୋତେ ମୋ ରାଣ ॥ ॥
ଥକାଇ ତୁ କହୁ କହୁ ମୃତ ରହୁ
ନାହିଁଟି ମୋହର ଜାଣ ॥୨॥
ଥୋକାଏ ତୋ ପ୍ରୀତ ବଧିକ ସମ୍ମତ
କଲେକି ମୋ ପରହାଣ" ॥୩॥

ଲଳିତା---କହିବି ଆଉ କଅଣ ! ଯାହାତ ଘଟିଚ ତାହା କହିଗଲି ! କେବଳ ଏତିକ ଯେ, ତୁମ ମହତ ଯାହା ପଦାରେ ପଡ଼ିଲା, ଏଇଟା ମୋତେ ବଡ ବାଧୁଚ !

ରାଧା---(ହତାଶ ଭାବେ କାନ୍ଦ କାନ୍ଦ ହୋଇ) ତେବେ ଏ ପ୍ରାଣ ଥାଇ କେତେ ନଥାଇ କେତେ ! ଯାଉଚ ତମାଳ ଡାଳରେ---

(ଦ୍ରୁତ ବେଗରେ ଯିବାକୁ ଉଦ୍ୟତ)

ଲଳିତା---(ହଠାତ୍ ହାତରେ ରାଧାଙ୍କ ମୁଖ ବନ୍ଦକରି ଓ ଅଟକାଇ) ଛି ! ରାଧେ ! (ରାଧାଙ୍କ ଆଖିରୁ ଲୁହ ପୋଛି ପୋଛି) କାନ୍ଦନା,

Digitized by srujanika@gmail.com

ଧନି ! ତୁମେ କାନ୍ଦିଲେ ଯେ ଜଗତ କାନ୍ଦିବ, ରାଇ !
(ରାଧାଙ୍କ କଣ୍ଠଧରି)

—ଗୀତ—

(ରାଗ-ଭୂପିଆରୀ—ତାଳ-ଆଡ଼ତାଳି)

ରେ ଦୁଃଖୀଧନ ! ଦୁଃଖମୟ ନକର ସରସ ମନ ।
ଦମ୍ଭ ଦେଖିବାକୁ ସିନା କଲ୍ ଛଳନ୍ ॥
ଦୂରୁଁ ମୁଁ ଯିବାର ଜାଣି ହରି, ଦରିଦ୍ର ନିଧି ଲଭିଲା ପରି ।
ଦ୍ୱିଗୁଣ ଆଦରେ ପ୍ରମୋଦ ନଦରେ,
ମଜ୍ଜି ଯେନି ଗଲେ କର ଧରି ॥ ୧ ॥
ଦେଖିଲି ଯାହା ଶ୍ରୀଅଙ୍ଗ ଦ୍ୟୁତି, ଦଳି ହୋଇଗଲା ମୋର ଛାତି
ଦ୍ୱିତୀୟାର ଶଶି ରେଖା ପରି ଦିଶି
ଗଲେନି ସେ ଇନ୍ଦ୍ର ନୀଳଦ୍ୟୁତି” ॥ ୨ ॥

ରାଧା—ଆହା ! କି ଦୁଃଖ !

ଲଳିତା—ଆଉ ଦୁଃଖ କାହିଁକି, ରାଧେ ! ମନକୁ ଏଥର ଉଲ୍ଲାସ କର । (ରାଧାଙ୍କ କଣ୍ଠ ଧରିବା)

ରାଧା—(ଲଳିତାକୁ ଧରି ସନ୍ଦିଗ୍ଧ ଚିତ୍ତରେ) କଅଣ, ସଖି, ଫିଟେଇ କହ ! ତୋ କଥା ମୁଁ କିଛି ବୁଝି ପାରୁନାହିଁ ।

ଲଳିତା—ବୁଝିବ ଆଉ କଅଣ ! ତୁମର ମନୋବାଞ୍ଛା ପୂର୍ଣ୍ଣ ହେଲା ପରି ସୂଚନା ଦିଶିଲାଣି ! ଚାଲ ସୂର୍ଯ୍ୟ ପୂଜାକୁ ଯିବା ପରା ? ଯାଅ, ଚମ୍ପା ! ଶ୍ରୀମତୀଙ୍କ ଶିଙ୍ଗାର ସଜାଡ଼ । ଯାଅ, ବିଶାଖା ! ମାଆଙ୍କୁ କହିଦିଅ ପୂଜା ସାମଗ୍ରୀ ସଜାଡ଼ି ରଖିବେ ।

Digitized by srujanika@gmail.com

ବିଶାଖା—ଚାଲ, ଚମ୍ପା, ଯିବା ।

ଚମ୍ପା—ହଉ, ଚାଲ ।

(ବିଶାଖା ଓ ଚମ୍ପାର ପ୍ରସ୍ଥାନ)

ଲଳିତା—ଚାଲ, ବିନୋଦିନି ! ବେଶ ହେବ । (ରାଧାଙ୍କୁ ଧରିଯିବାକୁ ଉଦ୍ୟତ)

ରାଧା—(ଲଳିତାକୁ ଧରି) ପ୍ରାଣ ସଖି ଲଳିତା ! ସତେ ତୁ ଆଜି ମୋତେ କି ଧନ ଆଣି ଦେଲୁ ! ଅହା !

—ଗୀତ—

(ରାଗ-କାନଡକାଫି—ତାଳ-ଆଠତାଳ)

"ଧୀରରେ ! କି ଧନ ତୁ ନ ଦେଲୁ ଆଜ ।
ଧଇଲେ କି ସତେ କର ଯୁବରାଜ ॥
ଧରମ ବନ୍ଧୁ କି ମୋର ଧୂପି ଦେଇ ନିଜ କର
କୋଳକୁ ଆଣିଲୁ କଳା ଦ୍ୱିଜରାଜ ॥୧॥
ଧୁରନ୍ଧର ସେ ଇଙ୍ଗିତେ ଧରଷିଲୁ କେହ୍ନେ ସତେ
ଧମକାଇଲା ନାହିଁ କି କିଛି ଲାଜ" ॥୨॥

(ରାଧାଙ୍କର ଲଳିତା ସହ ଧୀରେ ଧୀରେ ପ୍ରସ୍ଥାନ)

—ପଟ ପତନ—

Digitized by srujanika@gmail.com

ଦ୍ୱିତୀୟ ଅଙ୍କ—ଚତୁର୍ଥ ଦୃଶ୍ୟ

ଜଟିଳା ଗୃହ ପ୍ରାଙ୍ଗଣ

କୁଟିଳା—(ପଦ୍ଧଞ୍ଚି) ଅ ହା ହା ହା ! କ ବୋହୂ ଅଣିଛ ମାଅ ଅମର ! ଘରତ ଖାଲି ପୂରି ଉଠୁଛ ! ଘରେ ନ ପଶୁଣୁ ତ ଗୃଳ ବାଜିଲଣି ! ଅଛୁ ତ କାଳକ ! କୁଠା ଖଣ୍ଡକ ଦଖଣ୍ଡ କରୁନାଇ ! ପାଇଛି ପତର ନାଁଅ ଧରିବାକୁ ନାଇ ! ପୁଣି ଘରକୁ ଅସିବା ମାସ ପୁରିନାଇ, ଏଥିରେ ସନ୍ତ୍ର, ସଙ୍ଗାତ, ସଖୀ, କେତେ ସଂପାଦଲଣି ! ଯେତେବେଳେ ଦେଖ, ଖାଲି ମୁହଁ ମଠା— ସଦାବେଳେ ଶିଙ୍ଗାର ! ମୁଁ ପଛକେ ଏଣେ ଯମୁନାରୁ ପାଣି ବୋହି ବୋହି କୁଜା ହେଇ ଗଲଣି, ସେଥିକି ଅଜ ମାଅଙ୍କର ଅମର ଦୃଷ୍ଟି ନାଇ ! ମୁଁ ଜାଣି ଯାଙ୍କ ବୋହୂମଣିଙ୍କର ପାଅ- ତଳଅ ପୋଇଲୀ ! ହଉ, ହଉ, ଦେଖା ଯାଉ, କୁଅତ ପାଣି କୁଅତେ ଯାଉଛ !

ଜଟିଳା—(ଧୀରେ ଧୀରେ ପଦ୍ଧଞ୍ଚି) ଅଲୋ କୁଟି ! ମୋ କୁଠନ ସୁନା ! କୁଠ ଲୋ !

କୁଟିଳା—(ମୁହଁ ଛୁଆଡ଼) କାହିଁକି ମ ଏତେ ସୁଅଗ ଡାକ ? କାହୁ ଭଡ ପାଇଛି ପଡ଼ଉ ପଡ଼ !

ଜଟିଳା—(କୁଟିଳାର ହାତ ଧର ଟାଣି) ଟିକିଏ ଅସିବୁଟି ଝିଅ !

କୁଟିଳା—(ହାତ ଛୁଆଡ଼ ଦେଇ) ମୁଁ କୁଅତେ ଯାଇ ପାରିବ ନାଇଲେ ମାଅ ! ଅଜି ଦିନଯାକ ମୋ ମୁଣ୍ଡ ବଥଉଛ ଯେ ମୋତେ ବସେଇ ଉଠେଇ ଦଉନାଇ ! ଓଃ ! (କହି ମୁଣ୍ଡଧର ବସି ପଡ଼ିବା)

Digitized by srujanika@gmail.com

ଜଟିଳା—ଅହା ହା ! ମର ଯାଉଥାଁଏଲେ ମୋ ଧନ ! ମଥା ବନ୍ଧୁଚି ପରା, ଅ ଟିକିଏ ଚପି ଦେବ ! (କୁଟିଳା ପାଖରେ ବସି ତା ମୁଣ୍ଡରେ ହାତ ଦେବା)

କୁଟିଳା—(ହାତ ଛାଡ଼ି ଜଟିଳାକୁ ଠେଲି ଦେଇ) ଯା ତେଣେ ତୋ ଗେହ୍ଲା ବୋହୂକୁ ଡକାଣେଇବୁ ! ମୋ'ଠି କଅଣ ଅଛି ?

ଜଟିଳା—(ପଡ଼ିଯାଇ ପୁଣି ଉଠି) ଏ କି କଥା କହୁଚୁ, ଝିଅ ? ତୁ ପରା ମୋର ଜୀବନ ସଙ୍ଗାଳି !

କୁଟିଳା—(ଉଠି ଛିଡ଼ା ହୋଇ) ନିଆଁ ସଙ୍ଗାଳି ! ବୋହୂକୁ ପଛକେ ତେଣେ ସିଂହାସନରେ ବସେଇ ଦେଇଥା, ମୋତେ ଏଣେ ପୋଇଲୀ ପରି ଖଟଉଥା । ଲଜ ନାହିଁ, ଅହ୍ଲର ମୁହଁ ହଲେଇ ଡାକୁଚୁ ମୋତେ !

ଜଟିଳା—(ଧୀରେ ଧୀରେ ଉଠି ଛିଡ଼ା ହୋଇ) ଅଲେ ଝିଅ ! ବଡ ଘରୁ ତ ବୋହୂ ଅଣିଚେ ! ତାକୁ ଟିକିଏ ଫୁଲ ଫୁଲ କରି ନ ଚଳେଇଲେ ତା ବାପ ମାଅ ପୁନିଅ ପରବରେ ଅମ ଦୁଆର ଅଉ ମାଡ଼ିବେଟିକି ?

କୁଟିଳା—ନ ଅସନ୍ତୁ ! ଭଲ କଥା ! ମିଛରେ ପରଙ୍କ ପଛରେ ଖର୍ଚ୍ଚ !

ଜଟିଳା—ପାଞ୍ଚ ଦରବ ଧରିତ ପୁଣି ଦୁଆରକୁ ଅସିବେ ! ଗୋଟିଏ ବୋଲିଚ ଝିଅ । ଦେଖୁନଉ, କମିତ ହୀରା ନିଳାରେ ମଣ୍ଡି ଦେଇଚ !

କୁଟିଳା—(ଜଟିଳା ଅଗରେ ହାତ ହଲେଇ) ହୀରା--ନୀଳା ! କାଚ

Digitized by srujanika@gmail.com

ଗୁଡ଼ାକତ, ତଳେ ତବକ ଦେଇ ତିଆର କରି ଦେଇଛ ।
ତୋ ଆଖିକି ଦିନା ଦିଶୁଚି ଝଲମଲ, ଜକଜକ, ଝକମକ ।

ଜଟିଳା—ମୁଁ ଜାଣିଚି କି ଲୋ ଝିଅ ! ଗାଁଅରେ ତ କହୁଥିଲେ ଯେ ଗୋଟିଏ ଗୋଟିଏ ଅଲଙ୍କାରର ମୂଲ ହାଣ୍ଡି ହାଣ୍ଡି ଟଙ୍କା ବୋଲି ।

କୁଟିଳା—ହଁ, ହଁ, କହିବା କଥା । ଯେତକ ବଡଘର ଛଳକ ! ଆଜି କାଲି ଯେତକ ବଡଘର, ସବୁଠି ଏଇ କାଚ ଭୂଷଣ । ସମୟରେ ଦାଇ ଦଇସାକୁ କେହି ନେବେ ନାଇ ।

ଜଟିଳା—ହଉ ପଛକେ, ଆ ମାଆ, ଟିକିଏ ଯିବା ।

କୁଟିଳା—କଅଣ ରାନ୍ଧିବାକୁ ? ପୃଥ୍ୱୀ ଫାଟିଗଲେ ମୁଁ ଆଜି ଚୁଲି ମୁଣ୍ଡକୁ ଯିବିନାଇ ।

ଜଟିଳା—ନାଇମ ! ବୋଉ କଅଣ ରାନ୍ଧିବ ନାଇ ? ସବୁଦିନେ ଭୂଆସୁଣୀ ହୋଇଥିବ ?

କୁଟିଳା—ଯେ ରନ୍ଧା ବଢ଼ା ପଛକେ ଗଲି ଚୁଲିକି, କ୍ଷୀର ଟିକିଏ ଅଉଟିବ ନାଇ ? ଦହି ଟିକିଏ ବସେଇବ ନାଇ ? ଲହୁଣୀ ଟିକିଏ ମାରିବ ନାଇ ? ଅଉ କଅଣ କରିବ, କିଅଁ ?

ଜଟିଳା—ସବୁ କରିବ ଲୋ ଝିଅ ! ସବୁ କରିବ । ଝିଅ ଲୋ ! ଆ, ଟିକିଏ ଯିବା । ମାଆଟା ପର୍ବ !

କୁଟିଳା—କୋଉଠି କି ?

ଜଟିଳା—ଯମୁନା କୂଳକୁ, ସୂର୍ଯ୍ୟ ପୂଜା ପାଇଁ, ବୋହୂ ସାଙ୍ଗରେ ।

କୁଟିଳା—ଏ ଭଅଣ ପୁଣି କିଏ କଲାମ !

ଜଟିଳା—ମାଆ ପୌର୍ଣ୍ଣମାସୀ ପର୍ବ ! କହିଲେ ସୂର୍ଯ୍ୟ ପୂଜା କଲେ ବୋହୂ ଦେହ, ତୋ ଦେହ, ମୋ ଦେହ, ସବୁ ଭଲ ହେବ । ସଂପତ୍ତି ବଢ଼ିବ । ବୁଝିଲୁ ଝିଅ ?

Digitized by srujanika@gmail.com

କୁଟିଳା—ବୁଝିବି ତୋ ମୁଣ୍ଡ ! (ତାଚ୍ଛଲ୍ୟ ଭାବରେ ମୁଖ ଭଙ୍ଗୀ କରି) ସୂର୍ଯ୍ୟ ପୂଜା କଲେ ବୋହୂଙ୍କ ଶିରି ଅଙ୍ଗଠା ଭସ୍ମ ହୋଇଯିବ ! ବୋହୂଠାରୁ ଯୋଗ୍ୟ ଭଲ ! "ଯେତେ ମାଠିରୁ ମାଠ, ମୁଁ ସେଇ ଦରପୋଡା କାଠ" ।

—ଗୀତ—

"କୁଆ ପଞ୍ଜରୀରେ ପଡ଼ିଲେ କି ଧରେ ଶୁଆ ପରି ହରି ନାମ ।
ଭୁଆଁଠା ଗୁହାରେ ପଶିଲେ କି କରେ ଛୁଆ ସିଂହ ପରାକ୍ରମ
ସରସେ କୁହା ଯାଉ ଥାଏ ସିନା ।
ଭୁହାଇ ଭୁହାଇ ପୁଟ ଦେଲେ ହେଲେ ଲୁହା କି ହୋଇବ ସୁନା" ॥
(ଜନଶ୍ରୁତି)

(କୁଟିଳାର ଦ୍ରୁତ ବେଗରେ ପ୍ରସ୍ଥାନ)

ଜଟିଳା—(ଯାଉ ଯାଉ) ଅଲୋ ଝିଅ ! ରହ, ରହ, ଶୁଣୁ ! ଶୁଣି ଯାଅ ! (ପ୍ରସ୍ଥାନ)

—ପଟ ଉତ୍ତୋଳନ—

ଦ୍ୱିତୀୟ ଅଙ୍କ—ପଞ୍ଚମ ଦୃଶ୍ୟ

କୁଞ୍ଜବନ

(କୁଞ୍ଜବନ, କୁଞ୍ଜ ପଛରେ ଯମୁନା ନଦୀ । କୁଞ୍ଜବନର ଉଭୟ ପାର୍ଶ୍ୱରେ ଗହଳ ବୃକ୍ଷଶ୍ରେଣୀ । କୁଞ୍ଜ ମଧ୍ୟରୁ ଅପରାହ୍ଣ—ସୂର୍ଯ୍ୟ ଅଳ୍ପ ଅଳ୍ପ ଦେଖା ଯାଉଥାଏ । ଏକ ବୃକ୍ଷ ମୂଳେ ରାଧା ଓ ବିଶାଖା ସୂର୍ଯ୍ୟ ପୂଜା ସାମଗ୍ରି ଧରି ବସି ଥାଆନ୍ତି ।)

Digitized by srujanika@gmail.com

ରାଧା—କାହିଁ ମାଆ ତ ଏତେ ବେଳଯାଏ ଆସିଲେ ନାହିଁ। କଅଣ କରିବା, ବଶାଖେ ?

ବିଶାଖା—ଉଛନ ହୁଅନା, ରାଧେ! ବୃଦ୍ଧୀ ଲୋକ, ଧୀରେ ଧୀରେ ଆସୁଥିବେ।

ରାଧା—ଏଣେ ବେଳ ଯେ ଗଡ଼ି ଯାଉଛି !

ବିଶାଖା—ଯାଉ, ଚନ୍ଦ୍ରା କଅଣ ! ଫୁଟିଲି ଖରା, ଶୀତଳ ବାଆ, ଫୁଟିଲା ଫୁଲ, ନାଚିଲା ମୟୂର ! ଏତେ କଥାରେ ବି ତୁମ ମନ ଲାଗୁନାହିଁ ?

ରାଧା—ନାହିଁ, ବିଶାଖେ ! ମୋ ମନ କାହିଁକି କାହିଁରେ ହୋଇ ଲାଗୁନାହିଁ। ସଦାବେଳେ ମନଟା କେବଳ ଶୂନ୍ୟ ଶୂନ୍ୟ ଲାଗୁଛି !

ବିଶାଖା—ଅଚ୍ଛା, ରାଧେ ! ଗୋଟିଏ କଥା ପଚାରିବି, କହିବ ? ଖଙ୍କୁ ପାଇବ ନାହିଁ ତ ?

ରାଧା—କଅଣ କହ। ଜାଣିଥିଲେ ଅବଶ୍ୟ କହିବି।

ବିଶାଖା—

—ଗୀତ—

(ରାଗ-କାମୋଦୀ—ତାଳ-ଏକତାଳି)

"ଫୁଲ ମଲ୍ଲୀହାସିରେ ! ସତେ ତୁ କି ସାହସୀ।
ଶୁଣିଥିବୁ ନୂତନା, ଗରସ୍ମୃନା ପୂତନା
ଲଭିଲା ଅଭିଷ୍ଟରେ ସୁଖ ଯେତେ।
ତାକୁ ସୁଧା ମଧୁର, ଗୁଣବନ୍ତ ଅଧର
ପିଆଇବାକୁ ଇଚ୍ଛା କହୁଁ ଏତେ ॥୧॥

Digitized by srujanika@gmail.com

ହରିଣାକ୍ଷିରେ ନା ନା, ହର ଗନ୍ଧକୁ ଯା ନା
ବୋଲି ଯେ କହୁଥାଉ ବାର ବାର,
ତନୁମଧ୍ୟା କିଶୋରୀ ! ମନ୍ତ୍ର ଦେଇ ପାଶୋରି
ସେ ସ୍ନେହ ସଂପାଦୁରୁ ବାର ବାର" ॥୨॥
(କବିସୂର୍ଯ୍ୟ)

ରାଧା—ବିଶାଖେ ! କିଏ ବା ସେହି ମୋହନ ମାଧୁରୀ ଦେଖିନାଇ ? କିଏ ବା ସେହି ଗୋଷ୍ଠ ବାହୁଡା ବେଳକୁ ଅନାଉନାଇ ଯେ ମୋତେ ଏତେ ଉପହାସ କରୁଛ ?

—ଗୀତ—

(ରାଗ-ମୋହନା—ତାଳ-ଆଡ଼ତାଳି)

"ମୁହିଁକି ନାହିଁ କେହି ମୋହନ ହାସ ଗୋ
କେହି ତା ମନ୍ଦ ହାସ,
କାହିଁକି ଏକା ମୋତେ ଏ ପରିହାସ ॥
କେଉଁ ସତୀ ସେ ପୁଚ୍ଛ ଭେଦନେ ଅଛି
ନଟବର ସ୍ନେହୁଁ ନିପଟ ହୋଇ ନିରାଶ ।୧।
ଡାକ ତ ସେ ଯୋଷାକୁ କହୁ କାହା ନାସାକୁ
ବାଜି ନାହିଁ ସେ ବନ ମାଳିକା ବାସ ।୨।
ଛାକୁ ଯାହା ମୁରଲୀ ସ୍ୱାମୀକି ଠେଲି ପେଲି
ଧାବନ ବଶେ ଖସେ ନିତମ୍ବ ବାସ" ।୩।
(କବିସୂର୍ଯ୍ୟ)

(ଗାଇ ଗାଇ ମନ ଦୁଃଖରେ ରହିବା)

Digitized by srujanika@gmail.com

ଲଳିତା—(ଫୁଲ ଗୁଡ଼ାଏ ଥାଳରେ ଧରି ପହଞ୍ଚି) କଅଣ, ବିଶାଖେ ! କଥା କଅଣ ? ଶ୍ରୀମତୀ ଆମର ଶ୍ରୀମୁଖ କାହିଁକି ଶୁଖେଇଚନ୍ତି ! କିଛି କଟୁ କଥା କହିଲ କି, ବିଶାଖେ ?

ବିଶାଖା—ନାହିଁ ଲଳିତେ ! କେବଳ ପରିହାସରେ ପଦେ କହି ଦେଲି ।

ଲଳିତା—ହଁ, ହଁ, ମୁଁ ମଧ୍ୟ ଅସୁ ଅସୁ ଶୁଣିଚି । (ରାଧାଙ୍କ ପାଖକୁ ଯାଇ) ଦୁଃଖ କରନା ରାଧେ ! ତୁମେ ପରା ଆମର ପ୍ରେମ-ଭଣ୍ଡାର—ଆନନ୍ଦ-ପସରା !

ବିଶାଖା—ତୁମ ଦୁଃଖରେ ଆମ ଦୁଃଖ, ତୁମ ଆନନ୍ଦରେ ଆମ ଆନନ୍ଦ ! ତୁମେ ଅଳ୍ପକ କଥାକେ ଯଦି ଏପରି ହବ, ଆମେ କାହାକୁ ଦେଖି ଆନନ୍ଦ କରିବୁ, ଆନନ୍ଦମୟି ! ସେହି ଯୁଗଳ ମାଧୁରୀ ଦେଖି ନୟନ ପବିତ୍ର କରିବୁ ବୋଲି ପରା ଚାତକ ପରି ରହିଚୁ !

ଲଳିତା—ବିଶାଖେ ! ସବୁ ଆଣିଲ, ଫୁଲତକ ଛାଡ଼ି ଦେଇ ଆସିଲ ? ମୁଁ ପଛରେ ଥିଲି ବୋଲି ସିନା !

ବିଶାଖା—ଲଳିତା ପରା ଚତୁରୀମାନଙ୍କ ମୁକୁଟ ମଣି !

ଜଟିଳା—(ପାଣି ଢାଳେ ଧରି ପହଞ୍ଚି) ବିଶାଖା ଝିଅ ! ଲଳିତା ଝିଅ ! କୁଆଡେ ଗଲ ?

ଲଳିତା—ଏଇଠି ପରା ସମସ୍ତେ ଅଛୁ !

ଜଟିଳା—ପୂଜା କରୁ ନାହିଁ କାହିଁକି ?

ଲଳିତା—କିଏ ପୂଜା କରିବ ? ବ୍ରାହ୍ମଣ କାହିଁ ?

ଜଟିଳା—ଏ ବଣ ଜଙ୍ଗଲରେ ବ୍ରାହ୍ମଣ କୋଉଠୁ ଆସିବ ? ସେଇ-ମିତ ହାତେ ହାତେ କରିଦିଅ ।

Digitized by srujanika@gmail.com

ବିଶାଖା—ଆହା ! ସୂର୍ଯ୍ୟ ନାରାୟଣଙ୍କ ପୂଜା ! ଆମେ କପରି କରିବୁ ?

ଜଟିଳା—ଆଉ କଅଣ କରିବ ? (ଢ଼ାଳ ଧରି ବସିବା)

ଲଳିତା—ବ୍ରାହ୍ମଣ ଜଣେ ଡାକି ଅଣିଲେ ଯାଇ ହବ !

ମଧୁମଙ୍ଗଳ—(ହଠାତ୍ ପହଞ୍ଚି) କଅଣ କଅଣ ? ବ୍ରାହ୍ମଣ କଅଣ ?

ଜଟିଳା—ବୋହୂ ଆମର ସୂର୍ଯ୍ୟଙ୍କ ପୂଜା କରିବେ । ବ୍ରାହ୍ମଣ ଜଣେ ହେଲେ ପୂଜା ହବ । ଏ ପୁଅ ! ତୁ ପରା ବ୍ରାହ୍ମଣ ? ଟିକିଏ ପୂଜା କରି ଦେଲେ ହୁଅନ୍ତା ନାହିଁ ?

ମଧୁମଙ୍ଗଳ—ଦକ୍ଷିଣା ମିଳିବଟି ?

ବିଶାଖା—ମଲ୍ଲ ! ବିନା ଦକ୍ଷିଣାରେ କୋଉଠି ବାହ୍ମଣ ଯାକି କାମ କଲେଣି ?

ଜଟିଳା—ହଁଅରେ, ବାବୁ, ଦକ୍ଷିଣା ନବୁ, ଭୋଗ ନବୁ । ଆ ! ଟିକିଏ ପୂଜା କରିଦେ ।

ମଧୁମଙ୍ଗଳ—ତେବେ, ରହ, ଏଇଠି ପାଖରେ ଜଣେ ଭଲ କର୍ମାଙ୍ଗ ବ୍ରାହ୍ମଣ ଅଛନ୍ତି, କହିବ ଯଦି ଡାକି ଅଣିବି ।

ଜଟିଳା—ସେ ତ ପୂଜା କରିବେ, ତୁ ଅଉ କଅଣ କରିବୁ ?

ମଧୁମଙ୍ଗଳ—ମୁଁ ? ଅଗ୍ରୟ ହେବି । ପାଠ କହିବି । ସବୁ ବତାବଣ କରିବି ।

ଜଟିଳା—ତେବେ କଅଣ ଦଇ ଜଣ ଯାକ ଦକ୍ଷିଣା ନବ ?

ମଧୁମଙ୍ଗଳ—ଅଉ କଅଣ ମାହାଳିଅ ? ପକ୍କା ବୁଢ଼ୀରେ ବାବୁ ଏ !

"ମାଗଣା ମିଳିଲେ କଣିବ ହାତୀ,
ସୁଝିବ ମୋର, ପୁଅର ନାତି" !

Digitized by srujanika@gmail.com

ଲଳିତା—ତେବେ, ଯାଅ, ଗୋସେଇଁ ! ସେ ବ୍ରାହ୍ମଣଙ୍କୁ ଡାକି ଅଣ ।

ମଧୁମଙ୍ଗଳ—ଯିବ କଅଣ, ଡାକ ଦେଲେତ ଅସିବେ । (ନେପଥ୍ୟ ହାତରେ ଦେଖାଇ) ହେଇଟି ପରା ସେ ଗଛ ମୂଳେ ବସିଛନ୍ତି ।

ଜଟିଳା—ତେବେ, ଡାକରେ ପୁଅ ଚଞ୍ଚଳ ! ବେଳ ବୁଡ଼ି ଗଲାଣି । ଅନ୍ଧାର ହେଲେ ମୋତେ ବାଟ ଦିଶିବ ନାଇଁ ।

ମଧୁମଙ୍ଗଳ—(ନେପଥ୍ୟ ଗୃହଁ ହାତଠାରେ ଠାରି) ଅସନ୍ତୁ ମଦନ ମୋହନ ଶର୍ମା ଅପଣେ । ଅସନ୍ତୁ ଏଣିକି । ଟିକିଏ ସୂର୍ଯ୍ୟ ପୂଜାଟା କରି ଦେଇ ଯିବେ ।

ଶ୍ରୀକୃଷ୍ଣ—(ବ୍ରାହ୍ମଣ ବେଶରେ କୁଶ ପାଣି ଧରି ପହଞ୍ଚି) କାହିଁହେ କୋଉଠି । କାହାର ପୂଜା ?

ମଧୁମଙ୍ଗଳ—(ରାଧା ଓ ସଖୀ ପ୍ରଭୃତିଙ୍କୁ ଦେଖାଇ) ଏଇ ମାନଙ୍କର ।

(ଶ୍ରୀକୃଷ୍ଣଙ୍କୁ ଦେଖି ରାଧା ସ୍ନେହପୂର୍ଣ୍ଣ ନେତ୍ରରେ ଗୃହଁ ଲଜ୍ଜାରେ ମୁହଁ ପୋତି ରହିବା । ଲଳିତା, ବିଶାଖା ମୁରୁକି ମୁରୁକି ହସିବା)

ଲଳିତା—ଏଣିକି ଅସନ୍ତୁ ଗୋସେଇଁ ! ପୂଜା କରିବେ ପରା ! (ଭୋଗ ଥାଳି, ଫୁଲ ଥାଳି ଓ ଜଟିଳାଙ୍କ ପାଖରୁ ଲୋଟା ଅଣି ଅଗରେ ଥୋଇବା)

ମଧୁମଙ୍ଗଳ—ଅସ, ଅପଣେ ! ଏଇଠି ବସ, ପାଣି ରଖ । ବନ୍ଦୁ ତିଆର କର । ହଁ କଣ୍ଡା କଏ, ଏଇଠି ଅଗରେ ସୂର୍ଯ୍ୟଙ୍କ ଅଡକୁ ପୂର୍ବମୁହଁ କରି ବସନ୍ତୁ ।

Digitized by srujanika@gmail.com

ଶ୍ରୀକୃଷ୍ଣ—(ବସି ଭୂଇଁରେ ବଟୁ ତିଆର କରୁ କରୁ) ହଁ, ଆଗକୁ ଆସନ୍ତୁ ।

ଜଟିଳା—ଲଳିତା ଝିଅ ! ବୋହୂକୁ ଏଠିକି ଆଣ । ଆଗରେ ବସି-ବାକୁ କହ ।

ଲଳିତା—ହଉ, ଆସ ରାଧେ ! (କହି ରାଧାଙ୍କୁ ନେଇ ଶ୍ରୀକୃଷ୍ଣଙ୍କ ଆଗରେ ବସାଇବା)

ମଧୁମଙ୍ଗଳ—ଦିଅ ଗୋସେଇଁ, ତାଙ୍କ ହାତରେ ବଟୁ ପିନ୍ଧେଇ ଦିଅ ।

ଶ୍ରୀକୃଷ୍ଣ—ହଉ, ଦଉଚି । (କହି ରାଧାଙ୍କ ଅନାମିକା ଅଙ୍ଗୁଠିରେ ବଟୁ ପିନ୍ଧାଇ ଦେବା । ଥାଳିରୁ ଗୁଆ, ଫୁଲ ଆଦି ପାନିରେ ରଖି ପାଣି ଭର୍ତ୍ତି କରି ରାଧାଙ୍କ ହାତରେ ଧରେଇ) ଧରନ୍ତୁ ମାନି । (ରାଧାଙ୍କ ହାତ ଧରିବା)

ମଧୁମଙ୍ଗଳ—ଓଁ ବିଷ୍ଣୁ, ବିଷ୍ଣୁ, ବିଷ୍ଣୁଃ ! ଗଙ୍ଗେଚ ଯମୁନେଚ ଗୋଦାବରୀ ସରସ୍ୱତୀ ଇତ୍ୟାଦି ଇତ୍ୟାଦି ଇତ୍ୟାଦି । ହଁ ସଙ୍କଳ୍ପ ହୋଇଗଲା । ପାନିରୁ ପାଣି ଢ଼ାଳି ଦେଇ ଓଲୁଟେଇ କରି ରଖିଦିଅ ।

ଶ୍ରୀକୃଷ୍ଣ—ଆହେ ! ଏ କି ବାକ୍ୟ ? ପୂର୍ଣ୍ଣ ଭାବରେ କହ । (ପାନିରୁ ପାଣି ଢ଼ାଳି ଦେଇ ଓଲୁଟେଇ ରଖିବା)

ମଧୁମଙ୍ଗଳ—ତୁମେ କି ବ୍ରାହ୍ମଣ ହେ, କାହା ପାଇଁ କୋଉ କର୍ମ ଜଣାନାହିଁ ? ବ୍ରାହ୍ମଣ, କ୍ଷତ୍ରିୟଙ୍କ ପାଇଁ ସିନା ପୂର୍ଣ୍ଣ ବାକ୍ୟ ! ଆଉ କଅଣ ଶୂଦ୍ରଙ୍କ ପାଇଁ ? ଦିଅହେ ସ୍ୱାହା ସ୍ୱାହା କରି । ଭଲ ପଚାରୁଚ ! ଦକ୍ଷିଣା ମିଳିଲେ ଗଲା ।

(ଲଳିତା, ବିଶାଖା ଭୁଣ୍ଡରେ ଲୁଗା ଦେଇ ହସିବା)

ଶ୍ରୀକୃଷ୍ଣ—ହଁ, ଆଗ୍ରହେ ! କହନ୍ତୁ ବାକ୍ୟ ।

Digitized by srujanika@gmail.com

ମଧୁମଙ୍ଗଳ——ଅହେ ! ଗୃଡ଼ୁଳ ଦୁଇଟା ନେଇ ପାନି ଉପରେ ପକା !

ଶ୍ରୀକୃଷ୍ଣ——(ଥାଳରୁ ଗୃଡ଼ୁଳ ଆଣି ପାନି ଉପରେ ପକେଇ) ହଁ ବାକ୍ୟ କହ ।

ମଧୁମଙ୍ଗଳ———ଶୁଭଂ ଭବତୁ, ଶୁଭଂ ଭବତୁ, ଶୁଭଂ ଭବତୁ । ହଁ, ପାନିରେ ପାଣି ରଖ । ସେଥିରେ ଫୁଲ ଚନ୍ଦନ ପକା ।

ଶ୍ରୀକୃଷ୍ଣ—(ପାନିରେ ପାଣି ରଖି ଫୁଲ ଚନ୍ଦନ ପକାଇ) ବାକ୍ୟ କହ, ଅଗୃଧେ ! ଶୀଘ୍ର କହ ।

ମଧୁମଙ୍ଗଳ———ହଁ । ଅଦ୍ୟ ଶ୍ରୀ ଅଶ୍ୱିନ୍ନ ମାସି ଆଦିତ୍ୟ ବାସରେ ପୂର୍ଣ୍ଣିମାୟାଂ ତିଥୌ-- ହଁ, ପାନି ଦିଅ ତାଙ୍କ ହାତରେ ।

ଶ୍ରୀକୃଷ୍ଣ———ହଉ, ଧରନ୍ତୁ ପାନି । (କହ ରାଧାଙ୍କ ହାତରେ ଦେବା)

ମଧୁମଙ୍ଗଳ——ହଁ, ଆପଣଙ୍କ ନାମ !

ଲଳିତା———ଶ୍ରୀମତୀ ରାଧା ।

ମଧୁମଙ୍ଗଳ———(ଧୀର ସ୍ୱରରେ) ଶ୍ରୀ ଶ୍ରୀ ଶ୍ରୀ ନନ୍ଦନନ୍ଦନସ୍ୟ ପ୍ରୀତି ସମ୍ପାଦନାର୍ଥଂ (ଉଚ୍ଚସ୍ୱରେ) ଶ୍ରୀମତ୍ୟାଃ ରାଧାୟାଃ ମମ ସକଳ ଚିଷ୍ଟ ଖଣ୍ଡନାୟ ସର୍ବ ସଂପଦାର୍ଦ୍ଧନାୟ ଶ୍ରୀ ଆଦିତ୍ୟ ନାରାୟଣସ୍ୟ ଇଦଂ ପୂଜା ଅହଂ କରିଷ୍ୟେ । ଦିଅ ପାଣି ଢ଼ାଳି ଦିଅ । ହଁ, ଆଉଥରେ ହାତରେ ପାଣି ଦିଅ ।

ଶ୍ରୀକୃଷ୍ଣ——(ରାଧାଙ୍କ ହାତରେ ପାଣି ଫୁଲ ଚନ୍ଦନ ଦେଇ) ହଁ ବାକ୍ୟ କଣ, କହ ।

ମଧୁମଙ୍ଗଳ——ଏଥରତ ନୈବେଦ୍ୟ ସମର୍ପଣ । ହଁ ମନେ ମନେ କହ । ଓଁ କ୍ଲୀଁ କୃଷ୍ଣାୟ ଗୋବିନ୍ଦାୟ ଗୋପିଜନ ବଲ୍ଲଭାୟ ନୈବେଦ୍ୟଂ ସ୍ୱାହା । ହଁ ଭୋଗ ଥାଳକୁ ପାଣି ଛଡେଇ ଦିଅ ।

Digitized by srujanika@gmail.com

ଲଳିତା—ଦିଅ, ରାଧେ ! ଥାଳି ଗୃହପାଖେ ପାଣି ବୁଲେଇ ଦିଅ ।

(ରାଧା ଥାଳି ଗୃହପାଖେ ପାଣି ବୁଲେଇ ଦେବା)

ମଧୁମଙ୍ଗଳ—ହଁ । ଏଥର ହାତ ଯୋଡ଼ । ସୂର୍ଯ୍ୟଙ୍କୁ ନମସ୍କାର କର, କହ,—

"ଜବା କୁସୁମ ସଂକାଶଂ କାଶ୍ୟପେୟଂ ମହାଦ୍ୟୁତିଂ,
ଧ୍ୱାନ୍ତାରିଂ ସର୍ବ ପାପଘ୍ନଂ ପ୍ରଣତୋଽସ୍ମି ଦିବାକରଂ"

ଦିଅ, ମୁଣ୍ଡିଆ ମାର । ସମସ୍ତେ ମୁଣ୍ଡିଆ ମାର । ବ୍ରାହ୍ମଣଙ୍କ ଦକ୍ଷିଣା ଦିଅ ।

(ରାଧା, ଲଳିତା, ବିଶାଖା, ଜଟିଳା ସୂର୍ଯ୍ୟଙ୍କ ଉଦ୍ଦେଶ୍ୟରେ ମୁଣ୍ଡିଆ ମାରିବା)

ଶ୍ରୀକୃଷ୍ଣ—(ଉଠି) ଯିବା ତେବେ ଚାଲ ।

ମଧୁମଙ୍ଗଳ—ରହହେ, ଭୋଗ ଫୋଗ ନେବା । ଦକ୍ଷିଣା ମିଳି ନାହିଁ । ଅମେ କଅଣ କାହାର ବେଠିଆ ? ଦିଅ, ବୁଢ଼ୀ ମାଆ, ଦକ୍ଷିଣା ଦିଅ, (ଭୋଗଥାଳି ଉଠେଇ ନେଇ ମିଷ୍ଟାନ୍ନାଦି ପାଟିରେ ପକାଇବା)

ଲଳିତା—ଉଠ ରାଧେ ! ଯିବା । ବିଶାଖେ ! ଫୁଲ ଥାଳି ଢାଳି ଫାଳି ଧର ।

(ରାଧା ଉଠି ଛିଡା ହେବା । ବିଶାଖା ଥାଳି ଇତ୍ୟାଦି ଉଠାଇ ନେଇ ଧରିବା)

ମଧୁମଙ୍ଗଳ—କି ହେ, ଦକ୍ଷିଣା ଦଉଚ ପରା ?

ଜଟିଳା—(ଉଠି ଛିଡା ହୋଇ ଅଣ୍ଟା ଦରାଣ୍ଡି) ଏ ପୁଅ ଦକ୍ଷିଣାତ ଅଣିବାକୁ ପାସୋରି ଗଲି । ମୋ ସାଙ୍ଗରେ ଅସ ଦେବି ।

Digitized by srujanika@gmail.com

ମଧୁମଙ୍ଗଳ—ମୁଁ କୋଉଠି ଯାଇ ପାରିବ ! ମୋର ଏଣେ କେତେ କାର୍ଯ୍ୟ, କେତେ ଜଜମାନ । ପୁନେଇ ଅଜି । ତେବେ ଦକ୍ଷିଣା ବଦଳ ଏ ଥାଳ ଖଣ୍ଡ ଥାଉ ।

ଜଟିଳା—ତାହା କରନା, ପୁଅ । ପୁଅ ମୋର ମୋତେ ଅଉ ବାକି ରଖିବ ନାଇ !

ମଧୁମଙ୍ଗଳ—(ଶ୍ରୀକୃଷ୍ଣଙ୍କ ପ୍ରତି) ଅପ, ଶର୍ମା ଆପଣେ ! ଅନ୍ୟଠିକି ଯିବା । କାଲି ଦକ୍ଷିଣା ଦେଲେ ଏ ଥାଳଟା ପଛକେ ଫେରେଇ ନେବେ । ବ୍ରାହ୍ମଣୀକୁ ମୁଠାଏ ଭୋଜନ ମଧ ଦେବାକୁ ନାଇ । ରଙ୍ଗ ଦେଖଉଚ ବୁଢ଼ୀ । (ଶ୍ରୀକୃଷ୍ଣ ମଧୁ-ମଙ୍ଗଳ ସହ ଯାଉ ଯାଉ ରାଧାଙ୍କ ଅଡେ ଚାହିଁ ଚାହିଁ ପ୍ରସ୍ଥାନ କରିବା)

ଜଟିଳା—(ମଧୁମଙ୍ଗଳ ପଛରେ ଗୋଡଉଇ ଗୋଡେଇ) ଏ ପୁଅ ! ଥାଳ ଖଣ୍ଡ ଦେଇ ଯାଅ । ମୋ ବାପା ପରା । ମୋ ହାତୀଟା ! ସୁନା ଠା ! (ଯାଉ ଯାଉ ଲେଉଟି ଚାହିଁ) ବୋହୂକୁ ଅଣ, ଲଳିତା ଝିଅ ! ସଞ୍ଜ ହେଇଗଲଣି । (ଜଟିଳାର ପ୍ରସ୍ଥାନ)

ଲଳିତା—ଚାଲ ରାଧେ ! ଶାଶୁ ତୁମର ଡାକଲେଣି ।

ରାଧା—ହଉ, ଚାଲ । (ଲଳିତା ଓ ବିଶାଖାଙ୍କ ସହ ଯାଉ ଯାଉ ନେପଥ୍ୟେ ଶ୍ରୀକୃଷ୍ଣଙ୍କ ଅଡକୁ ଚାହିଁ ଚାହିଁ ପ୍ରସ୍ଥାନ କରିବା)

ବଳରାମ—(ହଠାତ୍ ପହଞ୍ଚି) କାହ୍ନୁ ! କୋଉଠି ଅଛୁ ଭାଇ ? (ଏଣେତେଣେ ଚାହିଁ) ମଧୁମଙ୍ଗଳ ! ବଟୁ !

ମଧୁମଙ୍ଗଳ—(ପହଞ୍ଚି) କଅଣ ଦାଉ ଭାଇ ?

ବଳରାମ—କାହ୍ନୁ କାହିଁ ?

Digitized by srujanika@gmail.com

ମଧୁମଙ୍ଗଳ—(ନେପଥ୍ୟ ଦେଖାଇ) ହେଉଛି ଆସୁଛନ୍ତି ।

ଶ୍ରୀକୃଷ୍ଣ—କଅଣ, ଦାଉଜି ?

ବଳରାମ—ଏତେ ଡାକରେ ଶୁଣୁନାଉଁ, କାହ୍ନୁ ! ତୁ ଅଛି ଏଣେ । ଏଣେ, ତେଣେ ଯେ କଅଣ ହେଲାଣି—

ଶ୍ରୀକୃଷ୍ଣ—(ହସି ହସି) କଅଣ ହେଇଚି ଭାଇ ?

ବଳରାମ---(ଗମ୍ଭୀର ଭାବେ) ଏ ହସିବାର ବେଳ ନୁହେ ! ଦେଖୁନୁ ଜାତି ଉପରେ ଦେଶ ଉପରେ ବିପତ୍ତି ଉପରେ ବିପତ୍ତି ପଡୁଚି ! ହିକିଏ ହେଇ ତୋର ଜ୍ଞାନ ନାହିଁ ? କଥା ଶୁଣି ହସୁଚୁ, କାହ୍ନୁ ?

ଶ୍ରୀକୃଷ୍ଣ—କି ବିପଦ ଘଟିଚି, ଭାଇ ! କାହା ଉପରେ ?

ବଳରାମ—କାହ୍ନୁ ! ପ୍ରକାଣ୍ଡ ଏକ ଅଜଗର ଆସି ପ୍ରାୟ ସମସ୍ତ ଗୋପାଳବାଳକଙ୍କୁ ଗିଳି ସାରିଲାଣି । ବଡ ବିପଦ, କହ୍ନେଇ ! କାହାର ସାହସ ପାଉନାହିଁ । ସମସ୍ତେ କେବଳ କାହ୍ନୁ କାହ୍ନୁ ବୋଲି ହୁରି ପକେଇଛନ୍ତି ! ଆ ଭାଇ ! ଶୀଘ୍ର ଆ ।

ଶ୍ରୀକୃଷ୍ଣ—ବୁଝିଲି । ସେ ପ୍ରକୃତରେ ଅଜଗର ନୁହେ । କଂସରର ଅଘାସୁର, ଅଜଗର ରୂପରେ ଆସିଚି ! ଚନ୍ତା ନାଇ, ଭାଇ, ଚାଲ । ପାପୀ ତାର ଉଚିତ ପ୍ରତିଫଳ ପାଇବ । ଆସ ବନ୍ଧୁ, ଯିବା । (ମଧୁମଙ୍ଗଳର ହାତ ଧରିବା)

ମଧୁମଙ୍ଗଳ—(ଭୟରେ ଥରି) ନାଇ, କାହ୍ନୁ, ମୁଁ ଯିବି ନାଇଁ । ତୁମକୁ ମୋ ରାଣ !

ଶ୍ରୀକୃଷ୍ଣ—ଆସ, ମଧୁ ! ବିପଦ ବେଳେ ଭାଇ ଭାଇକୁ ସାହାଯ୍ୟ କରିବା ପ୍ରଧାନ କର୍ତ୍ତବ୍ୟ ! (କହୁ କହୁ ମଧୁମଙ୍ଗଳକୁ ଟାଣି ଟାଣି ନେଇ ପ୍ରସ୍ଥାନ କରିବା)

Digitized by srujanika@gmail.com

ମଧୁମଙ୍ଗଳ—(ଢୋସାଡ଼ି ହୋଇ ଯାଉ ଯାଉ) ହେ କାହ୍ନୁ ! ହେ ବୃନ୍ଦାବନଚନ୍ଦ୍ର ! ହେ ବ୍ରଜବିହାରି ! ରକ୍ଷାକର ! ରକ୍ଷାକର !

ଲଳିତା—(ରାଧା ଓ ଅନ୍ୟ ସଖୀଗଣ ସହ ପହଞ୍ଚି କୁଞ୍ଜକୁ ଦେଖାଇ) ଦେଖିଲ, ରାଧେ ! କେଡେ ସୁନ୍ଦର କୁଞ୍ଜଟି !

ବିଶାଖା—ଅହା ! ଏହି କୁଞ୍ଜ ତ ଶ୍ରୀକୁଞ୍ଜବିହାରୀଙ୍କର କ୍ରୀଡାସ୍ଥଳ ।

ଚନ୍ଦ୍ରା—ଏହି କଦମ୍ବ ବୃକ୍ଷମୂଳେ ମୁରଲୀଧର ମୁରଲୀ ବଜାନ୍ତି ।

ଚଂପକଲତା—ଆସ, ଲଳିତା ! ଏହି ବନୋଦ କୁଞ୍ଜରେ ବନୋଦଙ୍କି ଆମର ସଜେ କରାଇ ଜୀବନ ଧନ୍ୟ କରିବା ।

ରାଧା—ନାହିଁ, ସଖି ! ଏ ପବିତ୍ର ପୀଠରେ ବସିବା ପାଇଁ ଅଭାଗିନୀ ରାଧା ଯୋଗ୍ୟ ପାତ୍ର ନୁହେ !

ଲଳିତା—(ରାଧାଙ୍କୁ ଧରି) ଶ୍ରୀମତୀ ରାଧା ଛଡା ଏହି ଦେବ ଯୋଗ୍ୟ ଆସନରେ ବସିବାକୁ ଭାଜନ କିଏ, ସଖି ?

ସଖୀଗଣ—(ରାଧାଙ୍କୁ କୁଞ୍ଜରେ ବସାଇ ଗୀତ ଗାଇ ନୃତ୍ୟ କରିବା)

—ଗୀତ—

(ରାଗ-କେଦାର—ତାଳ-ଏକତାଳି)

"ଯେବେ ନବଘନ ଶ୍ୟାମ ବଂଶୀ ସ୍ୱନ
ନିଶୀଥରେ ଥରେ ଶୁଣାଯିବ ।
ସଖି, ସୁଖ ବନେ ମୋଦମୟ ମନେ
ବିହରିବୁ, ତୋର ଜଣାଯିବ ॥
ପ୍ରସରିବ ମତ୍ତ ମିଳିନ୍ଦ ସଙ୍ଗୀତ
କଳ ପିକରୁ ତ ମଳୟ ମରୁତ ।

Digitized by srujanika@gmail.com

ଚରାଚର ଲୋକ ଧରାରେ ପୁଲକ
'ପରମାନନ୍ଦ ବୀଜ ବୁଣାଯିବ ॥ ୧ ॥
କଳାନନ୍ଦକାକୁଳ ବିପିନ ବକୁଳ
ମଞ୍ଜୁଳ ମଞ୍ଜରୀ ନିଳୟ ବଳୟେ
ସୁରଭି ସୁଷମ ବିବିଧ କୁସୁମ-
ମୟ ଚନ୍ଦ୍ରାତପ ଟଣାଯିବ ॥ ୨ ॥
ଅମ୍ଭେମାନେ ଦେଖିଥିବୁଁ ପରିଚାରୀ-
ଜନ ପରି ଗୃହି ଦ୍ୱାରରେ ତୋହରି,
ନନ୍ଦୁଚ କୁଟୀରେ ନୃପ ଉପଚାରେ
ଏ ପଦ ପଦ୍ମ ମଣାଯିବ" ॥ ୩ ॥

(ବ୍ରହ୍ମ.ଧ.ପ)

---ଯବନିକା---

ନବାନୁରାଗ

।

ତୃତୀୟ ଅଙ୍କ

ଶ୍ରୀ ନାରାୟଣ ଶୂରଦେବ,
ଯୁବରାଜ, ତରଳା

Digitized by srujanika@gmail.com

ନବାନୁରାଗ

—ତୃତୀୟ ଅଙ୍କ—

ପ୍ରଥମ ଦୃଶ୍ୟ

ଯମୁନା ତୀରସ୍ଥ ବନସ୍ଥଳୀ-ଗୋଷ୍ଠ ।

ଶ୍ରୀକୃଷ୍ଣ, ବ୍ରହ୍ମା, ସୁବଳ, ମଧୁମଙ୍ଗଳ, ସୁଦାମ ।

ଦ୍ୱିତୀୟ ଦୃଶ୍ୟ

ରାଧାମନ୍ଦିର—ଅଳନ୍ଦ

ରାଧା, ଲଳିତା ।

ତୃତୀୟ ଦୃଶ୍ୟ

ଯମୁନା ତୀରସ୍ଥ କଦମ୍ବ କୁଞ୍ଜ ।

ନାରଦ, ଶ୍ରୀକୃଷ୍ଣ, ଲଳିତା, ରାଧା, ସଖୀଗଣ ।

—ଯବନିକା—

Digitized by srujanika@gmail.com

ତୃତୀୟ ଅଙ୍କ

ପ୍ରଥମ ଦୃଶ୍ୟ

ଯମୁନା ତୀରସ୍ଥ ବନସ୍ଥଳୀ—ଗୋଷ୍ଠ ।

(ଅନେକ ଗାଈ ବାଛୁରୀ ଚରୁଥିବା । ଶ୍ରୀକୃଷ୍ଣ ଏକ ବୃକ୍ଷର ମୂଳ ଶାଖା ଉପରେ ଗୋଡ ଲମ୍ବେଇ ବସି ଶ୍ରୀରାଧାଙ୍କ ଭାବନାରେ ମଗ୍ନ ଗୀତ ଗାଉଥିବା । ଗାଈ ବାଛୁରୀ ସମୟେ ସମୟେ ମୁଣ୍ଡ ଟେକି ଶ୍ରୀକୃଷ୍ଣଙ୍କ ଆଡକୁ ଚାହୁଁଥିବା ।)

ଶ୍ରୀକୃଷ୍ଣ— **—ଗୀତ—**

(ରାଗ-ବେହାରଡା—ତାଳ-ଝୁଲ)

"ସୁନାଗୋରୀ ! ତୁ ଏକା ସିନା
ସୁନାଗରୀ ଶିରୀଷ ଫୁଲ ବାସନା ।
ଏ ଜଗତ ଭିତରେ କେହି ଗଜଗତି ! ତୋ ସମ ନାହିଁ ।
ରାଜା ନାରୀ ମଣ୍ଡଳେ ତୁହି, ସୁନ୍ଦର କୁନ୍ଦ ରଦନ ହସନା"॥

(କବିସୂର୍ଯ୍ୟ)

(ଶ୍ରୀକୃଷ୍ଣ ଗଛରୁ ଓହ୍ଲାଇ ଗୀତ ଗାଇ ଗାଇ ଧୀରେ ଧୀରେ ତନ୍ମୟ ଭାବେ ପ୍ରସ୍ଥାନ କରିବା)

ବ୍ରହ୍ମା—(କମଣ୍ଡଳୁ ଧରି ଧୀରେ ଧୀରେ ପଶିଛନ୍ତି) ଏହି ଶ୍ରୀକୃଷ୍ଣ ! ଏହି ଗୋଲକପତି ଭଗବାନ୍ ! ଏହି ସଚ୍ଚିଦାନନ୍ଦ ! ଅସମ୍ଭବ !

Digitized by srujanika@gmail.com

ଭାବ ଭଙ୍ଗିରୁ, ମନୋଭାବରୁ ମନେ ହୁଏ, ଏ ଏକ ପ୍ରେମୋନ୍ମତ୍ତ କିଶୋର । ତେବେ ନାରଦ କଅଣ ମିଥ୍ୟା କହିଲେ ? (କୁଞ୍ଚିତ୍ ଭାବ) ଘୋର ସନ୍ଦେହ ! ଏଥିରେ ମିମାଂସା ପାଇଁ କଠିନ ପରୀକ୍ଷାର ପ୍ରୟୋଜନ ! (ଗୋଷ୍ଠ ଅଡେ ଗୃହିଁ) ଅହା ! ଗାଈ ବାଛୁରୀ ଗୁଡ଼ିକ କେତେ ଆନନ୍ଦରେ ଚରୁଚନ୍ତି ! ଏହି ଗୋଷ୍ଠ ନିଶ୍ଚୟ ଏହି ନନ୍ଦକିଶୋରଙ୍କର । ତେବେ ମାୟା ବଳରେ ହରଣ କରନିଁଏ । ଏହାହିଁ ଉଚିତ ପରୀକ୍ଷା ! (ପ୍ରଛ ଗାଈ ବାଛୁରୀ ପାଖକୁ ଯାଇ କମଣ୍ଡଳୁରେ ଗାଈ ବାଛୁରୀଙ୍କୁ ନେଇ ଭର୍ତ୍ତି କଲାପରି ଅଭିନୟ ଦେଖାଇ) ଯାଁଏ, ଅନ୍ତରାଳରେ ରହି ଘଟନା ନିରୀକ୍ଷଣ କରେଁ । (ପ୍ରସ୍ଥାନ)

ସୁବଳ—(ଦଉଡ଼ି ଆସି) କାହ୍ନୁ ଭାଇ ! ଗାଈ ଯାକ କୁଆଡେ ଗଲେ ? ବାଛୁରୀଟି ଗୋଟିଏ ନାହାନ୍ତି !

ଶ୍ରୀକୃଷ୍ଣ—(ପଚାରନ୍ତି) କଅଣ ସୁବଳ ? ଡାକ ଛାଡ଼ୁଚୁ କାହିଁକି ?

ସୁବଳ—ଗୋରୁପଲ କୁଆଡେ ଗଲେ ? ଏଇଠିତ ଚରୁଥିଲେ ! ଚହ୍ନ ଭନ୍ନ ଦଶୁନାହିଁ ଯେ !

ମଧୁମଙ୍ଗଳ—(ଧଇଁସଇଁ ହୋଇ ପଚାରନ୍ତି) ଇରେ ହେ ସରୁମୁହାଁ ସୁବଳା ! ମୋର ସେ ଗେଲୀ ଗାଈଟାକୁ କୁଆଡେ ବାଡେଇ ଦେଲୁ ? ଖୋଜି ଖୋଜି ଥୟା ହେଇଗଲଣି !

ସୁବଳ—ମୋ ଗାଈ ଯାକ ତ ଦେଖା ନାହାନ୍ତି, ତୁମ ଗାଈକ ପଚ୍ଛରେ କିଏ ହେ !

Digitized by srujanika@gmail.com

ମଧୁମଙ୍ଗଳ—ତୋ ଛଡ଼ା କେହି ନାହିଁ । ମୋ ଗାଈ ଉପରେ ତୋର ଷୋଳପଣ ହିଂସା ! ସେ ଦିନ ଛୋଟି ଗାଈଟାକୁ ମୋର ମାରି ମାରି ନେଇ ପାଣିରେ ପୂରେଇ ଦେଲୁ ! ସେହି ଜନ୍ତୁ ତୁ ! ବିଶ୍ୱାସ ଅଛି ତୋତେ !

ସୁଦାମ—(ଦଉଡ଼ି ଆସି) କାହ୍ନୁ ଭାଇ ! ସତେ ଗାଈପାଳ କୁଆଡେ ଗଲେ ? ବଡ଼ ଆଶ୍ଚର୍ଯ୍ୟ !

ଶ୍ରୀକୃଷ୍ଣ—କେଜାଣି ! କୋଉ ଜନ୍ତୁ ଛୁଆଡ ଖାଇ ଯାଇ ନାହାନ୍ତି ?

ସୁବଳ—ତାହା କହନାଇ, ଭାଇ ! ତୁମ ଯୋଗରୁ ଏ ବୃନ୍ଦାବନରେ ଅହୋରାତ୍ର ପ୍ରେମଲୀଳା । ବାଘ ଛେଳି ଏକା ଘାଟକେ ପାଣି ପିଅନ୍ତି, ସାପ ବେଙ୍ଗ ଏକା ସାଙ୍ଗରେ ଖେଳନ୍ତି, କପୋତ ଛଞ୍ଚାଣ ଏକା ଡାଳକେ ବସନ୍ତି ! ଜଣାଯାଏ କେହି କୁହୁକ କରି ଗାଈ ବାଛୁରୀ ନେଇ ଯାଇଛି ।

ମଧୁମଙ୍ଗଳ---(ହାତ ହଲେଇ ପରିହାସ କରି) ଓହୋ ହୋ ହୋ ! ପଣ୍ଡିତେ ଅମର ପ୍ରଶ୍ନ କରି ବୁଝି ପକାଇଲେ ! ଗୋଟା ଯାକ ତ ସେ ଗଛମୂଳେ ବସି କଉଡ଼ି ଖେଳୁଥିଲ, ଗୋଠ ଉପରେ କିଏ ଦୃଷ୍ଟି ଦେଲ ଯେ ଏଠି ଆସି ଯୋଗବାର କହି ପକାଉଛୁ !

ଶ୍ରୀକୃଷ୍ଣ---କେଜାଣି ଚରି ଚରି ଦୂରକୁ ବାହାରି ଯାଇଥିବେ ! ପଶୁ ଜାତ ତ ! ଯୋଉଆଡେ ମୁହାଁଇଲେ, ସେଇଆଡେ ଗଲେ । ଦେଖ, ଖୋଜ । କୋଉଠି ଅବା ଚରୁଥିବେ । ମୁଁ ମଧ୍ୟ ବଂଶୀ ବଜାଇ ଡାକୁଛି । ଯାଅ, ଭାଇ, ସମସ୍ତେ ଯାଅ । ମନଦେଇ ଖୋଜ ।

Digitized by srujanika@gmail.com

ସୁଦାମ——ଚାଲ, ସମସ୍ତେ ବାହାରି ହୋଇଯାଅ । ଲଉଡ଼ି ବାଡ଼ି, ଚାଲ, କନ୍ଧି ବଜନ୍ଧି, ଗୃରିଅଡ଼େ ଖୋଜ ।

ମଧୁମଙ୍ଗଳ——ମୁଁ ତ ଯାଇ ପାରିବ ନାହିଁ । କଣ୍ଟା ମାଡ଼ିଚ । ଗୋଡ ପକେଇ ହଉନାହିଁ ।

ସୁବଳ——ସେ ଠକ ପଣ ରଖିଦିଅ ଗୋସେଇଁ । ସମସ୍ତେ ବାହାରି ଚାଲ ।

ଶ୍ରୀକୃଷ୍ଣ——ଏକ ମନ, ଏକ ପ୍ରାଣ ନହେଲେ କି କାର୍ଯ୍ୟ ହୁଏ ? ଏହା ତ ଆମ ଦେଶର ଦୋଷ ।

ସୁବଳ, ସୁଦାମ ଓ ମଧୁମଙ୍ଗଳ } ହଉ ତେବେ ଚାଲ । (ସମସ୍ତେ ହାତ ଧରାଧରି ହୋଇ ଦଉଡ଼ି ଯିବା)

ଶ୍ରୀକୃଷ୍ଣ——ପ୍ରକୃତରେ ବିପଦ କେତେବେଳେହେଁ ଏକା ଆସେ ନାହିଁ ! ଏକ ବିପଦରୁ ପାର ହେଉ ନ ହେଉ ଅନ୍ୟ ବିପଦ ଆସି ପହଞ୍ଚେ । କଂସଙ୍କର ଅଘାସୁରକୁ ମାରି ବାଳକବର୍ଗଙ୍କୁ ରକ୍ଷା କରୁ କରୁ ବ୍ରହ୍ମା ଆସି ଗାଈ ବାଛୁରୀ ହରଣ କରି ନେଲେଣି । (କିଞ୍ଚିତ ଭାବି) ହଁ, ବୁଝିଲି——ଏଥର ଗୂଢ଼ ରହସ୍ୟ ଉତ୍ତମ ରୂପେ ଭେଦିଲି । ଏ ଭିଆଣ କେବଳ ମୋତେ ପରୀକ୍ଷା କରିବା ପାଇଁ ! ହଉ, ଚିନ୍ତା ନାହିଁ ! ସେହି ମର୍ତ୍ତ୍ୟ ଦେବଗର୍ଭ ଗୋ ମାତାଙ୍କ ନାମ ସ୍ମରଣ କରି ଆପଣା ଅଙ୍ଗରୁ ଗୋରୁ ପଲ ଜାତ କରେଁ ! ଅବଶ୍ୟ ସୃଷ୍ଟି କର୍ତ୍ତାଙ୍କର ସନ୍ଦେହ ଦୂର ହେବ ।

(ଶ୍ରୀକୃଷ୍ଣ ଗୋଷ୍ଠ ସ୍ଥଳୀର ମଧ୍ୟ ଭାଗରେ ବୃକ୍ଷ ମୂଳେ ତ୍ରିଭଙ୍ଗିରେ ଉଭା ହୋଇ ବଂଶୀ ବାଦନ କରିବା । ଗାଈ ବାଛୁରୀ ଯଥା ସ୍ଥାନରେ ଦେଖାଯିବା)

Digitized by srujanika@gmail.com

ବ୍ରହ୍ମା—(ଧୀରେ ଧୀରେ ପଦାର୍ପଣ କରି ଅଲକ୍ଷିତ ଭାବେ ରହି ଗୋରୁ ପଲ ଦେଖି) ସତେ ଏ କଅଣ ! ଏ କି ଅଦ୍‌ଭୁତ ଦୃଶ୍ୟ ! ଏ କି ଅସମ୍ଭବ କଥା ! ମୁଁ ତ ଗାଈ ବାଛୁରୀ ସବୁ ହରି ନେଇ ବ୍ରହ୍ମ ଲୋକରେ ରଖିଛି ! ତେବେ ଏ ପଲ କାହୁଁ ଆସିଲେ ! ବଡ ବିଚିତ୍ର ! ଜାଣିଲି ଏହି ମୁରଲୀଧାରୀ ସାମାନ୍ୟ ଗୋପାଳ ବାଳକ ନୁହେ । ନିଶ୍ଚୟ ସେହି ସଚ୍ଚିଦାନନ୍ଦ ଗୋଲକପତି ! (ପ୍ରକାଶ୍ୟ ଭାବେ ଶ୍ରୀକୃଷ୍ଣଙ୍କ ପାଖକୁ ଯାଇ ହାତଯୋଡ଼ି ଜାନୁପାତ ପୂର୍ବକ) ହେ ପ୍ରଭୁ ! ହେ ପରମ ବ୍ରହ୍ମ ! ହେ ପରମ ପୁରୁଷ ! ଆଜି ମୁଁ ମହା ଅପରାଧ କରିଛି ! ବଡ ଦ୍ରୋହ କରିଛି ! ମୋହ ଜାଲରେ ଜଡ଼ିତ ହୋଇ ପ୍ରଭୁଙ୍କୁ ପରୀକ୍ଷା କଲି, ଗୋରୁ ପଲ ହରଣ କରି ନେଇ ବ୍ରହ୍ମ ଲୋକରେ ରଖିଲି ! କିନ୍ତୁ କି ଚମତ୍କାର ! ପଲକ ମାନଙ୍କେ ଅଙ୍ଗରୁ ଅନୁରୂପ ଗୋରୁ ଜାତ କରି ଆଜି ବ୍ରହ୍ମାକୁ କି ଲଜ୍ଜା ଦେଲ, ପ୍ରଭୁ ! ତେଣୁ କୃତାଞ୍ଜଳି ପୁଟେ କ୍ଷମା ମାଗୁଛି । କ୍ଷମାକର, କ୍ଷମାକର !

ଶ୍ରୀକୃଷ୍ଣ—(ବ୍ରହ୍ମାଙ୍କ ହାତ ଧରି ଉଠାଇ) ଉଠ, ସ୍ୱୟମ୍ଭୁ ! ଏ ଏକ ଖେଳ କୌତୁକ ମାତ୍ର । ଏହା କୁହୁକ ନୁହେ କି ଇନ୍ଦ୍ରଜାଲ ନୁହେ । ଏହି ଲୀଳା ପ୍ରତି ଯୁଗରେ ପ୍ରତି କ୍ଷଣରେ ଲାଗି ରହିଛି । ପୁଣି ଗୋମାତାର ଗୋଟିଏ ରୁମରେ କୋଟିଏ ଦେବତା । ତେଣୁ ତେତିଶି କୋଟି ଦେବ ଜନନୀ ସେହି ଗୋମାତାର ନାମ ସ୍ମରଣ ମାତ୍ରକେ ଅସଂଖ୍ୟ ଗାଈ ବାଛୁରୀର ଆବିର୍ଭାବ ! ଏ କଥା ଧ୍ରୁବ ଜାଣ, ବିଧାତା, ଯେ ତୁମେ ଯେତେ ଥର ଗୋଷ୍ଠ ହରଣ କରିନେବ, ସେହି ମୁହୂର୍ତ୍ତରେ

Digitized by srujanika@gmail.com

ଅଗଣିତ ଗୋରୁ ଗାଈ ଜାତ ହୋଇ ଆନନ୍ଦରେ ଚରିବେ । ଏବେ ଦେଖ ସେହି ଗୋମାତାର ନିଜ ରୂପ ! ଅବଲୋକନ କର !

(ଏକ ତୋପଧ୍ୱନି ସହ ହଠାତ୍ ଅନ୍ଧକାର ହୋଇଯିବା । ଅନ୍ଧକାର ମଧ୍ୟରେ ଏକ ବିଶାଳ ଜ୍ୟୋତିର୍ମୟୀ ଗୋ ମୂର୍ତ୍ତିର ଆବିର୍ଭାବ । ଗୋ ମାତାର ପ୍ରତି ଅଙ୍ଗରେ ଏକ ଏକ ଦେବ-ମୂର୍ତ୍ତିର ପ୍ରକାଶ)

ବ୍ରହ୍ମା—(ବିସ୍ମୟ ଭାବେ ଗୃହିଁ) ଧନ୍ୟ ବ୍ରଜବିହାରି ! ଧନ୍ୟ ତବ ଲୀଳା ! ଧନ୍ୟ ତବ ମହିମା !

—ଧୀରେ ଧୀରେ ପଟ ପତନ—

ତୃତୀୟ ଅଙ୍କ—ଦ୍ୱିତୀୟ ଦୃଶ୍ୟ

ରାଧା ମନ୍ଦିର--ଅଳନ୍ଦ

ରାଧା—(ଶ୍ରୀକୃଷ୍ଣ ଭାବନାରେ ତନ୍ମୟ ହୋଇ ଗୀତ ଗାଇ ପଡ଼ନ୍ତି)

—ଗୀତ—

(ରାଗ-ମନୋରମା—ତାଳ-ଆଠତାଳି)

ପ୍ରୀତି ପରି କେ ସୁଆଦ ଗୋ ।
ପିୟୂଷ ତୁଳେ ଯା ବାଦ ଗୋ ॥
ପହିଲୁ ଗଞ୍ଜାଇ ଗରବ ଗଞ୍ଜାଇ
ସମ୍ଭବାଏ ପରମାଦ ।

Digitized by srujanika@gmail.com

ପଦ୍ମ ଶର୍ବରୀଶ   କର ନିକରରୁ
        ବଳେ ତାହା ଅହ୍ଲାଦ ଗୋ" ॥
                                        (କବସୂର୍ଯ୍ୟ)

(ଆକାଶକୁ ଚାହିଁ) ଆକାଶ ! ସତେ ତୁ କେଡ଼େ ସୁନ୍ଦର ! ତୋର ନୀଳବର୍ଣ୍ଣ, ସେହି ଶ୍ୟାମ ଶ୍ରୀଅଙ୍ଗର ନୀଳ ତେଜ ଏକ ପରି ଦିଶେ ! ଆହା ! ଯେତେବେଳେ ଆକାଶକୁ ଅନେଇ ଦିଏ, ତମାଲ ତରୁକୁ ଚାହେଁ, ନୀଳ କଇଁଟିଏ ପାଏ, ସେହି ନୀଳ ତେଜ ଛାଁଏ ଆସି ହୃଦୟକୁ ଆବୋରି ଯାଏ ! କଅଣ କରିବ ! ଏ ଜଞ୍ଜାଳ ପୁରରେ ଥାଇ କିପରି ବା ସେହି ମୋହନ ମାଧୁରୀ ଅନୁଭବ କରିବ ! କି ଯୋଗରେ ସେ ଦିନ ଯମୁନା ଗଲି, କି ଲଗ୍ନରେ ଦେଖିଲି, ସେହି ଦିନୁଁ ସେହି ଶ୍ୟାମ ଜ୍ୟୋତି ପ୍ରତିକ୍ଷଣରେ ଆଖି ଆଗେ ନାଚୁଛି ! ସତେ, କେବେ ସେହି ଅକଳଙ୍କ ଚନ୍ଦ୍ରମାକୁ ଭେଟି ମନ ପ୍ରାଣ ଶୀତଳ କରିବ ! (ତନ୍ମୟ ଭାବେ ଉପରକୁ ଚାହିଁ ରହିବା)

ଲଳିତା—(ଗାଇ ଗାଇ ପଶନ୍ତି)

—ଗୀତ—

(ରାଗ-କାମୋଦୀ—ତାଳ-ଏକତାଳି)

"ନବ ବିଳାସିନିରେ ! ନକ୍ଷତ୍ରେଶ ହାସିନି ।
ନିଶିଦିନ ଶୟନ   ନ ଜାଣଇ ନବୀନ
        ବସିଣ ଦଳ ଶେଯେ ଯାଇ ଜଳି ॥
ନୀପବନ ପବନ   ନିର୍ଦ୍ଧୂମ ଶିଖାଧନ-
        ଞ୍ଜୟ ଝାସରୁ କରେ କରୁ କେଳି" ॥୧॥

Digitized by srujanika@gmail.com

ରାଧା—(ଉଦ୍ବିଗ୍ନ ମନରେ) କଅଣ, ଲଳିତେ ? କାହାକୁ ରାତି ଦିନ ନିଦ ନାହିଁ ? କାହା ଦେହ ତାପରେ ପଦ୍ମପତ୍ର ଶେଯ ଜଳି ଯାଉଚି ? କଦମ୍ବ ବନର ପବନ କାହାକୁ ନିଅାଁ ଝାସପରି ଲାଗୁଚି ! କହ ସଖି ! କିଏ ସେ ?

ଲଳିତା—ସେହି ନବୀନ ରସିକ ଶ୍ୟାମସୁନ୍ଦର, ଯା ପେଟରେ ରହିଚି ନାନା ଫନ୍ଦର ।

ରାଧା—(ଲଳିତାକୁ ଭିଡ଼ି ଧରି) କହ, ଲଳିତେ, ଫିଟେଇ କହ । ସନ୍ଦେହ ଫେଡ଼ !

ଲଳିତା—କହିବି କଅଣ ? ଶ୍ୟାମ ସୁନ୍ଦର କିଛି ମାତ୍ର ଥୟ ନାହିଁ । ଯେ ତା ପ୍ରେମରେ ମଜିବ, ପଛକୁ ବାର ଅବସ୍ଥା ହେବ ।

ରାଧା—କିପରି ?

ଲଳିତା—ସେ ସମସ୍ତଙ୍କ ମନକୁ କିଣି ନେବ । କିନ୍ତୁ ନିଜେ ଅଉ କାହା ପାଖରେ ବିକା ହେବ ନାଇ । ମୁଁ ପରା ଜାଣେ— ତା ମନଟା ବଜ୍ରକୁ ବଳି କଠିନ ।

ରାଧା—ତେବେ କଅଣ ତୁ ତାଙ୍କଠୁ କିଛି ନିଶ୍ଚୟ ଜବାବ ପାଇ ନାହୁଁ ?

ଲଳିତା—"ନି-ଶ୍ଚ-ୟ" ବୋଲି ଯୋଉ ତିନୋଟି ଅକ୍ଷର, ତାହା ତାର ଜାତକରେ ନାହିଁ ।

ରାଧା—ତେବେ କଅଣ ସେ କାଟି କରି ନାହିଁ କରି ଦେଲେ ?

ଲଳିତା—"ନାହିଁ ବୋଲିବା ବାଣୀ   ନିପଟ ନାହିଁ ଶୁଣି
ନଳୀନାକ୍ଷିରେ ହୋଇ କପ ହେବ ।

Digitized by srujanika@gmail.com

ନନ୍ଦନନ୍ଦନ ପ୍ରେମ ବଶେ ନୋହିବ ଭ୍ରମ
ନିର୍ମଳିଙ୍କି ଯେବେ ଗତି ଥିବ" ॥୨॥

ରାଧା—ତେବେ ସେ କଥା ମୋତେ ଆଗରୁ କାହିଁକି କହିଲୁ ନାହିଁ ?

ଲଳିତା—ଆଗରୁ କପର କହି ଦଅନ୍ତି ଭଲ ? ତୁମେ ହଉଚ ବଡ ଘର ଝିଅ, ସେ ହଉଛନ୍ତି ବଡଘର ପୁଅ ! ତୁମ ମନ କପର ଭାଙ୍ଗି ଦଅନ୍ତି ? ତେବେ ଏତିକି ଯେ ତା ଅନୁରାଗ ନୂଆ ନୂଆ ଅମୃତ ପରି ଲାଗିବ । କିନ୍ତୁ ପଛକୁ ବିଷ ପାଲଟି ଦେହ ମନକୁ ଜାଳି ପୋଡ଼ି ଛାରଖାର୍ କରିଦେବ !

"ନିଦ୍ଦାର ନିକେତନ ହୋଇବୁରେ ନୂତନ
ମନ୍ଦାର ବନ୍ଧୁ କୁରୁବିନ୍ଦାଧର୍‌ ।
ନିଶା ରମଣ କର- କଳଙ୍କା ଚଯ୍ୟ ତୋର
ହୋଇଯିବ କଲ୍ପାନ୍ତ କାଳଖର୍" ॥୩॥

ରାଧା—କହିଲୁ ସତ ! କିନ୍ତୁ ତୋର ସେଦିନ କଥାକୁ ଆଜି କଥା ତ ସ୍ୱର୍ଗ ମର୍ତ୍ତ୍ୟ ତଫାତ !

ଲଳିତା—ଯାହା କହିବାର ଫିଠେଇ କହିଦେଲି । ଏଣିକି ତୁମ ଇଚ୍ଛା । (ରାଧାଙ୍କ ହାତ ଧରି)

"ନିବେଦନ କରୁଚି କର କଞ୍ଜ ଧରୁଚି
ହେଲେ ହେଉ ବରୁଚି ନିଦ୍ରାହାରେ ।
ପଛ କଥା ନଧରି ପାଶୋରି ଯାଅ ଗୋରି
ନରସ ମାଲବାହୁ ମୁଦ୍ରାହାରେ" ॥୪॥

ରାଧା—(ଲଳିତାର ହାତ ଛାଡ଼େଇ ଦେଇ) ତୁ ତ ବଡ ବିଷମ ଲୋକ, ଲଳିତା ! ସ୍ୱର୍ଗରେ ଚଢ଼େଇ ଦେଇ ନିଶୁଣି କାଢ଼ି ନଉଚୁ ?

Digitized by srujanika@gmail.com

ଘଡ଼ିଟିକେ ବୁଡେଇ ଦେବୁ ମଣିଷକୁ ! ତୁ ତ ବଡ ପରମାଦ !

—ଗୀତ—

(ରାଗ-ବଙ୍ଗଳା—ତାଳ-ଆଡତାଳି)

"ପରମାଦ ବଡ ତୁହି ଗୋ ପ୍ରିୟ ସହି ।
ପାରୁ କେତେ ଛନ୍ଦେ ମୋହି ଗୋ ॥
ପରମ ପଦରେ ନେଇ ଜାଣୁ ତୁ ବସାଇ ।
ପୁଣି ତହୁଁ ଆଣୁ ତଳାତଳକୁ ଖସାଇ ॥
ପାଶୋରାଇ ମନୁ ନାନା କଦନ ଲଗାଇ ।
ପୀଡ଼ୁ ଅଶ୍ରୁ ବରଷାଇ ଗୋ" ॥ ୧ ॥

ଲଳିତା—ଯାହା କହ ପଛକେ, ମୋତେ ଯାହା ଭଲ ଦେଖାଗଲା, ତାହାହିଁ କହିଲି । ମନ ହେଲେ ମୋ କଥା ଧେନ, ନୋହିଲେ ଯାହା ମନକୁ ଆସୁଛି ତାହାକର ।

ରାଧା—ତୁ ଯାହା କହିଲୁ, ତାହା ସତ୍ୟ ଲଳିତା । ହେଲେହେଁ ଚନ୍ଦ୍ରରୁ ଅମୃତ ଟପୁଡ଼ି ପିଇବା ସମୟରେ ଯଦି ତାହା ବିଷ ପାଲଟି ଯିବ, ସେଥିକି ଉପାୟ କଅଣ, ସଖି ! ପୁଣି ଏ ଦେହ ମନ ପ୍ରାଣ ଯେବେ ପରର ବଶ ହୋଇଯିବ, ସେଥିକି ପ୍ରାଣୀ ଭଲା କଅଣ କରିବ ? ତେବେ ତୋତେ ଏତିକି ମାତ୍ର କହୁଛି ଯେ (ଲଳିତାର ହାତ ଧରି)

"ପିଅଇ ଦୁହିଙ୍କି ଥରେ ଦୁହିଙ୍କ ଅଧର
ପଛେ କହ ଆଚରଣ ପୁତନା ବଧର
ପୀତପଟ ନଟ ନାମ ଆଗରେ ନଧର
ପାଳଏ ମାତ୍ର ଉଦ୍ଧାର ଗୋ" ॥ ୨ ॥

Digitized by srujanika@gmail.com

ଲଳିତା—(ରାଧାଙ୍କ ହାତ ଛାଡ଼ିଦେଇ) ଥାଉ ଥାଉ ମନଧରା ! ପାଇଗଲଣି ପରିଶ୍ରମର ଫଳ ! ଶାଢ଼ୀ ଶିରପା ପାଇ ମନପ୍ରାଣ ବୋଧ ହୋଇଗଲାଣି ।

—ଗୀତ—

(ରାଗ-ପୂରବି—ତାଳ-ଏକତାଳି)

"ଫାଟି ପଡ଼ିବାର ନିକୁଞ୍ଜ ସଞ୍ଚାର ଶ୍ରମୁଁ ମୋ ଚରଣତଳ ।
ଫଳୁରି ଖୋର ଅଙ୍ଗରକୁ ହେବାର ଏହି ଏକା ଏଥୁଁ ଫଳ ॥
ରେ କିଶୋରି ! ଫିଟିଗଲା ଯେ ସନ୍ଦେହ ।
ଫୁଲି ଗଲୁ ଫୁଲି ଲଭିମ ରସିକା ଜାଣି ପରା ଶ୍ୟାମ ସ୍ନେହ ॥୧॥
ଫନ୍ଦାଇ ନାନା ବନସ୍ଥେ କହି ଦନ୍ତେ ତୃଣ ଧରିବାର ଗଲା ।
ଫଠା କପାଳରେ କୁଟିଳ ହୃଦୟା ବୋଲାଇବା ଲେଖାଥିଲା ।
ରେ କିଶୋରି ! ଫନ୍ଦା ଧନ ତୁ ତ ମୋର ।
ଫରିଆଦ କାହିଁ ତୋ ନାମେ କରିବି ନିନ୍ଦାକଲେ ପଛେ କର" ॥୨॥

ରାଧା—(ଲଳିତାକୁ ଆଲିଙ୍ଗନ କରି) ଲଳିତା ! ପରିହାସରେ ପଦେ ଅଧେ କହି ଦେଲି ବୋଲି ସେହି କଥାକୁ ଧରି ବସିଚୁ ? ତୁ ପରା ମୋତେ ପ୍ରାଣ ପରି ଭଲ ପାଉ ? ତୋ ଛଡ଼ା ମୋ ମରମ ବେଦନା କିଏ ବୁଝିବ, ସହି ?

—ଗୀତ—

(ରାଗ-ସାବେରୀ—ତାଳ-ଅଦ୍ଧ)

"ବିଚକ୍ଷଣାରେ !
ବିନା ତୋ ପ୍ରୀତି କେ ଗତି ଅଛି ଜଗତୀରେ ।

Digitized by srujanika@gmail.com

ବୋଲି ଦେଇ ହିନା ଗେଲେ ହସି,
ବଣ୍ଟେ କାହିଁ ତୋ ସମ ବଂଶୀବାସୀ ।
ବାନ୍ଧିବାକୁ ମୋ ମନ ତୁ ପାଶି,
ବିଶେଷରେ ମୋ ହୃଦନ୍ତର ତୋତେ ଜଣାରେ ॥୧॥
ବିକେ କଣେ ଯେ ଯାହାକୁ ସ୍ନେହେ,
ବିଜ ତା ଠାରୁ ଜୀବନ ନୁହେ ।
ବଳ ତାହାଠାରେ ହିନା ସହେ,
ବହିରଙ୍ଗେ ବୁଲୁଛନ୍ତ ଦେଖ ଅଗଣାରେ" ॥୨॥

ଲଳିତା—(ରାଧାଙ୍କ ଓଠ ଧରି) ଦୁଃଖ କରନା, ରାଧେ ! ଲଳିତା କି କେବେ ରାଧା ଠାରୁ ଭିନ୍ନ, ସଖି ? ଯେଉଁ ଯୁଗଳ ପ୍ରେମ-ରସାମୃତ ପାନକରିବ ବୋଲି ଲଳିତା ଚାତକୀପରି ରହିଁଛି, ସେ କି କେବେ ସେହି ଅମୃତ ବେଳାକୁ ହରେଇ ବସିବ, ରାଧେ ?

ରାଧା—ତେବେ, ଚାଲ, ସଖି ! କଦମ୍ବ କୁଞ୍ଜ ଆଡ଼କୁ ଯାଇ କଦମ୍ବ ମୂଳଆର ମୋହନ ମାଧୁରୀ ଦେଖିବା ! ଗୋପନରେ ଯାଇ ଗୋପନରେ ଆସିବା ।

ଲଳିତା—ହଉ, ଚାଲ ! ତେବେ ପାଆରୁ ନୁପୁର ଉପରି ପକା ।

ରାଧା—କାହିଁକି ?

ଲଳିତା—ରୁଣୁ ଝୁଣୁ ନୁପୁର ନାଦରେ ଜାଣୁ ନାଗରୀ ବିଜେଇ ବିଜେଇ ଅଭିସାରରେ ଯାଉଛି ବୋଲି କଅଣ ଦାଣ୍ଡରେ ଜଣେଇ ହେବ ?

ରାଧା—ଏଥିର ଭେଦ ?

Digitized by srujanika@gmail.com

ଲଳିତା—ଲୁଚି ଲୁଚି ଗଲେ ସିନା ଭାବ ବନୋଦୟାର ଭାବଭଙ୍ଗି ଦେଖିବ ।

ରାଧା—ଲୁଚି ଲୁଚି କାହିଁକି, ଲଳିତା ! ମୁଁ ତ ମୋ ସ୍ୱାମୀଙ୍କ ଠାରୁ ଅନୁମତି ନେଇ ଅନୁକୂଳ କରିବି । ଏ ତ ନିର୍ମଳ ପ୍ରେମ ! ଏଥିରେ କଳୁଷ ଭାବ କଅଣ ଅଛି, ସଖି ? ତେବେ କହିଲୁଣି ଯେବେ, ଅବଶ୍ୟ ନୂପୁର ଉତାରି ଦେବି ।

ଲଳିତା—ହଉ, ଶୁଭକଥା ।

ରାଧା—(ଲଳିତାର ହାତଧରି) ପ୍ରାଣ ସଖି ଲଳିତା ! ସତ କହ ସୂର୍ଯ୍ୟ ପୂଜା ଦିନର ସେ ବ୍ରାହ୍ମଣ କିଏ ?

ଲଳିତା—(ହସି ହସି) କାହିଁକି ? ସେହି ବ୍ରାହ୍ମଣଟି ମଧ କଅଣ ମନ ରସିଲାଣି କି ? ହଉ ହଉ ! (ରାଧାଙ୍କ ଓଠ ଧରି) ରସମୟି ଗୋ ! ଏଥର ଜଗତ ଯାକ ରସ ।

ରାଧା—ଛି, ସହି ! ଏ କି ଅନ୍ୟାୟ କଥା କହୁଚୁ ! ପଚାରିଲେ କଅଣ ଦୋଷ ?

ଲଳିତା—ସେହି ବ୍ରାହ୍ମଣଟି ତୁମର ହୃଦୟନିଧି, ଯେ ତୁମକୁ କୃଷ୍ଣ ବନ୍ଧୁ ଦେଲାବେଳେ ଦେହ ତୁମର ପୁଲକରେ ପୂରିଗଲା !

ରାଧା—(ପ୍ରେମାବେଶ ଭାବେ) ସତେ !

ଲଳିତା—ଚାଲ, ତେବେ, ଶିଙ୍ଗାର ବଢ଼େଇବା । (ରାଧାଙ୍କୁ ଧରି)

--ଗୀତ--

(ରାଗ-ଝୁଲା—ତାଳ-ଆଠତାଳି)

"ସଜ ହୋଇ ଥାରେ, ଗଜ ରାଜ ଗତି ଅଜ ।
ରଜନୀ ଭେଟିବୁ ସଜ ନୀଳୋତ୍ପଳ ଶ୍ୟାମ ବ୍ରଜ ଯୁବରାଜ ॥

Digitized by srujanika@gmail.com

ସୁନା ଲଡକାରେ ମିନା ପରି କଲା ହିନା ଶାଢ଼ୀ ଯତ୍ନେ ପିନ୍ଧ ।
ବଳାପଦ୍ମମଣି ଗାଲ କୁନ୍ତଳରେ କଲାପ କମର ବାନ୍ଧ ॥୧॥
ଦେଖି ସେ ଉତ୍ସବ ନେତ୍ରେ ଅମ୍ଭେମାନେ ସୁଖିହୋଇ ଜୀଇଁବାକୁ
ଦୁହେଁତ ଦୁହିଁଙ୍କ ଜୀବ, ଜୀବବନ୍ଧୁ, ଯିବ ମଧୁ ପିଇବାକୁ” ॥୨॥

(କବସୁର୍ଯ୍ୟ)

(ରାଧାଙ୍କୁ ଘେନି ଲଳିତା ଗୀତ ଗାଇ ଗାଇ ପ୍ରସ୍ଥାନ)

—ପଟ୍ଟ ଉତ୍ତୋଳନ—

ତୃତୀୟ ଅଙ୍କ—ତୃତୀୟ ଦୃଶ୍ୟ

ଯମୁନା ତୀରସ୍ଥ କଦମ୍ବ କୁଞ୍ଜ

(କଦମ୍ବ ତରୁ ଦେହରେ ନାନାଦ ଲତା ଜଡ଼ିତ ହୋଇ କୁଞ୍ଜ ଆକାର ଧାରଣ କରିଥିବା, ଚତୁର୍ଦ୍ଦିଗରେ ନାନାଦ କୁସୁମିତ ବୃକ୍ଷ ଲତା । ତରୁ ଶାଖାରେ ଶୁକ ସାରିକାଦ ନାନାଦ ପକ୍ଷୀ ବସି ଥାଆନ୍ତି । ବୃକ୍ଷ ମୂଳରେ ନୃତ୍ୟପଟୁ ମୟୂର ମୟୂରୀ । ହରିଣ ହରିଣୀ ଚରୁଥିବା, ଶୋଇଥିବା । ସମୟ ସନ୍ଧ୍ୟା । ନାରଦ ଉଭା ହୋଇ ଏଣେ ତେଣେ ଗୃହିଁ ଦୃଶ୍ୟର ସୌନ୍ଦର୍ଯ୍ୟ ଅନୁଭବ କରୁଥିବା ।)

ନାରଦ—ଏହି ତ କଦମ୍ବ କୁଞ୍ଜ ! ଏହି ତ ଯମୁନା ନଦୀ ! ଏହି ତ ଶ୍ରୀକୃଷ୍ଣଙ୍କର କ୍ରୀଡାସ୍ଥଳୀ ! ତେବେ କାହାନ୍ତି ମୁରଲୀଧାରୀ, ଯାହାଙ୍କ ଚରଣ ଦର୍ଶନ ଲାଗି ଦେବର୍ଷି ନାରଦ ଆଜି କେତେ ଆଗ୍ରହରେ ଆସିଛି ! ତେଣେ ଧରଣୀର ବକ୍ଷଳ

Digitized by srujanika@gmail.com

କ୍ରନ୍ଦନ ସୃଷ୍ଟି-କର୍ତ୍ତାଙ୍କର ମର୍ମରେ ବଡ ବେଦନା ଦେଉଛି ! କେବେ, ପ୍ରଭୁ, ଏ ପ୍ରେମଲୀଳା ତ୍ୟାଗକରି କର୍ତ୍ତବ୍ୟ ପଥରେ ଅଗ୍ରସର ହେବେ ! କେବେ ଦୁଷ୍କୃତମାନଙ୍କୁ ବିନାଶ କରି ଧରଣୀର ଦୁଃଖ ଦୂର କରିବେ ! କେବେ ଅଭ ଧର୍ମ ରାଜ୍ୟ ସ୍ଥାପନ କରିବେ ! ଦେଖାଦିଅ, ପ୍ରଭୁ ! ଅଧମ ନାରଦକୁ କୃତାର୍ଥ କର ! ରେ ମନ ! ଥରେ ସେହି ପରମାତ୍ମା ପରମ-ପୁରୁଷଙ୍କୁ ଏକ ଲୟରେ ଧ୍ୟାନ କର । (ଧ୍ୟାନସ୍ଥ ଭାବେ ରହି)

•

--ଗୀତ--

(ରାଗ-ସୁରଟ)

"ମନ ଜପି ଯା ସିନ୍ଧୁସୁତା ପ୍ରାଣଧନେ, ସିତ ପଙ୍କଜ ନୟନେ ॥

ରମ୍ୟ ଯାନ ପଦଙ୍କରେ, ମୁନି ହୃଦ ପଦଙ୍କରେ ।
ଶରଣାଗତ ବନ୍ଧୁରେ, କରୁଣା-ସୁଧା-ସିନ୍ଧୁରେ ॥୧॥
ଦଳିତ କଳୁଷ ପୁଞ୍ଜେ, ଇନ୍ଦ୍ର ବନ୍ଦ୍ୟ ପଦକୁଞ୍ଜେ ।
ନିଗମ ଭୃଙ୍ଗ ଗୁଞ୍ଜରେ, ଭବ ଭୟାବ୍ଧି ପୁଞ୍ଜରେ" ॥୨॥

(ଜୟଦେବ)

(ହଠାତ୍ ଏକ ଅପୂର୍ବ ସୁଗନ୍ଧ ଅନୁଭବ କରି) ଅହା ! ଏକି ଅପୂର୍ବ ସୁଗନ୍ଧ ! ଏ ସୁଗନ୍ଧ ତ ସ୍ୱର୍ଗର ପାରିଜାତରେ ସୁଦ୍ଧା ନାହିଁ ! ସମ୍ଭବ ସେହି ଶ୍ୟାମ ସୁନ୍ଦରଙ୍କର ଶ୍ରୀଅଙ୍ଗ ସୌରଭ ! (ନେପଥ୍ୟେ ଶ୍ରୀକୃଷ୍ଣଙ୍କୁ ଦେଖି) ଏହି ତ ନଟବର, ଧୀର ଗମ୍ଭୀର ପଦ ବିକ୍ଷେପରେ ଏଣିକି ଆସୁଛନ୍ତି । ଯାଁଏ, ଅନ୍ତ-ରାଳରେ ରହି ମନୋଭାବ ବୁଝେଁ । (ପ୍ରସ୍ଥାନ)

Digitized by srujanika@gmail.com

ଶ୍ରୀକୃଷ୍ଣ—(ଧୀରେ ଧୀରେ ରାଧା ଭାବନାରେ ତନ୍ମୟ ଭାବେ ପଦ୍ମାଞ୍ଜି) ଶକ୍ତିମୟି ରାଧେ ! କେବେ ତୋର ସେହି ପ୍ରେମଶକ୍ତି ଶ୍ରୀକୃଷ୍ଣକୁ ପ୍ରଦାନ କରିବୁ ? କେବେ ଜଗତର କଲ୍ୟାଣ ସାଧନ କରିବୁ ! ମାୟାମୟି ! କେତେ ଦିନ ଆଉ ମାୟାରେ ବୁଡ଼ି ରହିବୁ ! କିନ୍ତୁ ତୋର ପ୍ରେମାଧାର ଶ୍ରୀକୃଷ୍ଣର ମନ ପ୍ରାଣକୁ କେଉଁ ଅଜଣା ଶକ୍ତିରେ ଟାଣୁଛୁ କେଜାଣି, ପ୍ରତିକ୍ଷଣରେ କେବଳ ତୋହରି ଭାବନା ! କି ମାୟା ବିସ୍ତାରିଛୁ କେଜାଣି, ମୋତେ ତୋ ବିନା ଆନ କେହି ଦିଶୁନାହାନ୍ତି !

—ଗୀତ—

(ରାଗ-କଲାହଳ—ତାଳ-ଅଠତାଳି)

"ଜୀବ ବାନ୍ଧିବାରେ, ପ୍ରାଣ ବାନ୍ଧିବାରେ !
ତୋ ବିନା ମୋତେ ନ ଦିଶେ ଆନ ।
ଜଗତେ ନାଗରୀମାନଙ୍କ ମାଧୁରୀ
କରୁଥାଏ ମୁଁ ଯେ ଅନୁମାନ ।
ଗୋଟିଏ ଗୁଣରେ ତୋ ନଖ କୋଣରେ
ତୁଳିବାକୁ ନ ବଳଇ ମନ ॥ ୧ ॥
ତରୁଣି ! ତୋ ବାଣୀ ମୃଦୁ ମୃଦୁ ଠାଣି
ଶୁଣି ଥିବ ପୁଣି ଯାହା କାନ ।
ଯେ କି ଗଞ୍ଜିବ ଯୋଗ୍ୟ ବିଗୃହିବ
ଶୁକ ପିକ ବେଣୁ ବୀଣା ଗାନ" ॥ ୨ ॥

(କବିସୂର୍ଯ୍ୟ)

ନାରଦ—(ଧୀରେ ଧୀରେ ପଦ୍ମାଞ୍ଜି ହାତଠେକି) ଜୟ ଜୟ ବଂଶୀଧର !

Digitized by srujanika@gmail.com

ଶ୍ରୀକୃଷ୍ଣ—କିଏ ତୁମେ, ଅର୍ଯ୍ୟ ।
ନାରଦ—ମୁଁ କଙ୍କର ନାରଦ ।
ଶ୍ରୀକୃଷ୍ଣ—କାହାର କଙ୍କର, ମୁନିବର ?
ନାରଦ—ସେହି ନନ୍ଦନନ୍ଦନ ଗୋପୀ ମୋହନ ଶ୍ରୀକୃଷ୍ଣଙ୍କର ।

ଶ୍ରୀକୃଷ୍ଣ—ଏ କି କଥା କହୁଚ, ମୁନେ ! ମୁଁ ତ ସାମାନ୍ୟ ଗୋପ ବାଳକ । ଗୋ ପାଳନ କରେ । ଖେଳେ, ବୁଲେ ।

ନାରଦ—ହଁ, ହଁ, ଗୋ ଯେ ପୃଥିବୀ ତାକୁ ପାଳନ କର ।
ଶ୍ରୀକୃଷ୍ଣ—ତୁମ କଥାରୁ ତ ମୁଁ କିଛିମାତ୍ର ଅନ୍ତ ପାଉନାହିଁ ।

ନାରଦ—ତୁମେ ତ ନିଜେ ଅନନ୍ତଶାୟୀ । ତୁମର ଅନନ୍ତ ଶକ୍ତି । ତୁମ ପାଦ ପଦ୍ମରେ ଲୀନ ହେବାକୁ ଏ ଜୀବ ତ ଅନ୍ତରେ ଇଚ୍ଛା କରେ । ତୁମେ ପୁଣି ଅନ୍ତ ପଚାରୁଚ କଅଣ, ପ୍ରଭୁ ?

ଶ୍ରୀକୃଷ୍ଣ—ପ୍ରଭୁ କହି ମୋର ଅକଲ୍ୟାଣ ପାଅନା, ଦେବର୍ଷେ ! ମୁଁ ପରା ଅଜ୍ଞାନ ଗୋପ ଶିଶୁ !

ନାରଦ—କପଟୀ ଚୂଡ଼ାମଣି ! ବୃଥା କପଟରେ କି ଲାଭ ? ସେବକ ନାରଦକୁ ଭଲା ଏ ଅପୂର୍ବ ଆନନ୍ଦ ଭୋଗରୁ କାହିଁକି ବଞ୍ଚିତ କରୁଚ ?

ଶ୍ରୀକୃଷ୍ଣ—ବ୍ରହ୍ମାନନ୍ଦନ ! ପ୍ରକୃତରେ ତୁମର ଆଜି ଏତେ ଆନନ୍ଦ କାହିଁକି ?

ନାରଦ—ମୋତେ କାହିଁକି ପଚାରୁଚ, ଆନନ୍ଦମୟ ? ଏହି ଯମୁନା ନଦୀକୁ ପଚାର ସେ କାହିଁକି ଆନନ୍ଦରେ କୁଳୁ ନାଦ କରୁଛି । ଏହି କଦମ୍ବ ତରୁକୁ ପଚାର ସେ କାହିଁକି ଆନନ୍ଦରେ ଦୋହଲୁଚି ।

Digitized by srujanika@gmail.com

ଶ୍ରୀକୃଷ୍ଣ—ମୁଁ କି ଜାଣେ, ନାରଦ !

ନାରଦ—(ହସି ହସି) ଅହା ! ଭାବଗ୍ରାହି ! କି ଭାବରେ ବୁଝି ରହିଚ, ପ୍ରଭୁ ! ତୁମର ଏହି ମଧୁର ମୁରଲୀ ଧ୍ୱନି ଯେତେ-ବେଳେ ନବଘନର ଗାଳମାରେ, ବିଜୁଳୀର ଘନ ଘନ ଚମକରେ, ପବନର ମୃଦୁ ହିଲ୍ଲୋଳରେ ଆନନ୍ଦର ଅଶାବରୀ ରାଗ ଆଳାପ କରେ, ସେତେବେଳେ ସ୍ଥାବର ଜଙ୍ଗମାଦି କିଏ ଅଥୟ ହେବ, ଦୀନବନ୍ଧୁ ?

ଶ୍ରୀକୃଷ୍ଣ—ତାହା କହନାହିଁ ଦେବର୍ଷେ ! ତୁମେ ନାଦ ବିଦ୍ୟା ବିଶାରଦ ପୁଣି ନାଦବିଦ୍ୟା ପ୍ରଚାରକ ! ତୁମର ବୀଣାର ଏକମାତ୍ର ଝଙ୍କାରରୁ ଏହି ବଂଶୀର ସପ୍ତସ୍ୱର ବି ସୃଷ୍ଟିହେ । ତୁମେ ଜଗତରେ ଯେଉଁ ନାଦବିଦ୍ୟା ପ୍ରଚାର କରିଚ, ସେଥିରୁ କାଣିଚୁଏ ମାତ୍ର ଏହି ଗୋପବାଳକ ଶିକ୍ଷା କରିଚି ।

ନାରଦ—ତାହା ନୁହେଁ, ନାଟୁଆ ନଟବର ! ବୀଣା ବାଦ୍ୟରେ ମୋର ଯାହା ଅପୂର୍ଣ୍ଣ ଥିଲା, ମୁରଲୀ ବାଦନରେ ତୁମେ ତାହା ପୂର୍ଣ୍ଣ କରିଚ । (ଶ୍ରୀକୃଷ୍ଣଙ୍କ ହାତ ଧରି) ସତ୍ୟ କହ, ପ୍ରଭୁ ! କପଟ ଛାଡ଼ି କହ—ଏ ଅବତାରର ଉଦ୍ଦେଶ୍ୟ କି ?

ଶ୍ରୀକୃଷ୍ଣ—ଏହି ଅବତାରର ପ୍ରଥମ ଅବସ୍ଥା—ପ୍ରେମ, ଯାହାକି ମୋହନ ମୁରଲୀ ଦ୍ୱାରା ଘରେ ଘରେ ବାଣ୍ଟିବି ।

ନାରଦ—ଦ୍ୱିତୀୟ ?

ଶ୍ରୀକୃଷ୍ଣ—ଜ୍ଞାନ । ଯାହାକି ଗୀତାଦ୍ୱାରା ପ୍ରକାଶ ପାଇବ ।

Digitized by srujanika@gmail.com

ନାରଦ—ତୃତୀୟ ?

ଶ୍ରୀକୃଷ୍ଣ—ଧର୍ମ-ସଂସ୍ଥାପନ—ଯାହାକି ଯୁଦ୍ଧ ବିଗ୍ରହ ଦ୍ୱାରା ସ୍ଥାପିତ ହେବ ।

ନାରଦ—ଧନ୍ୟ ଲୀଳାଧର ! ଦେବଦାସ ନାରଦ ଆଜି କୃତାର୍ଥ । ଅହା ! ଏକ ମୁରଲୀ ନାଦରେ ଜଗତକୁ କପର ମୋହିତ, ପ୍ରଭୁ ! ବଜାଅ ଥରେ ସେହି ମୋହନ ବଂଶୀ, ଯାହାର ମଧୁର ତାନରେ ମୁଗ୍ଧ ହୋଇ ଯାଏ ମୁଁ ସେହି ଅମର ଧାମକୁ । (ପ୍ରଣାମ କରି) ବିଦାୟ ଦଅ, ପ୍ରଭୁ !

ଶ୍ରୀକୃଷ୍ଣ—ତଥାସ୍ତୁ ! ନାରଦ ! (କହି କଦମ୍ବ ମୂଳେ ତ୍ରିଭଙ୍ଗିରେ ଛିଡ଼ା ହୋଇ ମଧୁର ତାନରେ ମୁରଲୀ ବାଦନ କରିବା । ନାରଦ ଆନନ୍ଦରେ ନୃତ୍ୟ କରି କରି ପ୍ରସ୍ଥାନ କରିବା)

ଲଳିତା—(ରାଧାଙ୍କୁ ସଙ୍ଗରେ ଘେନି ପଦ୍ମର୍ଶ ଅଳ୍ପ ଅନ୍ତରାଳରେ ରହି ଦୂରରୁ ଶ୍ରୀକୃଷ୍ଣଙ୍କୁ ହାତରେ ଦେଖାଇ)

—ଗୀତ—

(ରାଗ-କେଦାର—ତାଳ-ତ୍ରିପୁଟା)

"ଭଙ୍ଗୀ ଚାହାଁ, ଭ୍ରୁଲତା ଭୁଜଙ୍ଗୀ ଭ୍ରମର ଜୀବସଙ୍ଗି !
ଭାଗ୍ୟ ଏ ଜନ ଅଖି, ଜନନରଞ୍ଜି ସଖି, ଜାଣରେ,
ଭରମି ନ ଯା ତୁ ମନ୍ମଥ ବାଣରେ,
ଭୁଜ ପାଶକୁ ଛନ୍ଦି ମୋ ଗଳେ, ଭଙ୍ଗ ପଦକଞ୍ଜ ଧରଣୀ ତଳେ ।
ଭୂମଣ୍ଡନାରେ !

ଭଲ୍ଲ ମାନୁଚ ଦେଖ, ମୁଖ ସୁଧା ମୟୁଖ,
ଅଳକ ତଲ ଅଖଣ୍ଡିତ ରୋଚନାରେଖ,
ଛଳକେ ଦୃଷ୍ଟି ରଖ, ସଖିରେ,
କି ଦଶେ ଚଳାଚଳ, ଗୃରୁ ଚନ୍ଦ୍ରକ ଚୂଳ’’ ॥

ଲଳିତା—(ହଠାତ୍ ନେପଥ୍ୟେ ଦେଖି) ଅହା ! କି ସୁନ୍ଦର ସ୍ଥଳ ପଦ୍ମ ଫୁଲଛିଏ ମ ! ଭଅଁର କେତେ ସବ୍ରଗରେ ଫୁଲଗୁରି ପଡେ ବୁଲୁଛି ! ଯାଏଁ, ରାଧେ, ଫୁଲଟି ତୋଳି ଆଣେଁ । ତୁମେ ଏଠି ଥାଇ କୌଳିକଦମ୍ବର ଶୋଭା ଦେଖୁଥାଅ— ତମାଲ ଶ୍ୟାମର ରୂପ ସୁଧା ପିଉଥାଅ ।

(ଲଳିତାର ପ୍ରସ୍ଥାନ)

ରାଧା—(ଲଳିତା ପଛରେ ଯାଉ ଯାଉ) ର ! କୁଆଡେ ଯାଉଚ, ଲଳିତା ? ରହ, ମୁଁ ଯିବ । (ରାଧାଙ୍କ ଶ୍ରୀମୁଖ ପାଖରେ ହଠାତ୍ ଭ୍ରମରଟାଏ ଉଡ଼ିବାର ଦେଖି) ଓଃ ! ଏ ଭଅଁରଟା ପୁଣି ଏତେ -ବେଳେ କୁଆଡୁ ଅସିଲା ! ଲଳିତା ! ଲଳିତା !

ଶ୍ରୀକୃଷ୍ଣ—(ରାଧାଙ୍କ ହାତଧରି) ଭ୍ରମରର କି ଦୋଷ, ସୁନ୍ଦରି ! ଶ୍ରୀ ମୁଖକୁ ପଦ୍ମଭ୍ରବ ବଚରା ପାଖ ଛାଡୁନାଇ !

ରାଧା—(ସଲଜ୍ଜେ ମୁହଁ ପୋତି) ଛାଡ ହାତ ! (ହାତ କାଢ଼ି ନେବା ପାଇଁ ଚେଷ୍ଟା କରିବା)

(ନେପଥ୍ୟେ ମୃଦୁ ସଙ୍ଗୀତ । ଆକାଶରୁ ପୁଷ୍ପବୃଷ୍ଟି)

Digitized by srujanika@gmail.com

ଲଳିତାଦି
ସଖୀଗଣ }

--ଗୀତ--

(ରାଗ-କାମୋଦୀ—ତାଳ-ତ୍ରିପୁଟା)

"ମଧୁରେ ମନ୍ଦ ମନ୍ଦ ହୋଇ ଗନ୍ଧବହ
ପ୍ରସରିଲା କଦମ୍ବ ନିକୁଞ୍ଜ ସୀମାରେ
ମରନ୍ଦ ସେକେ ଚମ୍ପକ ଲୋକେ ଭୂଷିଲେ ଇଷିମାରେ ।
ମିଳନ୍ଦ ଲତା ଦମ୍ଭ ବର୍ଜିତା ବଦନେ ମିଶି ମାରେ ॥
ମଣ୍ଡିତ ହେଲା ସେ ବନସ୍ଥଳ,
ମହାରଞ୍ଜିତ ମହେନ୍ଦ୍ର ନୀଳ,
ମୟୂଖ ଶିରୀମୟ ମଞ୍ଜରୀ ବସର ସୁଷମାରେ ॥୧॥
ମିଶିଲା ଗୃରି ନୟନ ବାରିରୁହ ମଦନ୍ତ ଲଭିଲା ଗୃରି ।
ମିଳିଲା ଶ୍ୟାମ ଗଉର ଦୁଇ ମୁଁହ
ମଧୁପ ଯୁବା ଲଭିଲା ଅବା ନବ ସରସୀରୁହ ।
ମାନକ ଅଙ୍ଗ ଭେଦ ପ୍ରସଙ୍ଗ ଭଙ୍ଗ ରଚିଲା ସ୍ନେହ,
ମଉଳ ଗଲା ଶେଷ ସାତ୍ତ୍ୱିକ
ମୁଡ ନୟନ ସଂଖ୍ୟକ ଯାକ ।
ମଜାର ଦେଲା ଦୁହିଁଙ୍କ ମନ ମହା ମଦ ପ୍ରବାହ ॥୨॥

(ସଖୀଗଣ ନୃତ୍ୟ କରି କରି ଶ୍ରୀରାଧା କୃଷ୍ଣ ଯୁଗଳ
ମୂର୍ତ୍ତି ପାର୍ଶ୍ୱେ ଭଙ୍ଗିରେ ରହିବା)

---ଯବନିକା---

Digitized by srujanika@gmail.com

ନବାନୁରାଗ

ଚତୁର୍ଥ ଅଙ୍କ

ଶ୍ରୀ ନାରାୟଣ ଶୂରଦେବ,
ଯୁବରାଜ, ତରଳା

Digitized by srujanika@gmail.com

ନବାନୁରାଗ

—ଚତୁର୍ଥ ଅଙ୍କ—

ପ୍ରଥମ ଦୃଶ୍ୟ

ନିଧୁବନ ନିକଟସ୍ଥ ବନସ୍ଥଳୀ

ବନଦେବୀଗଣ

ଦ୍ବିତୀୟ ଦୃଶ୍ୟ

କୁସୁମ ମଣ୍ଡିତ କୁଞ୍ଜ

ରାଧା, ଶ୍ରୀକୃଷ୍ଣ, ଲଳିତା ।

ଦ୍ୱିତୀୟ ଦୃଶ୍ୟ

ଶ୍ରୀ ବୃନ୍ଦାବନ ବାହ୍ୟ ବନପଥ

କୁଟିଳା, ବୃନ୍ଦା, ପୌର୍ଣ୍ଣମାସୀ ।

ତୃତୀୟ ଦୃଶ୍ୟ

ଯମୁନାତୀରସ୍ଥ କୁଞ୍ଜବନର ଏକ ଅଂଶ

ରାଧା, ଲଳିତା, ବିଶାଖା, ଚନ୍ଦ୍ରା, ଚମ୍ପକଲତା,
ମଧୁମଙ୍ଗଳ, ଶ୍ରୀକୃଷ୍ଣ, ସୁବଳ, ଦାମ, ସୁଦାମ, ମାୟା ଶ୍ରୀକୃଷ୍ଣ ।

—ଯବନିକା—

Digitized by srujanika@gmail.com

ଚତୁର୍ଥ ଅଙ୍କ

ପ୍ରଥମ ଦୃଶ୍ୟ

ନିଧୁବନ ନିକଟସ୍ଥ ବନସ୍ଥଳୀ

(ବନଦେବୀଗଣ ଉଭା ହୋଇ ପ୍ରଭାତୀ ଗୀତ ଗାଉଥିବା)

ବନଦେବୀଗଣ— **—ଗୀତ—**

(ରାଗ-ତୋଡ଼ି ମୁଖାରୀ)

"ଶ୍ରୀ ହରହେ ! ରଜନୀ ପାହିଲା,
ଶତପତ୍ର ବନରୁ ପବନ ମନ୍ଦ ମନ୍ଦ ବହିଲା ।
ଶମନ ଭଗିନୀର ନୀରଜାଂଘ୍ରି ନୂପୁର
ପରିପୂରିତ ରଥାଙ୍ଗ ସ୍ୱର ।
ଶଶି କର ଶୀକର ନିକର ଅସ୍ତଧର
ବରଚୂଳକୁ ମାନ ଗ୍ରହିଲା" ॥

(ବଦସୁଧା)

(ବନଦେବୀଗଣଙ୍କର ପ୍ରସ୍ଥାନ)

(ବନସ୍ଥଳୀ ଦୃଶ୍ୟ ହଠାତ୍ ଫାଟି ଯାଇ ନାନା କୁସୁମ ମଣ୍ଡିତ ମନୋହର କୁଞ୍ଜ ଦେଖାଯିବା । କ୍ରୋଡ଼ ଦୃଶ୍ୟ—କୁଞ୍ଜ । ଶ୍ରୀକୃଷ୍ଣ କୁଞ୍ଜରେ ପହୁଡ଼ିଥିଲେ, ଶ୍ରୀମତୀ ରାଧା କୁଞ୍ଜତଳେ ବସି ଶ୍ରୀକୃଷ୍ଣଙ୍କର ପାଦ ଉପରେ ମଥା ଓ ହାତ ରଖି ନିଦ୍ରା ଯାଇଥିଲେ । ରାଧା ଭୁଲରେ ଶ୍ରୀକୃଷ୍ଣଙ୍କର ପୀତ ବସନ ପିନ୍ଧିଥିଲେ । ସମୟ—ଉଷା । ଆକାଶରେ ଓ ଯମୁନା ନଦୀରେ ଅରୁଣୋଦୟର ଆଭାସ ।)

Digitized by srujanika@gmail.com

ରାଧା—(ହଠାତ୍ ଉଠି ଏଣେ ତେଣେ ଚାହିଁ) ରାତ ପାହିଗଲାଣି ପରା ! ତେବେ, ଉଠାଏ ଶ୍ୟାମଙ୍କୁ । ଅହା ! ସୁଖ ନିଦ୍ରା କପର ଅବା ଭାଙ୍ଗିବ ! ଅପରାଧ ଅର୍ଜିବ ସିନା !

ଶ୍ରୀକୃଷ୍ଣ—(ହଠାତ୍ ଉଠି କୁଞ୍ଜରୁ ଓହ୍ଲାଇ ଆସି) କହ, ପ୍ରେମମୟି, କଅଣ ହୋଇଛ, ଶୀଘ୍ର କହ ! (ରାଧାଙ୍କ ହାତ ଧରିବା)

ରାଧା—ରାତ ପାହିଲାଣି, ଶ୍ୟାମ ! ମେଲାଣି ଦିଅ । ଉଷାରାଣୀ ପାଣି-ଦର୍ପଣରେ ଶ୍ରୀମୁଖ ଦେଖିଲାଣି । ପଦ୍ମଫୁଲ ଅଳସ-ଆଖି ମେଲି ଅଳ୍ପ ଅଳ୍ପ ଚାହିଁଲାଣି ! ଉଜଳ ହୋଇ ଆସିଲାଣି, ବଂଶୀପାଣି ! ମେଲାଣି ଦିଅ ।

—ଗୀତ—

(ଅବକାଶ ବୃତ୍ତେ)

"ହେ ବଂଶୀପାଣି ! ଏବେ ହେଉ ଶ୍ରୀଛାମୁରୁ ମେଲାଣି ହେ ।
କୃପାସିନ୍ଧୁ କୃପାକରୁ, ମୋଠାରେ ଥାଉ ସତତ
ଯାଉ ଜୀବନ ନିୟତ ତୁମ୍ଭ ଗୁଣ ଗୁଣି ହେ ॥ ୧ ॥
କଟିଲା କୁଟିଲା ରାତି ଜାଣିଛ ତ ଶିରୀପତି,
ତୁମ୍ଭେ ଏକା ମୋର ଗତି, ସୁପଥର ଶ୍ରେଣୀ ହେ ॥ ୨ ॥
(କବିସୂର୍ଯ୍ୟ)

ଶ୍ରୀକୃଷ୍ଣ—ରାତ ପାହନାଇ, ସୁନ୍ଦରି ! ଅଳ୍କୁଲ ହୁଅନା । ଅହା ! ଶ୍ରୀମୁଖ ଶୁଖି ଯାଇ କେଡେ ମଳିନ ଦିଶୁଛି ! ଗଭା ଫୁଲ ମଉଳି ଯାଇ କେଡେ ଅସୁନ୍ଦର ଦିଶୁଛି ! ଆସ, ଶ୍ରୀମତି, ସଜ ଫୁଲରେ ସଜ କରିଦିଏଁ । (କୁଞ୍ଜରୁ ଓ ଅନ୍ୟ ଲତାରୁ ଫୁଲ ତୋଳି ରାଧାଙ୍କ କର୍ଣ୍ଣରେ ଖିଞ୍ଚାଇ ଦେଇ) ଅହା !

Digitized by srujanika@gmail.com

ବନମଲ୍ଲୀ ପେନ୍ଥାଟି କାନକୁ କି ସୁନ୍ଦର ଘେନିଲା ! (ନିଅଳୀ କଢ଼ ଗୁଡ଼ିଏ ତୋଳି ରାଧାଙ୍କ ଅଳକ ଦେଶକୁ ମଣ୍ଡି) ଏ ନିଅଳୀ କଢ଼ଗୁଡ଼ିକ ଚୂର୍ଣ୍ଣ କୁନ୍ତଳରେ କେଡେ ଶୋଭା ଦଶିଲା !

ରାଧା—(ଶ୍ରୀକୃଷ୍ଣଙ୍କ ହାତ ଧରି) ଥାଉ, ମୋହନ ! କାହିଁକି ଏତେ ଶ୍ରମ !

ଶ୍ରୀକୃଷ୍ଣ—ରହ, ସ୍ନେହମୟି ! ସରାଗ ଭାଙ୍ଗନା । (ପୁଣି ଫୁଲ ପାଇଁ ଯାଉ ଯାଉ ତଳେ ପଡ଼ିଥିବା ସୁବର୍ଣ୍ଣ ନୂପୁର ଦେଖି) ଅହା ! ସୁବର୍ଣ୍ଣ ନୂପୁରଟି ପାଅରୁ କିପରି ଖସି ପଡ଼ିଚି ! (ନୂପୁର ଗୋଟାଇ) ରେ ନୂପୁର ! ଜଗତରେ ତୋ ଠାରୁ ବଳି ଭାଗ୍ୟବାନ୍ କେହି ନାହିଁ । ଯେଉଁ ଚରଣ ସେବା ଲାଗି ଦେବ ଗନ୍ଧର୍ବ ମାନବ ସର୍ବଦା ଲାଳାୟିତ, ସେହି ଚରଣକୁ ତୁହି ଅହର୍ନିଶି ଆଲିଙ୍ଗନ କରୁଚୁ ! ଧନ୍ୟ ତୁ ! ତୁ ଆଜି-ଠାରୁ ଶ୍ରୀକୃଷ୍ଣର ଶିର ଭୂଷଣ ! (କହି ନୂପୁର ମୁଣ୍ଡରେ ଛୁଆଁଇ ବାକୁ ନେବା)

ରାଧା—(ହଠାତ୍ ଦଉଡ଼ି ଆସି ଶ୍ରୀକୃଷ୍ଣଙ୍କ ହାତ ଧରି ପକେଇ) ଏ କି ଅଭୁଷଣ କଥା ! ନୂପୁର ଦିଅ, ନଟବର ! ଜାଣି ଜାଣି କାହିଁକି ଦାସୀକି ଅପରାଧିଣୀ କରୁଚ ? (ନୂପୁର ମାଗିବା) ମୁଁ ନାହିଁ କରୁଚି, ଲଳିତା ଆଣି ଏତକ ଭିଆଣ କଲା !

ଶ୍ରୀକୃଷ୍ଣ—କାହିଁକି ? କଅଣ ହେଲା, ରାଇ ?

Digitized by srujanika@gmail.com

ରାଧା—ଭ୍ରମର ନିଭଙ୍ଗ ଠାଣି ଲୁଚି ଲୁଚି ଦେଖିବ ବୋଲି ନୂପୁର ଉତାରି ଦେଇଥିଲି । ଲଳିତା ପୁଣି ଆଣି ଏଠି ପିନ୍ଧେଇ ଦେଲେ । ବଡ ଅପରାଧ । ବଡ ଅପରାଧ ।

ଶ୍ରୀକୃଷ୍ଣ—ଆସ, ଶ୍ରୀମତି ! ନୂପୁର ପିନ୍ଧେଇ ଦେଇ କମଳ ଚରଣର ଶ୍ରୀବୃଦ୍ଧି କରେଁ । ଆଣ, ଧନି, ଚରଣ ଦେଖା । (ରାଧାଙ୍କ ଗୋଡ ପାଖକୁ ହାତ ନେବା)

ରାଧା—(ଶ୍ରୀକୃଷ୍ଣଙ୍କ ହାତଧରି) ଛି, ମୋହନ ! ସେବା ଦାସୀର କି ଶେଷକୁ ନରକ ଗତି ?

ଶ୍ରୀକୃଷ୍ଣ—ସତି ନାହିଁ, ପ୍ରେମମୟି ! ତୁ ମୋର ପ୍ରେମଗୁରୁ ! ତେଣୁ ଗୁରୁ ଚରଣ ସ୍ପର୍ଶରେ କିଛି ମାତ୍ର ଦୋଷ ନାହିଁ ।

--ଗୀତ--

(ରାଗ-ମୁଖାରୀ—ତାଳ-ଆଡତାଳୀ)

"ଯୋଷାବରରେ । ଯଥାର୍ଥରେ ଜାଣ ମୁଁ ତୋହର ରେ ।
ଯାମଳ ଭୂଧର ନିଜ ପୟୋଧର ମରଦନି ଅ ଗୃକରରେ ॥
ଯାବକ ତୋ ପଦକଞ୍ଜର ସମଦଗଜଗତି ମୋ ଶେଖରରେ ।
ଯତୀନ୍ଦ୍ର ସମାଧି ଖଣ୍ଡନା ତୁ ନିଧି ମୁଁ ରଙ୍କମାନଙ୍କ ବରରେ ॥ ୧ ॥
ଯମକ କି ତୁହି ପୂର୍ଣ୍ଣଚନ୍ଦ୍ରମୁହିଁ ମୋ ମହା ଶୁଭ ଦଶାର ରେ ।
ଯତ୍ନେ ସମ୍ପାଦବା ଚିନ୍ତାମଣି ଅବା ମୋ କରେ ଦେଲୁ ସୁସାରରେ ॥୨॥

(ଗୀତ ଗାଇ ଗାଇ ରାଧାଙ୍କ ଚରଣରେ ନୂପୁର ପିନ୍ଧେଇ ଦେବାକୁ ଚେଷ୍ଟା କରିବା)

ରାଧା—(ନିଜ ପାଦକୁ ହାତରେ ଘୋଡାଇଲା ପରି) ନାହିଁ ବଂଶୀଧର । କ୍ଷମାକର । ପାଅତଳେ ପଡୁଛି (କହୁ ହଠାତ୍

Digitized by srujanika@gmail.com

ଶ୍ରୀକୃଷ୍ଣଙ୍କ ହାତରୁ ନୂପୁର ଛଡାଇ ନେଇ ଓ ହସି) ପାରିଲ ନାହିଁ, ଶ୍ୟାମ, ହାରିଗଲ ।

ଶ୍ରୀକୃଷ୍ଣ—କାହାର ଶକ୍ତି ଅଛି, ସୁନ୍ଦରି, ଶକ୍ତି-ମୟୀ ସହିତ ଶକ୍ତିରେ ପାରିବ ? ରାଧେ ! ପ୍ରକୃତରେ ତୁ ମହାଶକ୍ତି । ତୋହରି ଶକ୍ତି ବଳରେ ଶ୍ରୀକୃଷ୍ଣ ତୃଣା ଶକଟାଦି ସମସ୍ତ କଂସଚରଙ୍କୁ ସଂହାର କରିଚି, କରାଳ କାଳ ସ୍ୱରୂପୀ କାଳୀକ ଦଳନ କରିଚି, ଗୋବର୍ଦ୍ଧନ ଗିରିଧରି ଗୋପକୁ ରକ୍ଷା କରିଚି । ତଥାପି ବାକି ଅଛି ବଡ ବଡ କାର୍ଯ୍ୟ, ଯାହାର ସାଧନ ତୋର ମହାଶକ୍ତି ବିନା ସମ୍ପୂର୍ଣ୍ଣ ଅସମ୍ଭବ । ତେଣୁ ଦେ, ଶକ୍ତିମୟି, ଶ୍ରୀକୃଷ୍ଣଙ୍କୁ ତୋର ସେହି ମହାଶକ୍ତି, ଯାହାଦ୍ୱାରା ଶ୍ରୀକୃଷ୍ଣ ଜଗତ କିଣିବ, ଜଗତ ଜିଣିବ ।

ରାଧା—ତୁମର କଣାମାନ ପ୍ରେମକୁ ଯେ ରଙ୍କୁଣୀ ପରି ଗୃହିଁଚ, ସେହି ଚରଣ ସେବିକା ରାଧା ପ୍ରତି ଏ ଅଯଥା ଉପହାସ ବଡ ଅସହ୍ୟ, ଶ୍ୟାମ !

ଶ୍ରୀକୃଷ୍ଣ—ଉପହାସ ନୁହେ, ହାସମୟି ! ଏ କଥା ଅକ୍ଷରେ ଅକ୍ଷରେ ସତ୍ୟ, ସତେ କହ, ପ୍ରେମମୟି, ତୁ ଶ୍ରୀକୃଷ୍ଣକୁ କେଉଁ ଭାବରେ ପ୍ରେମ କରୁ ?

ରାଧା—କେଉଁ ଭାବରେ ? ପଚ୍ଚର ଚନ୍ଦ୍ର ସୂର୍ଯ୍ୟକୁ, ପଚ୍ଚର ସ୍ୱର୍ଗ ମର୍ତ୍ତ୍ୟକୁ, ପଚ୍ଚର ଆତ୍ମା ପୁରୁଷକୁ ! ଶୁଣ ଶ୍ୟାମ ! ଏ ପ୍ରେମ— ଏ ପ୍ରୀତି—ଏ ସ୍ନେହ—ସାଧାରଣ ପ୍ରେମ ନୁହେ, ପତି ପତ୍ନୀର ପ୍ରେମ ନୁହେ, ପ୍ରେମିକ ପ୍ରେମିକାର ପ୍ରେମ ନୁହେ ! ଏ ପ୍ରେମର ସୀମା ନାହିଁ, କ୍ଷୟ ନାହିଁ ! ମୟୂରୀ ଯେପରି ମେଘ ଦେଖି

Digitized by srujanika@gmail.com

ପ୍ରେମରେ ନାଚେ, ସମୁଦ୍ର ଯେପରି ପୂର୍ଣ୍ଣଚନ୍ଦ୍ର ଦେଖି ପ୍ରେମରେ ଫୁଲେ, ପଦ୍ମ ଯେପରି ସୂର୍ଯ୍ୟଙ୍କୁ ଦେଖି ପ୍ରେମରେ ଫୁଟେ, ରାଧା ସେହିପରି ଶ୍ୟାମ ସୁନ୍ଦରଙ୍କର ମୋହନ ମାଧୁରୀ ଦେଖି ପ୍ରେମରେ ପୁଲକିତ ହୁଏ ।

ଶ୍ରୀକୃଷ୍ଣ—ଧନ୍ୟ ରାଧେ ! ତୁମ୍ଭେ କେବଳ ପ୍ରକୃତ ପ୍ରେମିକା ।

ଲଳିତା—(ଦେଖା ଦେଇ ନ ଦେଇ ପରି ରହି)

--ଗୀତ--

(ରାଗ-ଝିଞ୍ଜି ଭୈରବୀ—ତାଳ-ଅଡତାଳ)

"ଲାଲସାରେ ! ରସି ପୁଣି ଏ କି ଲୋକହସା ରେ ।
ରଙ୍ଗିମା ଚୁମ୍ବିଲ ଇନ୍ଦ୍ର ଆଶାରେ,
ରାଜୀବେ ପ୍ରଫୁଲ୍ଲ ହେଲେ କାସାରେ ॥ ୧ ॥
ରସନ୍ତ ରସିକେ ସିନା ନିଶାରେ,
ରଜନୀ ଶେଷରେ ଏ କି ଦଶା ରେ ॥ ୨ ॥
ରହୁନାହିଁ ଯଶ ଅଡରସାରେ,
ରସାତୁହରୁ ଲତାକୁ ଖସା ରେ" ॥ ୩ ॥

(ଲଳିତାର ଗାଇ ଗାଇ ପ୍ରସ୍ଥାନ)

ରାଧା—(ଲଳିତାର ସ୍ୱର ଶୁଣି ଚମକି ପଡ଼ି) ଲଳିତା ଡାକିଲାଣି ! ଯାଏଁ, ଶ୍ୟାମ ! ବିଦାୟ ଦିଅ । ସେ ବଡ ବିଷମ ଜନ୍ତୁ । ମୋତେ ଆଉ ରଖି ଥୋଇ ଦେବ ନାହିଁ !

ଶ୍ରୀକୃଷ୍ଣ—(ହସି ହସି) ଶିଘ୍ର ଯାଅ, ବିଳମ୍ବ କରନା ।

ରାଧା—ହସିଲ କାହିଁକି, ଗଙ୍ଗାଧର ? ସତେ, କହ, କଅଣ ହେଇଚ ?

Digitized by srujanika@gmail.com

ଶ୍ରୀକୃଷ୍ଣ—(ହସି ହସି) କାହିଁ ? କଛ ତ ନାହିଁ ।

ରାଧା—(କଞ୍ଚିତ୍ ଅପ୍ରତଭ ହୋଇ ଏଣେ ତେଣେ ଚାହିଁ ହଠାତ୍ ନିଜ ଅଙ୍ଗରେ ପୀତ ବସନ ଦେଖି ଜିହ୍ଵା କାମୁଡ଼ି) ଓହୋ ! ଏ ତ ମୋ ଲୁଗା ନୁହେ !

ଶ୍ରୀକୃଷ୍ଣ—ତେବେ କାହା ଲୁଗା ? ଲଳିତାଙ୍କ !

ରାଧା—କହିବ ଆଉ କଅଣ ? ଶାଢ଼ୀ ଦିଅ, ଶ୍ୟାମ ! ଲୋକହସା କରନା !

—ଗୀତ—

(ରାଗ-ଖଣ୍ଡ କାମୋଦୀ ଅବକାଶ—ତାଳ-ଆଡତାଳ)

"ଲୀଳାନିଧି ହେ ! ଲୋକେ ମୁଁ ଗଲିଣି ସଢ଼ି ।
ଲୁଚାଇଛ କାହିଁ ଶ୍ୟାମହେ ଦିଅ ମୋ ଲାଗି ଶାଢ଼ୀ ॥

ଲଭ ତୁମ୍ଭଙ୍କୁ ପ୍ରାଣ ବନ୍ଧୁକର,
ଲୋକ ହସାରେ ଯେବେ ଯିବ ସର ।
ଲଭିବ ଯେବେ ପାଇ ନିନ୍ଦା ଦାଉ,
ଲାଗିଲ ଅପଣଙ୍କୁ କେହି ଆଉ" ॥୧॥

ଶ୍ରୀକୃଷ୍ଣ—ଅଚ୍ଛା କଥା ! ମୁଁ କି ଜାଣେ ତୁମ ଶାଢ଼ୀ ଫାଡ଼ ।

ରାଧା—କପଟ ଛାଡ, କୃପାସିନ୍ଧୁ ! ଦେଖ, ଶ୍ୟାମ ! ଅରୁଣ ଉଦୟ ହେଲାଣି, କୁକୁଡା ଡାକିଲେଣି, ଭ୍ରମର ଉଡ଼ିଲେଣି, ଭାଟେ ରଡ଼ିଲେଣି ! ପୁଣି ଗୋପ ରମଣୀ ଯମୁନାରୁ ଅସି ପାଣି ନେଲେଣି । ଦିଅ ବେଣୁଧର, ଲୁଗା ଖଣ୍ଡ ଦିଅ, ମହତ ରଖ ।

Digitized by srujanika@gmail.com

ଶ୍ରୀକୃଷ୍ଣ—(ହସି ହସି) ବନା ଲଞ୍ଚରେ କିଏ ଦଉଚ ।

ରାଧା—ଲଞ୍ଚ ପୁଣି କଅଣ, ଲୀଳାମୟ ! ଆଶ୍ରିତ ଲୋକକୁ ଭଲ କାହିଁକି ଏତେ କଷ୍ଟ ଦଉଚ ?

ଶ୍ରୀକୃଷ୍ଣ—(ହସି ହସି) ତେବେ, କହ କାଲି ଆସି ଦର୍ଶନ ଦେବ ?

ରାଧା—ହଉ, ପଚ୍ଛକେ ।

"ଲଗାଇଛ ହଟ ଯେଉଁ ରସରେ,
ଲୁଟିବ ସିନା କାଲି ପ୍ରଦୋଷରେ ।
ଲଙ୍ଘି ଆଶ୍ରିତେ ଥିବା, କୃପାସିନ୍ଧୁ,
ଲଞ୍ଚୁ ଅଛି କେତେ ହେଲ ହେ ବନ୍ଧୁ" ॥୨॥

(ଶ୍ରୀକୃଷ୍ଣ ହସି ହସି ପଚ୍ଛେଇ ପଚ୍ଛେଇ ପ୍ରସ୍ଥାନ କରିବା । ରାଧା ଗାଇ ଗାଇ ଶ୍ରୀକୃଷ୍ଣଙ୍କ ପଚ୍ଛେ ପଚ୍ଛେ ଗୋଡେଇ ଯିବା)

--ପଟ ପତନ--

ଚତୁର୍ଥ ଅଙ୍କ—ଦ୍ୱିତୀୟ ଦୃଶ୍ୟ

ଶ୍ରୀ ବୃନ୍ଦାବନ ବାହ୍ୟ—ବନପଥ

ଜଟିଳା—(ତରତର ହୋଇ ପହଞ୍ଚି) ଆଜ ତ ପାର ହେଲିନାଇ ରାଧାକୁ । କି ଲକ୍ଷଣରେ ଜନ୍ମ କେଜାଣି । ଲାଜ ମହତ ଟିକିଏ ନାହିଁ । ବଡ ଘର ଝିଅ ବୋଲି କଅଣ ବଜାର ଯାକ ବୁଲିବ । ବଣ ଯାକ ବୁଲିବ । ମାଆ ତ ବୁଝିଲା ନାଇ, ଭାଇ ତ ବୁଝିଲା ନାଇ । ଶେଷକୁ ନିନ୍ଦା ମୁଣ୍ଡେଇବ ସିନା ମୁଁ ।

Digitized by srujanika@gmail.com

ଲୋକେ କହୁଥିବେ—ଏଡେ ଗୁଣବନ୍ତ ନଣନ୍ଦ ପାଖରେ ଥାଉ ଥାଉ ବୋହୂଟାକୁ ଅନେଇଲା ନାହିଁ ! ଯେ ଯାହା କହୁ ପଛକେ, ଏଣିକି ମୁଁ ରାଧା ଉପରେ ଦୃଷ୍ଟି ନ ଦେଲେ ଏ ଗୋପ ଗାଁଅରେ ଆଉ ମୁଣ୍ଡ ଟେକି ହବନାହିଁ ! ଦେଖ ତାର ସାହସକୁ ! କାଲି ସଞ୍ଜବେଳୁ ଘରୁ ଆସିଲାଣି ଯେ ଏବେ ଆସି ସକାଳ ହେଲାଣି ! ଏତେ ବେଳ ଯାଏଁ ମଧ୍ୟ ଘରେ ତୁକିବାକୁ ନାହିଁ । ମାଅ କହୁ ପକାଉଚି—ସକାଳେ ଯାଇଚି ଫୁଲ ତୋଳି । ମୁଁ ତ ରାତିପାକ ଜଗିଚି ! ଦେଖନ୍ତି ନାହିଁ ! କେତେ ଖୋଜିଲିଣି । କୋଉଠି ତ ଦେଖିଲି ନାହିଁ । ଏଠି ତ ମଧ୍ୟ ନାହିଁ । ଆଉ କଅଣ ସ୍ୱର୍ଗକୁ ଗଲା, ନା, ପାତାଳେ ପଶି ଗଲା । ହଁ ଏ, ଦେଖେଁ, ସେ କୁଞ୍ଜବନ ଅଛି । ଯା ହବାର ହବ ଆଜି ! ତା ନାକରେ ଦଉଡ଼ି ଲଗେଇ ଯେବେ ଦାଣ୍ଡରେ ନଚାଣିଚି, ମୋ ନା କୁଟିଲା ଗଉଡୁଣୀ ନୁହେ ! (ତମ ତମ ହୋଇ ଦ୍ରୁତ ବେଗରେ ପ୍ରସ୍ଥାନ କରିବା)

ବୃନ୍ଦା—(ଗୀତ ଗାଇ ଗାଇ ପଶନ୍ତି)

—ଗୀତ—

(ରାଗ-ସାବେରୀ)

"ଲାଗିଲାରେ ଲାବଣ୍ୟ ନିଧିକି ଶ୍ୟାମ ଲଟ ।
ଲୋଚନେ ଦେଖିଲେ ଲୋକ, ମୁକୁଟ ଚନ୍ଦ୍ରିକ ଯାକ
ଲଜ୍ଜାରେ ହେବାରେ ନଟପଟ" ॥ ୧ ॥

(କବିସୂର୍ଯ୍ୟ)

ପୌର୍ଣ୍ଣମାସୀ—(ପଶନ୍ତି) କଅଣ ବୃନ୍ଦେ ! କଅଣ ଶ୍ୟାମ ଲଟ ?

Digitized by srujanika@gmail.com

ବୃନ୍ଦା— "ଲବଙ୍ଗ ଲତା ଭବନେ, ବ୍ୟସ୍ତ ହୋଇ ନିଧୁବନେ
ପଡ଼ିଅଛୁ ପୁଣି ଫୁଲ ଖଟ" ॥ ୨ ॥

(ଭଜଣ ପୂର୍ଣ)

ପୌର୍ଣ୍ଣମାସୀ—ଧନ୍ୟ ବୃନ୍ଦେ ! ତୁମର ଯତ୍ନରେ ଆଜି ସେହି ଶକ୍ତି ଓ ଶକ୍ତିମାନଙ୍କର ମଧୁର ମିଳନ ! ଧରଣି ! ଆଉ ଦୁଃଖ କରନା ! ଏଣିକି ତୋର ଶୁଭଦିନ ଆସିଲା ।

ବୃନ୍ଦା—କିନ୍ତୁ ଗୋଟିଏ କଥା ବଡ ବିଚିତ୍ର !

ପୌର୍ଣ୍ଣମାସୀ—କଅଣ ଏପରି ଅପୂର୍ବ ?

"ଲଳିତା ଦେଖିଲା ପୁଣି, ଲାଗି ହେବାର କାହ୍ନେଣି ।
କର ଗାଲ ଠେଲି ନୁଆ ନଟ ॥ ୩ ॥
ଲହରକେ ପୁଣି କିଶୋରୀ- ରତନ ଚେତା ପାଶୋରି
ପିନ୍ଧି ପକାଇଲା ପୀତପଟ" ॥ ୪ ॥

(ଭଜଣ ପୂର୍ଣ)

ପୌର୍ଣ୍ଣମାସୀ—ଅହା ! ଆଜି କୃଷ୍ଣ କଙ୍କରୀ! ପୌର୍ଣ୍ଣମାସୀକୁ କି ଆନନ୍ଦ ଦେଲ, ବୃନ୍ଦେ ! ଆଜି ସୁପ୍ରଭାତ !

ବୃନ୍ଦା—କିନ୍ତୁ ମୋ ମନରେ ସନ୍ଦେହ ଶ୍ରାବଣ ମେଘ ପରି ଘନ ଭାବେ ଘୋଟି ଆସୁଚି !

ପୌର୍ଣ୍ଣମାସୀ—କାହିଁକି ?

ବୃନ୍ଦା—ଶ୍ରୀ ରାଧାକୃଷ୍ଣଙ୍କର ଏହି ମିଳନ ମୋତେ କେବଳ କାମ ଗନ୍ଧମୟ ପରି ଜଣାଯାଏ ।

ପୌର୍ଣ୍ଣମାସୀ—ତାହା କହନାହିଁ, ବୃନ୍ଦେ ! ମହା ଅପରାଧ ଘଟିବ ! ଏ କାମର ଅର୍ଥ ଭିନ୍ନ ।

Digitized by srujanika@gmail.com

ବୃନ୍ଦା—କପରି ?

ପୌର୍ଣ୍ଣମାସୀ—ଜାଣ, ବୃନ୍ଦେ ! ଯେଉଁ କାମ ଶ୍ରୀମୁକୁନ୍ଦଚରଣାର-ବନ୍ଦରେ ଅର୍ପଣ କରାଯାଏ, ତାହାହିଁ ପ୍ରକୃତ କାମ । ଏହି କାମର ଅର୍ଥ—ସର୍ବ କାମନା ସିଦ୍ଧିରୂପା ମୁକ୍ତି ! ଆଉ ତୁମେ ଯେଉଁ କାମ କଥା କହୁଚ, ତାହାର ଅର୍ଥ କେବଳ କାମନା । ଏହି ସଂସାରିକ କାମ ବ୍ରହ୍ମରୁ କୀଟ ପର୍ଯ୍ୟନ୍ତ ବିନା ଯତ୍ନରେ ସମସ୍ତଙ୍କ ପଛରେ ଗୋଡାଏ । ସୁଖ, ସମ୍ପଦ, ଲଜ୍ଜା, ମାନ, ସତ୍ୟ, ଧର୍ମ ସବୁ ନଷ୍ଟ କରେ ।

ବୃନ୍ଦା—କିନ୍ତୁ ମୋର ଅନୁମାନ—ଏହି କୃଷ୍ଣଲୀଳା କେବଳ ସଂସାରିକ କାମର କ୍ରୀଡା ମାତ୍ର ।

ପୌର୍ଣ୍ଣମାସୀ—କାହିଁକି, ବୃନ୍ଦେ ? କଅଣ ଏପରି ଅଘଟନ ଦେଖିଲ ?

ବୃନ୍ଦା—ଦେଖିଲି, ଶ୍ରୀରାଧା କୃଷ୍ଣ ଉଭୟେ ପ୍ରେମ କେଳିରେ ଏତେ ଭୋଳ ଯେ ଆପଣାର ବସନ କି ବେଶଭୂଷା ପ୍ରତି କାହାରି ଜ୍ଞାନ ନାହିଁ । ଏଥିରୁ ଆଉ କି ଅନୁମାନ, ଦେବି ?

ପୌର୍ଣ୍ଣମାସୀ—ତୁମେ ଏପରି କହୁଚ ବୃନ୍ଦେ ! ତୁମେ ପରା ବୃନ୍ଦା-ବନର ଅଧିଷ୍ଠାତ୍ରୀ ଦେବୀ ? ତୁମେ ପରା ସେହି ପରମପୁରୁଷ ଶ୍ରୀକୃଷ୍ଣଙ୍କର ସାକ୍ଷାତ ଲୀଳା ?

ବୃନ୍ଦା—ଏ ଲୀଳାର ତତ୍ତ୍ୱ ବୁଝିବାକୁ ବୃନ୍ଦାର ଶକ୍ତି କାହିଁ, ଜନନି ?

ପୌର୍ଣ୍ଣମାସୀ—ଦେଖ, ଆତ୍ମା ସହିତ ଆତ୍ମା ମିଳିତ ହେଲେ ଏକ ସ୍ୱର୍ଗୀୟ ପ୍ରେମ ପୂର୍ଣ୍ଣଚନ୍ଦ୍ରର ଉଦୟ ହୁଏ । ପ୍ରେମିକ ପ୍ରେମିକା ସେହି ପବିତ୍ର ପ୍ରେମ-ସୁଧା ପାନ କରି ଆପଣାକୁ ଏକାବେଳକେ ଭୁଲି ଯାଆନ୍ତି । ଏହି ମାଟି ପିଣ୍ଡ କାୟା ପ୍ରତି

Digitized by srujanika@gmail.com

ମାୟା ଭୁଟିଯାଏ ! ଅପୂର୍ବ ଆନନ୍ଦରେ ପ୍ରାଣ ପୁଲକ ଉଠେ ! ଲଜ୍ଜା, ମାନ, ସଙ୍କୋଚ ସବୁ ଦୂରହୁଏ !

ବୃନ୍ଦା—ଅହା ! ଏହି ଗୂଢ଼ତତ୍ତ୍ୱ କଥା ପରମ ବୈଷ୍ଣବୀ ପୌର୍ଣ୍ଣମାସୀ ଛଡ଼ା କାହାକୁ ଜଣା, ଭଗବତି !

ପୌର୍ଣ୍ଣମାସୀ—କିନ୍ତୁ ବୃନ୍ଦାଦେବୀ, ତୁମେ ପରମ ଭାଗ୍ୟବନ୍ତ ! ସେହି ଯୁଗଳ ପ୍ରେମାମୃତ ପାନରେ ତୁମର ପ୍ରଥମ ଅଧିକାର ।

ବୃନ୍ଦା—ତାହା କହନାଇ, ମହାମାୟି ! ତୁମେ ତ ନିଜେ ଭଗବାନ ଶ୍ରୀକୃଷ୍ଣଙ୍କର ଚିତ୍‌ଶକ୍ତି ! ତୁମରି ଇଚ୍ଛାରେହିଁ ଜଗତରେ ଯାବତ ଲୀଳାର ପ୍ରକଟ !

ପୌମର୍ଣ୍ଣାସୀ—(ନେପଥ୍ୟେ ରାଧା ଓ ଲଳିତାଙ୍କୁ ଦେଖି) ଦେଖ, ବୃନ୍ଦେ, ଶ୍ରୀମତୀ ରାଧାଙ୍କର କୁଞ୍ଜ ବାହୁଡ଼ା ବେଶ ! ଅହା ! କେଡେ ସୁନ୍ଦର ! ସତେ କି କ୍ଷୀଣ ପ୍ରଭା ପ୍ରଭାତୀ ତାରା !

ବୃନ୍ଦା—ସଖୀ ଲଳିତା ମଧ୍ୟ ସାଙ୍ଗରେ ।

ପୌର୍ଣ୍ଣମାସୀ—ଦୁହିଙ୍କି ଦୁହେଁ ଫୁଲ ତୋଳାରେ ଏକାବେଳକେ ତନ୍ମୟ !

ବୃନ୍ଦା—(ହସି) ଏ କେବଳ ଛଳ ମାତ୍ର ।

ପୌର୍ଣ୍ଣମାସୀ—(ବୃନ୍ଦାଙ୍କ ହାତ ଧରି) ଆସ ବୃନ୍ଦେ ! ଲୁଚି ରହି **ନବାନୁରାଗ**ର ଲକ୍ଷଣ ନିରୀକ୍ଷଣ କରିବା ।

(ପୌର୍ଣ୍ଣମାସୀଙ୍କର ବୃନ୍ଦା ସହ ପ୍ରସ୍ଥାନ)

—ପଟ ଉତ୍ତୋଳନ—

Digitized by srujanika@gmail.com

ଚତୁର୍ଥ ଅଙ୍କ—ତୃତୀୟ ଦୃଶ୍ୟ

ଯମୁନା ତୀରସ୍ଥ କୁଞ୍ଜବନର ଏକ ଅଂଶ

(ନାନାଦ ଲତା ଗୁଳ୍ମରେ ପ୍ରସ୍ଫୁଟିତ କୁସୁମ ସମ୍ଭାର-ଯମୁନାରେ ପ୍ରଭାତୀ ସୂର୍ଯ୍ୟର ସ୍ନେହସିକ୍ତ କିରଣ । ରାଧା ଓ ଲଳିତା ବୁଲି ବୁଲି ଫୁଲ ତୋଳୁଥାଆନ୍ତି)

ରାଧା—(ଫୁଲ ତୋଳୁ ତୋଳୁ ଲଳିତାକୁ ଚାହିଁ)

—ଗୀତ—

(ରାଗ-କାମୋଦୀ—ତାଳ-ଅଦ)

"ପ୍ରିୟସଖି ! କରିବି କି ବୁଦ୍ଧି ଗୋ ଗଲିନି ମୁଁ ଲାଜେ ସଢ଼ି ।
କେଉଁ ଗୁଣେ ରସି ନିକୁଞ୍ଜ ବିଳାସୀ ମୋ ସ୍ନେହେ ଅଛନ୍ତି ବୁଡ଼ି ॥
ବ୍ରଜେ କେତେ ବାମା ନାନାନ୍ତ ସୁଷମା ସମ୍ଭାରେ ରମ୍ଭାରୁ ବଳି ।
ସେ ଶିଖଣ୍ଡଚୂଳ ନୟନ ଅଞ୍ଚଳ ଅଚେତ ନକଲା କେଲି ॥୧॥
ମୁଁ ଚାହିଁ ନ ଜାଣେ କେବେ ନେହେ କୋଣେ ନୟନ ଭ୍ରୁଲୁ ଗେଲେ
ତେବେ ପୀତପଟ ନଟ ଖଞ୍ଜରୀଟ-ନୟନା ମୋ ନାମ ଦେଲେ"॥୨॥
(କବିସୂର୍ଯ୍ୟ)

ବିଶାଖା—(ପହଞ୍ଚି) କି ଗୋ, ଲଳିତା ! ଆମେ ତେଣେ ତୁମକୁ ଚାହିଁ ବସିଚୁ, ତୁମେ ଶ୍ରୀମତୀଙ୍କି ଘେନି ପାହାନ୍ତିଆରୁ ପଳେଇ ଆସିଲଣି ?

ଲଳିତା—କଅଣ କରିବି, ବିଶାଖେ ! ଅନ୍ଧାରୁ ଟିକିଏ ନ ଆସିଲେ ଫୁଲ ମିଳୁନାଇ । ଏ ଯୋଡ଼ ଦୁଦୁଦଣ୍ଡିଆ ଗାଈଚରା ପିଲାଯାକ

Digitized by srujanika@gmail.com

ଡାଳପତ୍ର ସବୁ ଭାଙ୍ଗି ନଉଚନ୍ତି । ପିତା କହୁଛିଏ ସୁଦ୍ଧା ରଖୁ ନାହାନ୍ତି ।

ବିଶାଖା—(ହସି ହସି) ହଁ, ହଁ, ସନ୍ଧ୍ୟାବେଳୁ ଆସି କୁଞ୍ଜ ପାଖରେ ନ ଜଗିଲେ କି ଫୁଲ୍ ମିଳିବ ! ସେଥି ପାଇଁ ପରା ପ୍ରେମମୟୀ ଆମର୍ ମାଳ କରି ତୋଳିବେ ବୋଲି କାଲିଠାରୁଁ ଯମୁନା କୂଳରେ ଜଗିଚନ୍ତି ।

ରାଧା—(ମୁଁହ ପୋଛି ଅଳ୍ପ ହସି) ନାହିଁ, ବିଶାଖେ ! ଲଳିତା ଆଉ ମୁଁ ଏକା ସାଙ୍ଗରେ ଆସିଚୁ । ଜମା ଫୁଲ ମିଳୁନାଇ ସଖି ! କିଏ ଆଗରୁ ଆସି ଫୁଲ କଢ଼ ସବୁ ତୋଳି ନେଲଣି !

ବିଶାଖା—(ହସି ହସି) ଏତେ ଗୃହୁରୀ କାହିଁକି, ଗୃହୁରୀମଣି ?

—ଗୀତ—

(ରାଗ-ଝୁଲ୍ଲ—ତାଳ-ଆଠତାଳି)

"ବିଚିତ୍ର ବେଶ ମଞ୍ଜୁଳାରେ ବାଳା ! ବିବିଧ ଗୃହୁରୀଶୀଳା !
ବିଭାବରୀ ଅନ୍ଧେ ଏକାକୀ ଏକାକୀ ହୋଇ ରଚୁ ଫୁଲ ତୋଳା ।
ବିଳାସ କୁଶଳାରେ ! ବିକ୍ଷି ନିଳୟୁ ବିହାର ଲୀଳା" ॥୧॥

ଚନ୍ଦ୍ରା—(ପଦନ୍ତି)

ବାଳକାନ୍ତଁ ବାସ ପରିରେ ବାଳା ! ବିଶ୍ୱୁଥିଲୁ ଅନୁସରି
ବିଲକ୍ଷଣ ବନବିହାର ଉତ୍ସବ ବେଳେ ଯା ଦେଲୁ ପାଶୋରି ।
ବିମୃରତ ଗୋରିରେ ! ବିଶ୍ୱେ କାହିଁକି ପ୍ରୀତ ଅଚରି" ॥୨॥

Digitized by srujanika@gmail.com

ଚଂପକଲତା—(ପହଞ୍ଚି)
ଲଳିତାଦି ଅନ୍ୟ } ବଲୀକି ଅନାଇ ଦୂରୁରେ ବାଳା !
ସଖୀଗଣ ସହ } ବାସରେ ତ ଭୟ କରୁ
ବ୍ରଜେ ଅଳ ଶୁଣି ଆସିଲୁ ତୁ ପୁଣି ପ୍ରଭ ଗୃହ ଆସି ଘରୁ ।
ବଜନେ ସଞ୍ଚରୁ ରେ, ବଳ ବ୍ଷମ ଏ ଯା ନଡରୁ" ॥୩॥
(ସବ ସଖୀ ରାଧାଙ୍କୁ ଧରି ଗାଇ ଗାଇ ବାହାରିଗଲେ)

ମଧୁମଙ୍ଗଳ—(ଦ୍ରୁତ ବେଗରେ ପହଞ୍ଚି ଶ୍ରୀକୃଷ୍ଣଙ୍କୁ ଖୋଜି) କୁଆଡେ ଗଲ ସେ ନନ୍ଦ ରାଜାର ମାଲ ହାତୀଟା ! ମସ୍ତ ହେଇ ରାତରୁ ଫିଟି ଅସିଛ ! (ଶୁଙ୍ଘିଲ ପରି ନାକଟେକି) ଛହଁ ହଁ ହଁ ! ଏ କି ଗନ୍ଧ ! ଅରେ ଏ ତ ପଦ୍ମ ଗନ୍ଧ ପରି ! ଏଇ କୁଞ୍ଜ ଅଡୁ ବହି ଅସୁଛି ! କଥା କଅଣ ! (କ୍ଷଣେ ଭାବି) ହଁ, ହଁ, ବୁଝିଲ ! ଏ କେବଳ ସେହି ମତୁଆଲ ହାତୀର କାମ ! କୋଉ ପଦ୍ମବନ ଫନ ଦଳି ଦେଇଛି ପରି ଲାଗୁଛି ! (ନେପଥ୍ୟେ ଦେଖି ଚମକି ପଡ଼ି) ଅରେ ! ହେଇଟି ତ ବାୟା ହାତୀ ! ଦେଖ, ଦେଖ ! କେଡ଼େ ମଉଜରେ ଝୁଲି ଝୁଲି ଅସୁଛି ! (ନେପଥ୍ୟେ ଚାହିଁ ନିଜେ ନାଚି ନାଚି ଝୁଲି ଝୁଲି) ଝୁଲୁ, ହାଉ ! ଝୁଲୁ ! କଅ କଦା ଖାଇ ଫୁଲୁ ! ବାଅ ବାଣି ଖାଇ ବୁଲୁ ! (ଭୟରେ ଚମକି ପଡ଼ି) ଅରେ ! ଏଇୟାଡେ ତ ଝପଟିଛି ! ମାଡ଼ି ଦଳି ପକେଇବ ଲେ ବାପ ! ଯାଏଁ, ପଳାଏ ! (ଦଉଡ଼ି ପଳେଇବା)

ଶ୍ରୀକୃଷ୍ଣ—(ଖଣ୍ଡିଏ ଫୁଲହାର ଧରି ପହଞ୍ଚି, ଫୁଲହାରକୁ ସ୍ନେହ ପୂର୍ଣ୍ଣ ଦୃଷ୍ଟିରେ ଚାହିଁ) ଏହି ସେହି ଶ୍ରୀମତୀର ଶ୍ରୀଅଙ୍ଗ ଲଗି ମାଳା ! ଅହା ! ବାସି ହୋଇଗଲଣି ! ତଥାପି କେଡେ

Digitized by srujanika@gmail.com

ସୁନ୍ଦର ! ସତେ କି ସଜ ଗୁନ୍ଥା ! (ବକ୍ଷରେ ଲଗାଇ) ରେ, ଫୁଲହାର ! କେତେ ଶୀତଳ ତୋର ସ୍ପର୍ଶ ! କେତେ ମୃଦୁ ତୋର ବାସ ! ହ୍ଲାଦନୀ ରାଧେ ! (କିଛିକ୍ଷଣ ପ୍ରେମାବେଶ ଭାବେ ରହି, ପୁଣି ନେପଥ୍ୟେ ଚାହିଁ) କିଏ ସେ ଦୂରରେ ବୃକ୍ଷ ମୂଳେ ! ବୋଧହୁଏ ବଟୁ । ଓହୋ ! ଅଜି ତ କାହିଁକି ଆନନ୍ଦରେ ଗଡ଼ି ଯାଉଚି ! ମୋତେ ଦେଖି ପାରିଲଣି ପରି ଲାଗୁଚି ! ଏ ଆନନ୍ଦ ସମ୍ଭବ ମୋତେ ଫାଉଆ କରିବ ବୋଲି ! ଦେଖାଯାଉ, ମୋତେ ଫାଉଆ କରିବ କି ନିଜେ ହେବ ! ମଧୁମଙ୍ଗଳ ଲେଶମାତ୍ର ଜାଣି ନାହିଁ ଯେ ମୁଁ ମାୟା କୃଷ୍ଣ ରଚନା କରି ତେଣେ ନନ୍ଦ ଯଶୋଦାଙ୍କର ଉଦ୍ବେଗ ଦୂର କରି ପାରିଚି ! ହେଉଛି ଆସି ଗଲାଣି । ଯାଏ ପିଛୁରେ ଲୁଚିଲା ପରି ପଳାଏ । (ଛପି ଛପି ପଳେଇ ଗଲା ପରି ଛଳ ଦେଖାଇବା)

ମଧୁମଙ୍ଗଳ—(ଦଉଡ଼ି ଆସି ଶ୍ରୀକୃଷ୍ଣଙ୍କ ହାତ ଧରି ପକାଇ) ଛପି ଛପି ପଳଉଚ କୁଆଡେ ?

ଶ୍ରୀକୃଷ୍ଣ—(କପଟ ଭାବେ କମ୍ପିତ ଅପ୍ରତିଭ ହେଲାପରି) ଏଁ ! କିଏ ! ବଟୁ ?

ମଧୁମଙ୍ଗଳ—(ହସି ହସି) ହିଁ, ହିଁ, ବଟୁ । ନନ୍ଦସୁତଙ୍କ ହାତଚଟୁ, ଭୋଜନରେ ଅତି ପଟୁ, ଯାହା ପାଇଲେ ଜଟୁ । ଧରା ପଡ଼ିଗଲେ ହଟୁ !

ଶ୍ରୀକୃଷ୍ଣ—କି ଧରା, ମଧୁ ?

ମଧୁମଙ୍ଗଳ—ଚଢ଼େଇ ଧରା ।

Digitized by srujanika@gmail.com

ଶ୍ରୀକୃଷ୍ଣ—କି ଚଢେଇ ?

ମଧୁମଙ୍ଗଳ—କଳ୍ପବୃକ୍ଷ ପାତୀ । ଗୋଟିଏ କଳ୍ପବୃକ୍ଷପାତୀ ଚଢେଇକୁ ଧରିବ ବୋଲି କେତେବନ୍ଧୁ ଜାଲ ପକେଇଥିଲି । ଏତେ ବନକେ ଯାଇ ଧରା ପଡ଼ିଲା ।

ଶ୍ରୀକୃଷ୍ଣ—କାହିଁ ଚଢେଇ ?

ମଧୁମଙ୍ଗଳ—(ଅଙ୍ଗୁଠିରେ ଶ୍ରୀକୃଷ୍ଣଙ୍କୁ ଦେଖାଇ) ହେଉଛି ପରା ମୋ ଆଗରେ !

ଶ୍ରୀକୃଷ୍ଣ—(ମଧୁମଙ୍ଗଳର ହାତ ଛଡ଼ାଇ ଦେଇ) ଯାଃ ! ଏତେ ଠକ !

ମଧୁମଙ୍ଗଳ—ହା ହା ହା ହା ! (କିଛିକ୍ଷଣ ହସି) ଅଛା, ନନ୍ଦନନ୍ଦନ ! ତୁମର କମଳ ନୟନ ଦୁଇଟି କାହିଁକି ଅମଲ ଖାଇଲା ପରି ଢୁଳୁ ଢୁଳୁ ଦିଶୁଚି ?

ଶ୍ରୀକୃଷ୍ଣ—ଓଃ ! ରାତି ଯାକ ଆଉ ନିଦ ନାହିଁ, ମଧୁ !

ମଧୁମଙ୍ଗଳ—(ହସି ହସି) କାହିଁକି ! କଅଣ ଯମୁନାରେ ନିଁଆ ଝିଁଅ ଲାଗିଥିଲା କି ଯେ ଲିଭେଇବାକୁ ଯାଇଥିଲ ?

ଶ୍ରୀକୃଷ୍ଣ—ମୋ ଶାମଳୀ ଗାଈଟା କାଲି ସଞ୍ଜ ବେଳୁ କୁଆଡେ ହଜିଚି । ରାତି ଯାକ ଖୋଜି ଖୋଜି ଥକା ଗଲିଣି ! ଓହୋ ! ଘୋର ପରିଶ୍ରମ !

ମଧୁମଙ୍ଗଳ—(ହସି ହସି) ଶେଷରେ ପୁଣି ପରିଶ୍ରମ ସଫଳ ହେଲାନି କି ?

—ଗୀତ—

(ରାଗ-ଝୁଲା—ତାଳ-ଆଠତାଳି)

"ଶ୍ୟାମ ଶିଖଣ୍ଡ ଚୂଳ !
ଶ୍ରମ କି ଆଜଯାକେ ହେଲା ସଫଳ

Digitized by srujanika@gmail.com

ଶର୍ବରୀ ନିଦ୍ରା ବନା ଗଲ୍ଲ କି ସରି ।
ଶମ୍ବର ପର ପୁର ଦେଲକି ଢୁରି" ॥୧॥

ଶ୍ରୀକୃଷ୍ଣ—କଅଣ ଗୁଡାଏ ବାୟାଙ୍କ ପରି ବକୁଚ, ବନ୍ଧୁ ?

ମଧୁମଙ୍ଗଳ—ତେବେ—(ହସି ହସି)

"ଶ୍ରୀଅଙ୍ଗ ବେଶ କପଁ। ଏପରି ଅଜ ।
ଶରଦ ଚନ୍ଦ୍ର ମୁଖେ ନାହିଁ କି ଲଜ" ॥୨॥

ଶ୍ରୀକୃଷ୍ଣ—ଦେଖୁଚ ମୁଁ ତ ପିଲ୍ଲ, ପୁଣି ଦୁର୍ବଳଯ୍ଯା ! ଏଥିରେ ରାତ୍ରି ଅନିଦ୍ରା, ବଣ ବୁଲ୍ଲ, ବୈଶ କଥା କଅଣ ପଚ୍ଚୁରୁଚ ? ଏର ହାଡ଼ ଶୁଳା କଥା ମଧୁର କେବେ ହେଇ ଗଲ୍ଲନାଇ ।

ମଧୁମଙ୍ଗଳ—(ହସି ହସି)

"ଶିଶୁ ହେଲେହେଁ ତୁମ୍ଭେ କେଶରୀସରି ।
ଶଣ କଣୋରୀଛି କି ଦେଲ ଯେ ସାରି" ॥୩॥

ଶ୍ରୀକୃଷ୍ଣ—(ମୃଦୁ ହାସ୍ୟ ସହ) ହଉ, ହଉ । କହିଯା, କହିଯା ! ବିଧାତା ତ ପାଛି ଦେଇଚ !

ମଧୁମଙ୍ଗଳ—(ହସି ହସି) ଉତ୍ତର କାହିଁକି ? ଏ ତ କେବଳ ବନ୍ଦନା ବୋଲ୍ଲ ଗଲ୍ଲ । ଅଛ ତ ତେଣିକି ପାଠ ।

ଶ୍ରୀକୃଷ୍ଣ—କହ ପାଠ, କିଏ ନାହିଁ କରୁଚ !

ମଧୁମଙ୍ଗଳ—(କମ୍ପିତ ଶ୍ରୀକୃଷ୍ଣଙ୍କ ଅଙ୍ଗକୁ ଅପି)

"ଶିରୀଷ ମାଳା ଦଳ ଦେଇ କୁଠାରେ ।
ଶଙ୍କା ନକଲ ସଖାମାନଙ୍କ ଠାରେ" ॥୪॥

ଶ୍ରୀକୃଷ୍ଣ—ଛି ମଧୁ ! ବାରମ୍ବାର ସେହି କଥା ? ମୋତେ ସିନା ମୋର

Digitized by srujanika@gmail.com

କୁଶଳ କଥା ପଗ୍ଚୁରନ୍ତ ! ତାହା ନଜରେ ବାର ଅନ୍ତୁ ଲଥା ଲଗଉଚ !

ମଧୁମଙ୍ଗଳ—ତେବେ ସତ କଥାଟି କହି ଦଉନାହଁ ?

ଶ୍ରୀକୃଷ୍ଣ—(କୃତ୍ରିମ ରୋଷ ଭାବେ) ଆମେ ନ କହିବୁ ! ଛିଗ ଶିଗ ସବୁକଥା ତୁମକୁ କହିବୁ ବୋଲି କଅଣ ଲେଖି ପଢ଼ି ଦେଇଚୁ ?

ମଧୁମଙ୍ଗଳ—ହଉ ତେବେ । ହେଇଟି ଦେଖ । (କାନିରେ ତିନିଟା ଗଣ୍ଠି ପକାଇ) ଏକ-ଦୁଇ-ତିନି, କାନିରେ ଗଣ୍ଠି ମକେଇଲି । ଯଦି ଏ କଥା ତୁମ ମାଆ ବାପାଙ୍କ ଆଗେ ନ କହିଚ, ଗାଁଆ ଯାକ ହାଟ ନ ବସେଇଚ, ତେବେ ନ ଛୁଁଇ କହୁଚି—ମୁଁ ବନ୍ଧୁ ନୁହେଁ, ତୁମ ଚଢ଼ିବା ଟଟ୍ଟୁ । ମୁଁ ବ୍ରାହ୍ମଣ ନୁହେଁ, ବାଇଗଣ ! ବୁଝିଲ, ମନେରଖ—ଭଲକରି । (ଯିବାକୁ ଉଦ୍ୟତ)

ଶ୍ରୀକୃଷ୍ଣ—(ହଠାତ୍ ମଧୁମଙ୍ଗଳର ହାତ ଅଟକାଇ) ରହ, ସଖା ! ଯାଉଚ କୁଆଡ଼େ ?

ମଧୁମଙ୍ଗଳ—(ରୁଷ୍ଟଭାବେ ହାତ ଛଡ଼େଇ ନେଇ) ଛାଡ଼, କାହ୍ନୁ ! ଆମଠି ଆଉ କଅଣ ଅଛି ? ତୁମେ ରଜା ପୁଅ ହେଇଚ, କଅଣ, ଏଇୟା କରିବ ? ଏହିପରି ରାଜ୍ୟ ବୁଝିବ ? ପ୍ରଜାଙ୍କୁ ପାଳିବ, ନା ତାଙ୍କ ଘର ବୁଡ଼େଇବ ? କୋଉ ଦେଶରେ ସିନା ହେବ, ଆମ ଏ ହିନ୍ଦୁ ଦେଶରେ ତ ଏକଥା ହେବ ନାଇଁ !

ଶ୍ରୀକୃଷ୍ଣ—ଶାନ୍ତ ହୁଅ, ମଧୁମଙ୍ଗଳ ! ତୁ ପରା ମୋର ଅନ୍ତର ଲୋକ ! କୋଉ କଥା ଅବା ତୋତେ ଅଜଣା ! ମୋ ପ୍ରାଣ, ବନ୍ଧୁ । ଏହି ଥରକ ମୋତେ କ୍ଷମା ଦିଅ । (ମଧୁମଙ୍ଗଳର ହାତ ଧରି)

Digitized by srujanika@gmail.com

—ଗୀତ—

(ରାଗ-ମୁଖାରୀ—ତାଳ-ଝିଞ୍ଜୁଟା)

"ସମ୍ପତ୍ତି ମୋର ରେ । ସହ ଏହି ଥର ରେ ।
ସାରଦ୍ୱାର ମସାର ମଣିବର ପରି ଧରି ବକ୍ଷସ୍ଥଳେ ନିରନ୍ତର ।
ନଥିଲି ପୁଣି ହସି, ସୁନ୍ଦର ନୃହଇତି,
ବଢ଼ୁରି ଭରସା ବଢ଼ାଅ ଅପରିମିତ ।
ଶୁଣିଲେ ଅଉ କେ ବ୍ରଜେ, ମରିଯିବ ସିନା ଲାଜେ ।
ସାହା ତୁ ନୋହିଲେ କହ୍ନ ସଂସାରେ ନିକ ମୁଁ ଅଛି" ॥ ॥

ମଧୁମଙ୍ଗଳ—(ହାତ ଛଡ଼ାଇ) ହାତ କାହିଁକି ଧରୁଚ କାହ୍ନୁ ?
ତୁମେ ରାଜପୁତ୍ର, ଅମେ ଦରିଦ୍ର ବ୍ରାହ୍ମଣ ! (ଯିବାକୁ ଉଦ୍ୟତ)

ଶ୍ରୀକୃଷ୍ଣ—(ମଧୁର ହାତ ଧରି ପକାଇ)
"ସାଧୁଜନ ବୁଝିକୁ ପେ, ଭଲ ମନ୍ଦ ସିନା ଛପେ,
ସଂହର କ୍ରୋଧ ଉଦୟ, ସହଜେ ତୁ ସହୃଦୟ ॥୨॥
ସାନ୍ଦୀପନି ସୁତ ଯତ, ସେ କ ଜାଣେ ବୋଲ ପ୍ରୀତି.
ସରସେ ପିଠିବେ ଢ଼କ୍କା, ସଂପାଦରୁ ଏତେ ଏକା ॥୩॥
ସବୁ ଅନ୍ୟାୟ କରିତ, ଶିକ୍ଷାକୁ ଗୁରୁ ତୁହି ତ,
ସମୟେ କାହୁ ଚୋଟିକି, ସଖା ଲକ୍ଷଣ ଏହିକି" ॥୪॥

ମଧୁମଙ୍ଗଳ—(ନେପଥ୍ୟେ ଦେଖି ବିସ୍ମିତ ନୟନରେ) ଏ କଅଣ !
କି ଆଶ୍ଚର୍ଯ୍ୟ !

ଶ୍ରୀକୃଷ୍ଣ—କଅଣ, ମଧୁମଙ୍ଗଳ ?

ମଧୁମଙ୍ଗଳ—କହିବି ଅଉ କଅଣ ! ସାକ୍ଷାତେ ତୁମରି ପରି ଜଣକୁ ଧରି ସୁବଳ, ଦାମ, ସୁଦାମ ଏଣିକି ଅସୁଚନ୍ତି ! ତୁମରି ରୂପ, ତୁମରି ବର୍ଣ୍ଣ, ତୁମରି ଉକ, ତୁମରି ବେଶ, ତୁମରି ବୟସ !

Digitized by srujanika@gmail.com

ଶ୍ରୀକୃଷ୍ଣ—(ନଜାଣିଲା ପରି ଉଦାସ ଭାବେ) କାହିଁ ମ ? କୋଉଠି ?
(ସୁବଳ, ଦାମ, ସୁଦାମ ମାନ୍ଙ୍କ କୃଷ୍ଣଙ୍କୁ ଘେନି ପହଞ୍ଚିଲେ)

ସୁବଳ—(ମଧୁମଙ୍ଗଳ ପ୍ରତି) କି ହେ ବନ୍ଧୁ ନନା ! ତୁମେ ଏଡ଼କ ଆପଣା ସାର୍ଥୀ ! ଆମେ ତେଣେ ତୁମକୁ ଗାଁଅରେ ଖୋଜୁଚୁ ! ତୁମେ କେତେବେଳେ ବାହାରି ଅସି କାହ୍ନୁପରି ଜଣକୁ ବେଶ କରି ଦେଇ ଏଠି ଲଗେଇଛ ଲୀଳା ?

ମଧୁମଙ୍ଗଳ—ଅରେ ଅଲେଇଣା ! ତୋ ଅଖି କଅଣ ଫୁଟି ଯାଇଚ ? ଦେଖୁଚୁ ଅମ କହ୍ନେଇକୁ ଧରି ମୁଁ ତୁମକୁ ଅନେଇ ରହିଚ ! ତୁ କହୁଚୁ କାହାକୁ କାହ୍ନୁପରି ବେଶକରି ?

ଦାମ— ତୁମ ଅଖି ଅଗ ଅଛି କି ନାହିଁ ଦେଖିଲ ? ଅମେ ତ ଏହିକ୍ଷଣି ଅମ କାହ୍ନୁକୁ ଘେନି ନନ୍ଦରାଜାଙ୍କ ଘରୁ ଗୋଠ ସାଙ୍ଗେ ସାଙ୍ଗେ ଅସୁନୁ ! ତୁମ ପାଖରେ କାହ୍ନୁ କୁଆଡୁ ଅସିଲେ ?

ମଧୁମଙ୍ଗଳ – କି ଅସମ୍ଭବ କଥା ! ଏ ତ ମୋ କାହ୍ନୁ ! (ଶ୍ରୀକୃଷ୍ଣଙ୍କର ଚୂଳ ଇତ୍ୟାଦିକୁ ଦେଖାଇ) ହେଇଟି ଦେଖ ବାଙ୍କଚୂଡ଼ା, ବଂଶୀ, ବନମାଳା !

ସୁବଳ—ଏ ତ ଅମ କାହ୍ନୁ ! ହେଇଟି ଦେଖ ବାଙ୍କଚୂଡ଼ା, ବଂଶୀ, ବନମାଳା !

ମଧୁମଙ୍ଗଳ—ଛେ ! କେଉଁ ନୁହେ ! ମୋତେ ଠକିବ ବୋଲି ଏ ଭଅଣ କରିଚ ! ନାହିଁ ?

ସୁବଳ—ଥାଉ ଥାଉ ତୁମ ଭଣ୍ଡୋଳ ପଣ ? ଅମେ ଠକୁଚୁ ନା ତୁମେ ଅମକୁ ଠକିବ ବୋଲି ଏ କାଣ୍ଡ କରିଚ ? ପଳା ଏଠୁ ତୁମ ନକଲି କାହ୍ନୁକୁ ଘେନି ।

Digitized by srujanika@gmail.com

ମଧୁମଙ୍ଗଳ—ମୁଁ ପଳେଇବ, ନା, ବାଢ଼େଇ ବାଢ଼େଇ ସମସ୍ତଙ୍କୁ ତଡ଼ିବ ! ନିର୍ବଂଶୀଯ଼ା ଯାକ ! ଏଠି ଆସି ଗୋଟିଏ ତାମସା ଲଗେଇଚନ୍ତି !

ସୁଦାମ—ଏତେ କଥାରେ କଅଣ ଅଛି ! ଆଣ ଦୁଇ କାହ୍ନୁଙ୍କୁ ଏକାଠି ଠିଆ କରିଦେବା । ଅସଲ କାହ୍ନୁ ଯେ, ତାଙ୍କ ଶ୍ରୀଅଙ୍ଗ ତେଜ, ଭାବ ଭଙ୍ଗିତ ଅଲଗା ଜଣାଯିବ !

ଦାମ—ହଉ, ତେବେ, ସେହିକଥା କର ।

ମଧୁମଙ୍ଗଳ—ଆଣରେ ସୁବଳ ତୁମ କାହ୍ନୁକୁ, ଏଇଠି କ—ପାଟକୁ !

(ଦୁଇ ଶ୍ରୀକୃଷ୍ଣଙ୍କୁ ଏକ ସ୍ଥାନରେ ଲଗା ଲଗି କରି ଠିଆ କରି ଦେଲେ । ହଠାତ୍ ବଜ୍ରଧ୍ୱନି । ଦୁଇ ଶ୍ରୀକୃଷ୍ଣ ଏକ ହୋଇ ଗଲେ । ତ୍ରିଭଙ୍ଗି ଛନ୍ଦରେ ମୁରଲୀ ଧରି ଭଙ୍ଗ ହେଲେ । ସଖାଗଣ ଆଶ୍ଚର୍ଯ୍ୟ ଭାବରେ ଶ୍ରୀକୃଷ୍ଣଙ୍କୁ ଚାହିଁ ରହିଲେ ।)

---ଯବନିକା---

Digitized by srujanika@gmail.com

ନବାନୁରାଗ

ପଞ୍ଚମ ଅଙ୍କ

ଶ୍ରୀ ନାରାୟଣ ଶୂରଦେବ,
ଯୁବରାଜ, ତରଳା

Digitized by srujanika@gmail.com

ନବାନୁରାଗ

—ପଞ୍ଚମ ଅଙ୍କ—

ପ୍ରଥମ ଦୃଶ୍ୟ

ଯମୁନା ନଦୀ

ରାଧା, ଲଳିତା, ବିଶାଖା, ଚିତ୍ରା, ଚଂପକଲତା, ସୁଦେବୀ,
ରଙ୍ଗଦେବୀ, ଇନ୍ଦୁରେଖା, ତୁଙ୍ଗବିଦ୍ୟା, କାମୋଦୀ,
ସାବେରୀ, ଶ୍ରୀକୃଷ୍ଣ, ମଧୁମଙ୍ଗଳ, ଧୂର୍ଜମାର ।

ଦ୍ୱିତୀୟ ଦୃଶ୍ୟ

ବନପଥ

ନାରଦ, ରାଧା, ସଖୀଗଣ ।

ତୃତୀୟ ଦୃଶ୍ୟ

ଦିବ୍ୟକୁଞ୍ଜ

ଶ୍ରୀରାଧା, ଶ୍ରୀକୃଷ୍ଣ, ସଖୀଗଣ ।

—ଯବନିକା—

Digitized by srujanika@gmail.com

ପଞ୍ଚମ ଅଙ୍କ

ପ୍ରଥମ ଦୃଶ୍ୟ

(ନଦୀ ଘାଟର ଉଭୟ ପାର୍ଶ୍ୱରେ ଦୁଇଟି ବଡ କଦମ୍ବ ବୃକ୍ଷ । ବୃକ୍ଷମୂଳରେ ପଥର ପୀଠ । ନଦୀରେ ଧୀର ପବନରେ ତରଙ୍ଗ ଉଠୁଥାଏ । ନଦୀ ଅର ପାଖରେ ସଖାଗଣ ସହ ଶ୍ରୀକୃଷ୍ଣ ତ୍ରିଭଙ୍ଗିରେ ଉଭା । ନଦୀ ଏ ପାଖରେ ଶ୍ରୀମତୀ ରାଧା କଦମ୍ବ ବୃକ୍ଷ ମୂଳେ ପୀଠ ଉପରେ ବସି ଥାଆନ୍ତି । ଲଳିତାଦି ସଖୀଗଣ ଯମୁନା ଘାଟରେ ଗାଧୋଇ ଗାଧୋଉ ଶ୍ରୀକୃଷ୍ଣଙ୍କୁ ଶ୍ରୀମତୀଙ୍କୁ ଦେଖାଇ ଗୀତ ଗାଉ ଥାଆନ୍ତି ଓ ଗୀତର ତାଳେ ତାଳେ ଲହରୀ ଭାଙ୍ଗୁ ଥାଆନ୍ତି ।)

—ଗୀତ—

(ରାଗ-ଶଙ୍କର ଭରଣ—ତାଳ-ଏକତାଳି)

ଲଳିତା— "ଷଟପଦ ଜାଲ କେଶା ଅଗୋ ଗୃହଁ ଗୃହଁ ।
ସଙ୍ଗ ସଂହାରେ ଖେଳୁଛି ନବ ବାରିବାହ ॥

ବିଶାଖା— ସମୀପରେ ତାର ରହ ।
ସରକୁଛନ୍ତି ନବୀନ ଅନେକ ବରହୀ ॥୧॥

ଚନ୍ଦ୍ରା— ସଞ୍ଚରଣଶୀଳ ନବ ତମାଲ କୁରୁହ ।
ସଙ୍ଗେ ଦେଜି ଅସୁଛନ୍ତି କ ସଖା ଶାଖି ବୃନ୍ଦ ॥

ଚଂପକଲତା—ଶୁକ ଶାରୀ ପରଭୃତ ।
ଶାଖାମାନଙ୍କରେ କରୁ ଅଛନ୍ତି ସଙ୍ଗୀତ ॥୨॥

Digitized by srujanika@gmail.com

ସୁଦେବୀ— ସୁରେଶ୍ୱର ରତନ କି ହେବାରୁ ଜଙ୍ଗମ ।
ସବୁ ମଣିମାନଙ୍କୁ ମିଳଲ ସେହି କ୍ରମ,

ରଙ୍ଗଦେବୀ— ସ୍ୱର୍ଣ୍ଣ ବର୍ଣ୍ଣୀ ଏ ଏଣିକି ।
ସଂପାଦବେ ମୂର୍ତ୍ତିମନ୍ତ ରତନ ଶ୍ରେଣିକି ॥୩॥

ଇନ୍ଦୁରେଖା—ସଜହୋଇ ସ୍ମର ସରଦାର ଅବା ଅସେ ।
ସ୍ୱକୀୟ ଫଉଜ ଘେରିଅଛି ଚଉପାଶେ ॥

ତୁଙ୍ଗବିଦ୍ୟା— ସାରିଦେବ ପର୍ବ ଅଜ ।
ସର୍ବୋକ ସୁନ୍ଦର ନେହା ଜନମନ ଲଜ” ॥୪॥

ରାଧା—(ଲଳିତା ଓ ଅନ୍ୟ ସଖୀମାନଙ୍କ ପ୍ରତି) ସତେ, ସଖିଏ ! କିଏ ସେ ଯମୁନାର ଆରପଟେ ସଖାମାନଙ୍କୁ ଘେନି ତ୍ରିଭଙ୍ଗିରେ ଉଭା !

ଲଳିତା—(ହସି ହସି) ଚିହ୍ନି ପାରୁନାହଁ, ଶ୍ରୀମତି ? ଏତେ ବେଗେ ପାଶୋରିଗଲ ?

କାମୋଦା—(ସାବେରୀ ସହ ପହଞ୍ଚି) ଦେଖିଲ, ସାବେରି ! ସେହି ତମାଳ ଶ୍ୟାମ ରୂପକୁ ଯମୁନାର ସେପାରିରେ ?

ସାବେରୀ—ହଁ, ସଖି, ଦେଖିଲି ! ଅହା ! କି ସୁନ୍ଦର ! ସତେ କି ଚଳନ୍ତା ତମାଳ ତରୁ !

କାମୋଦା—ସତେ, ସାବେରି ! ଏ ସୌନ୍ଦର୍ଯ୍ୟ ଭୋଗ ଆମ ଭାଗ୍ୟରେ କି କେବେ ଘଟିବ ?

ସାବେରୀ—ଯେ ସ୍ୱର୍ଗଗଙ୍ଗା ତଟରେ ତପ କରିଥିବ, ସେହି କେବଳ ତାଙ୍କୁ ପାଇବ । ସତକହ କାମୋଦ, କିଏ ସେହି ମୋହନ ମୂର୍ତ୍ତି !

Digitized by srujanika@gmail.com

କାମୋଦା—ସେ ପରା ସେହି ହରି—ସେହି ପ୍ରାଣଧନ, ଯାହାଙ୍କ ପବିତ୍ର ପ୍ରେମ କାଙ୍ଗାଳିକ ପାଇଁ ଆମେ ନିତ କାତ୍ୟାୟିନୀ ବ୍ରତ କରିଛେଁ !

ସାବେରୀ—ତେବେ, ସେହି ଶ୍ୟାମ ସୁନ୍ଦର ମୁରଲୀଧାରୀ କଅଣ ଆମର ହରି ! ଆମରି ପ୍ରାଣଧନ ?

ଲଳିତା—ତୁମର ପୁଣି କୋଉ ହରି ସ ? ଏ ତ ଆମ ହରି ! ଆମ ପ୍ରାଣଧନ !

ଲଳିତାଦ } (ସମସ୍ୱରରେ)
ସଖୀଗଣ }

--ଗୀତ--

(ରାଗ-ଗୌଡ଼ା—ତାଳ-ଝୁଲ)

ହରି ଆମର ଗୋ, ଏ ତ ପ୍ରାଣଧନ ॥

(ଏହି ଧାଡ଼ି ପୁନଃ ପୁନଃ ଗାଇବା)

ସାବେରୀ, କାମୋଦା—ହରି ଆମର ଗୋ, ଏ ତ ପ୍ରାଣଧନ ॥

(ଏହି ଧାଡ଼ି ପୁନଃ ପୁନଃ ଗାଇବା)

ଲଳିତାଦ ସଖୀଗଣ— ହରିହାସ୍ୟ ମଣିକି ଜିଣିଛି ଅପଘନ ।
ନିନ୍ଦୁ ଅଛି ଇନ୍ଦୁକୁ ବଦନ ଗୋ ॥୧॥

ସାବେରୀ, କାମୋଦା— ହଜାର ସଂଖ୍ୟକ ଏକ ହେଲେହେଁ ମଦନ,
ହେବ କି ଏ ମୋହନ ସମାନ ଗୋ ॥୨॥

ଲଳିତାଦ ସଖୀଗଣ— ହକ୍କି ନଯିବ ଜୀମୁତ କେଶାର କି ଜ୍ଞାନ ।
ଶୁଣୁ ଶୁଣୁ ମୃଦୁ ବେଣୁ ଗାନ ଗୋ ॥୩॥

ସାବେରୀ, କାମୋଦା— ହାର ମଧ୍ୟରେ ଅମ୍ବର ତରଳ ରତନ ।
ହେବକି ଏ ଯୁବତୀ ଜୀବନ ଗୋ" ॥୪॥

Digitized by srujanika@gmail.com

ସାବେରୀ—ସତେ, କାମୋଦ; ଏହି ଯୁବତୀ ଜୀବନ ମନମୋହନଙ୍କୁ ଆମେ ହୃଦୟର ଗଣ୍ଠି ଧନ କରି ପାରିବା ?

ଚନ୍ଦ୍ରା—ହଁ, ହଁ, ମନେ ମନେ ଗୁଡ ଖାଉଥାଲେ, ହିଅ !

ସାବେରୀ—କାହିଁକି ? ତୁମେ କଅଣ ସେହି ଶ୍ୟାମ ସୁନ୍ଦରଙ୍କୁ କିଣିଚ, ନା, ବନ୍ଧାରଖିଚ !

କାମୋଦୀ—ଏ ତ ଆମ ହରି—ଆମ ପ୍ରାଣଧନ ! ତୁମ ଦେହ କାହିଁକି ସହୁନାଇ ?

ବିଶାଖା—ଏଠି ଅଉ ବେଙ୍ଗପଣ ପାଞ୍ଚିକି ପାକୁ ପାକୁ କରନା । ଭଲ ଗଡ ଥିଲେ ଥୀରି ହେଇ ବାହାରି ଯାଅ ।

ସାବେରୀ—କାହିଁକି ? ଶ୍ରୀକୃଷ୍ଣ ତ ସମସ୍ତଙ୍କର । ତୁମର କଅଣ ଅଛି ?

ଚଂପକଲତା—ଆମର ? ସବୁ ଅଛି । ଦେଖିବ ରହ ।

କାମୋଦୀ—ଦେଖିବୁ । କେତେ ବଡେଇ କରୁଚ !

ଚନ୍ଦ୍ରା—ଦେଖିବ ଆମର ବଡେଇ ? ହେଇଟି ଦେଖ । (କହି ଯମୁନାରୁ ପାଣି ଅଞ୍ଜୁଳା ଅଞ୍ଜୁଳା କର କାମୋଦୀ ଓ ସାବେରୀ ଉପରକୁ ପକେଇବା)

ରାଧା—ଛି ! ଚନ୍ଦ୍ରା ! ଏ କି କଥା ! ତୁମ୍ଭାରେ କାହିଁକି ଅନର୍ଥ ଅଜୁ୍ର୍ଚ ?

ସାବେରୀ—ହଉ, ପକା ପାଣି । କେତେ ପକେଇବ ପକା । ଯଦି ଶ୍ରୀକୃଷ୍ଣ ସମସ୍ତଙ୍କର, ତେବେ ଅବଶ୍ୟ ଏ ବିପଦରୁ ଆମକୁ ରକ୍ଷା କରିବେ ।

ଲଳିତା—ହଁ, ହଁ । ଏହିକ୍ଷଣି ଆସି ଟେକି ନେବେ ।

Digitized by srujanika@gmail.com

(ଲଳିତାଦି ସମସ୍ତେ କାମୋଦୀ ସାବେରୀ ଉପରକୁ ଘନ ଘନ ପାଣି ପକେଇବା)

କାମୋଦୀ—(କାତର ଭାବେ) ହେ ଗିରିଧାରି ! ଗିରି ଟେକି ଇନ୍ଦ୍ର କୋପରୁ ଗୋପକୁ ରକ୍ଷାକଲ । ସେବକୀ ଦୁଇଟାକୁ ତୁମର ରକ୍ଷା କରିବ ନାଇ ?

ସାବେରୀ—ରକ୍ଷାକର ! ରକ୍ଷାକର !

ଶ୍ରୀକୃଷ୍ଣ—(ହଠାତ୍ ପହଞ୍ଚି) ଭୟ ନାହିଁ, ମୁଗ୍ଧାକନ୍ୟାଗଣ ! ଶ୍ରୀକୃଷ୍ଣ ସମସ୍ତଙ୍କର । (କହି କାମୋଦୀ ଓ ସାବେରୀ ଦୁହିଙ୍କୁ ଦୁଇ ବାହୁରେ ଧରି ଦ୍ରୁତ ବେଗରେ ପ୍ରସ୍ଥାନ କରିବା । ରାଧା ଓ ସଖୀଗଣ ତଟସ୍ଥ ଭାବେ ଚାହିଁ ରହିବା)

ବିଶାଖା—ଲଳିତେ ! ଏ କି ବିଚିତ୍ର ଘଟଣା ! ଯମୁନା ନଦୀର ଆର କୂଳରେ ଶ୍ୟାମ ସୁନ୍ଦରଙ୍କ ସେହିପରି ଉକ୍ତି ! ଏ ପୁଣି କେଉଁ ଶ୍ୟାମ ଏମାନଙ୍କୁ ନେଇଗଲେ ? ଏ କି ରୂପ, ଏ କି ଠାଣି ?

ଲଳିତା—ସତେ, ଶ୍ୟାମ ସୁନ୍ଦର ! ଜାଣନ୍ତି ନାନା ଛନ୍ଦର ! ତାଙ୍କ ଅନ୍ତ କିଏ କଳିବ !

(ଏହି ସମୟରେ ହଠାତ୍ ଅନ୍ଧାର । ମେଘ, ବିଜୁଳି, ଘଡ଼ ଘଡ଼ି । ଯମୁନାରେ ବଢ଼ି । ନଦୀ ଉଚ୍ଛୁଳି ଉଠିବା । ସଖୀଗଣ ଭୟରେ କୂଳକୁ ପଳେଇ ଆସିବା)

ରାଧା—(ଭୟ ଜଡ଼ିତ ଭାବେ ଲଳିତାକୁ ଧରି) କଅଣ କରିବା ସଖି ! ଗାଧୋଇ ଗାଧୋଇ ଖେଳରେ ତ ଏ ପାରିକି ବାହାରି ଆସିଲେ ! ସେତେବେଳେ ଅଣ୍ଟାଏ ପାଣି ଥିଲା, ଏବେ ତ ନଦୀ ଦୁଇକୂଳ ଖାଇ ବଢ଼ୁଛି ! କଅଣ ହେବ, ଲଳିତେ !

Digitized by srujanika@gmail.com

ଲଳିତା—କାତର ହୁଅନା, ରାଧେ ! ସେହି ଯମୁନାଘାଟିଆ ଯେପରି ହେଲେ ପାର କରିବେ !

ମଧୁମଙ୍ଗଳ—(ପ୍ରବେଶି) ଅହେ ଅପଣ ହେ ଦେବ ଦ୍ୟାଇବ ଦେପଦ ଲଭିବ ହେ । ଏ କାର୍ତ୍ତିକ ମାସରେ, ପୁଣ୍ୟ କାଳରେ ଦାନ ଧର୍ମ କରିବ ହେ । ହେ ଭାଗ୍ୟ ଦର ବୋହୁମାନେ ହେ । ଧରମଦାତା ଭକତମାନେ ହେ ।

ଲଳିତା—(ହସି ହସି) ଆମକୁ ତ ଭାବନା ପଡ଼ିଲାଣି କପରି ନଈ ପାରି ହେବୁ ବୋଲି, ଆଉ ଦାନ ପୁଣ୍ୟ କରୁଚ କଏ !

ମଧୁମଙ୍ଗଳ—କଏ ! ଲଳିତା ସଖୀ ! ତୁମେ କୁଆଡେ ? ଏ ପାରିକି କପରି ଅସିଲ ?

ଲଳିତା—କଅଣ କରିବୁ, ବଡ଼ୁ ଗୋସେଇଁ ! ଗାଧୋଉ ଗାଧୋଉ ଏପଟକୁ ବାହାରି ଅସିଲୁ, ସେତେବେଳେ ଅଳପ ପାଣି ଥିଲା । କିଛି କୁଆଡେ ନ ଥିଲା ! ଗୁହୁଁ ଗୁହୁଁ ତ ପାଣି ମାଡ଼ି ଅସିଲା ! ଏବେ ଅର ପାଖକୁ ଯାଉନୁ କପରି ! ଉପାୟ ଦଶୁ ନାହିଁ !

ମଧୁମଙ୍ଗଳ—(ହସି ହସି) ଅଚ୍ଛା, ମୋତେ କଅଣ ଦେବ କହ ! ଏହିକ୍ଷଣି ପାଣି ଛାଡ଼ି ପଡ଼ିବ । କେତେ ମଜାରେ ରଜାପରି ଚାଲିଯିବ !

ବିଶାଖା—ହଉ ପଛକେ, କପରି ପାରି କରିଦଅ । ତୁମର ବହୁତ ସୁକୃତ ହେବ !

ମଧୁମଙ୍ଗଳ—(ହସି ହସି) ସୁକୃତ ଅମର କଅଣ ହେବ ? ଆମ ବ୍ରାହ୍ମଣଙ୍କ ପାଖରେତ ଶଗଡ ଶଗଡ ସୁକୃତ !

ଚମ୍ପା—ହଉ, ତେବେ କଅଣ କହ ?

Digitized by srujanika@gmail.com

ମଧୁମଙ୍ଗଳ—ତୁମେ ତ ଅପଣାର ଲୋକ, ଅଧିକା କଅଣ ମାଗିବା ! ସମସ୍ତେ ଭେଦ କର ଦଣ୍ଡେ ଲମ୍ଫୁଣି ଆଉ ଅଟିକାଏ ବହଳଅ ସର ଦେବ । ବୁଝିଲ ?

ସବ ସଖୀଗଣ—ହଉ, ହଉ, ଦେବୁ ପଛକେ ।

ମଧୁମଙ୍ଗଳ—ତେବେ ଛିଡାହୁଅ ସମସ୍ତେ ଯମୁନା ଆଡକୁ ମୁହଁ କର ।

ଲଳିତା—ବଢ଼େଇକର ଶ୍ରୀମଢ ! ଅସ ଗୋ ସମସ୍ତେ ! ଛିଡାହୁଅ ଧାଡ଼ି ହୋଇ (ରାଧା ଓ ସଖୀଗଣ ଧାଡ଼ି ହୋଇ ଯମୁନା ଆଡକୁ ମୁହଁ କରି ଛିଡା ହେଲେ) •

ମଧୁମଙ୍ଗଳ—ହାତ ଯୋଡ ।

ଲଳିତା—ଯୋଡ ଗୋ ସମସ୍ତେ ହାତ ! (ସମସ୍ତେ ହାତ ଯୋଡ଼ିଲେ)

ମଧୁମଙ୍ଗଳ—ଆଖି ବୁଜ ।

ଲଳିତା—ମଲ୍ଲ ଯା !

ମଧୁମଙ୍ଗଳ—ମାଲ୍ଲ ଯା କଅଣ ! ଯାହା ତାର ବଧି ନା ! ନକର, ମୋର କଅଣ ଅଛି ! ପାଉଚ ମୁଁ !

ବିଶାଖା—ଦଅ ଗୋ, ସମସ୍ତେ ଆଖି ବୁଜ ! ବେଳତ ପଡ଼ିଚ, କରିବା କଅଣ ? (ସମସ୍ତେ ଆଖି ବୁଜିଲେ)

ମଧୁମଙ୍ଗଳ—କହ ସମସ୍ତେ—ଜନନି ଯମୁନେ !

ରାଧା ଓ ସଖୀଗଣ—ଜନନି ଯମୁନେ !

ମଧୁମଙ୍ଗଳ—ଯଦ ନନ୍ଦନନ୍ଦନ ଶ୍ରୀକୃଷ୍ଣ—

ରାଧା ଓ ସଖୀଗଣ—ଯଦ ନନ୍ଦନନ୍ଦନ ଶ୍ରୀକୃଷ୍ଣ—

ମଧୁମଙ୍ଗଳ—ପ୍ରକୃତ ବ୍ରହ୍ମଚାରୀ

ରାଧା ଓ ସଖୀଗଣ—ପ୍ରକୃତ ବ୍ରହ୍ମଚାରୀ

Digitized by srujanika@gmail.com

ମଧୁମଙ୍ଗଳ—ତେବେ, ତୋର ଜଳ ଶୁଖିଯାଉ ।
ରାଧା ଓ ସଖୀଗଣ—ତେବେ, ତୋର ଜଳ ଶୁଖିଯାଉ ।
ମଧୁମଙ୍ଗଳ—ଏଥିକି କାହାର ଅଜ୍ଞା ।
ରାଧା ଓ ସଖୀଗଣ—ଏଥିକି କାହାର ଅଜ୍ଞା ।

ମଧୁମଙ୍ଗଳ—ବଟୁ ଗୋସେଇଁ ଶ୍ରୀ ମଧୁମଙ୍ଗଳ ଶର୍ମ୍ମାଙ୍କର କୋଟି କୋଟି ଅଜ୍ଞା ।

ଲଳିତା—(ମୁଣ୍ଡ ହଲେଇ) ଉଁ ହୁଁ ।

ମଧୁମଙ୍ଗଳ—ଉଁହୁଁ ହେଲେ ବସିଥାଅ ଗୃହଁ କରି । ଯାଉଚୁ ଅମେ ।
(ଯିବାକୁ ଉଦ୍ୟତ)

ଚନ୍ଦ୍ରା—ଦଅ ଗୋ କହିଦଅ । କଅଣ ମିଳିବ ସେଥିରୁ ।

ରାଧା ଓ ସଖୀଗଣ—ବଟୁ ଗୋସେଇଁ ଶ୍ରୀ ମଧୁମଙ୍ଗଳ ଶର୍ମ୍ମାଙ୍କର କୋଟି କୋଟି ଅଜ୍ଞା ।

ମଧୁମଙ୍ଗଳ—ମୂଳରୁ କହ । ଉଥଜିର କହି ମୁଣ୍ଡିଅ ମାର ।

ରାଧା ଓ ସଖୀଗଣ—ଜନନି ଯମୁନେ । ଯଦ ନନ୍ଦନନ୍ଦନ ଶ୍ରୀକୃଷ୍ଣ ପ୍ରକୃତ ବ୍ରହ୍ମଚାରୀ, ତେବେ ତୋର ଜଳ ଶୁଖି ଯାଉ । ଏଥିକି କାହାର ଅଜ୍ଞା । ବଟୁ ଗୋସେଇଁ ଶ୍ରୀ ମଧୁମଙ୍ଗଳ ଶର୍ମ୍ମାଙ୍କର କୋଟି କୋଟି ଅଜ୍ଞା । (ସମସ୍ତେ ଅଣ୍ଟୁମାଡ଼ି ପ୍ରଣାମ କରିବା)

(ବଜ୍ରଧ୍ୱନି ସହ ଯମୁନା ନଦୀର ଜଳ ଶୁଖି ଯାଇ ବାଲି ଦେଖାଯିବା)

ମଧୁମଙ୍ଗଳ—ଏଥର ଧୀର ଧୀରେ ଯାଅ ବାହାରି । ଅମେ ମଧ୍ୟ ଏଣେ ଅନୁକୂଳ କରୁଚୁ । ଯାହା କହୁଚ, ଥିରି କରି ଘରେ

Digitized by srujanika@gmail.com

ଦେଇ ଆସିବ ! ନୋହିଲେ ଚାହିଁବଚି ବଡୁ ଗୋସେଇଁ କ ? ବୁଝି ! (ପ୍ରସ୍ଥାନ)

ଲଳିତା—(ରାଧାଙ୍କୁ ଧରି) ଆସ ଶ୍ରୀମତି ! ଆଗରେ ବଢେଇକର !

ରାଧା—ହଉ, ଆସ ସମସ୍ତେ । (ଆଗରେ ରାଧା । ପଛରେ ଲଳିତାଦି ସଖୀଗଣ ଯିବାକୁ ଉଦ୍ୟତ ହେଲା ସମୟରେ ଏକ ପାର୍ଶ୍ୱରୁ ଧୁମ୍ରମାର ରାକ୍ଷସ ସମସ୍ତଙ୍କୁ ଗ୍ରାସ କରିବାକୁ ଧାଇଁ ଆସିଲା)

ଲଳିତାଦି ସଖୀଗଣ—(ଭୟରେ ଏକ ପାର୍ଶ୍ୱକୁ ଘୁଞ୍ଚି ଆସି) ରାକ୍ଷସ ! ରାକ୍ଷସ ! ରକ୍ଷାକର । ରକ୍ଷାକର !

ରାଧା—ଚିନ୍ତା ନାହିଁ, ସଖୀଗଣ । (କହି ଧୁମ୍ରମାର ଆଗରେ ଛିଡା ହୋଇ ସଖୀମାନଙ୍କୁ ଦୁଇହସ୍ତ ପ୍ରସାରଣ କରି ରକ୍ଷା କରିବା)

ଧୁମ୍ରମାର—(ରାଧାପ୍ରତି) କିଏ ତୁମ୍ଭ, ସୁନ୍ଦରି, ଜାଣି ଜାଣି କୋମଳ ଅଙ୍ଗକୁ ତୋର ବଳିଦାନ ଦେଉଚୁ ?

ରାଧା—(କ୍ରୋଧ ଦୃପ୍ତ ନେତ୍ରରେ ଧୁମ୍ରମାରକୁ ଚାହିଁ) ଦୂର ହୁଅ, ରାକ୍ଷସ ! କାହାକୁ ବଳି କହୁଚୁ ? ଚିହ୍ନୁ ମହାଶକ୍ତିକୁ, ଗୃହିଣି ମାନଙ୍କେ ଯାର ମହାବଳୀ ମହିଷାସୁର ମହାନିଦ୍ରା ଭଜିଲା ?

ଧୁମ୍ରମାର—ହା ହା ହା ହା (ଅଟ୍ଟହାସ୍ୟ କରି) ବୃଥା ଏ ଭୟ ପ୍ରଦର୍ଶନ ମୋହନି ! ଅମୂଲ୍ୟ ଜୀବନ ! ନବୀନ ଯୌବନ ! କାହିଁକି ଭଲ ନଷ୍ଟ କରୁଚୁ ! ଛାଡ଼ିଦେ ସଙ୍ଗିନୀଗଣକୁ ! ଉଦର

Digitized by srujanika@gmail.com

ପୂରଣ କର କ୍ଷୁଧା ନିବାରଣ କରେ ! ନଚେତ୍ ଯାଚ ଦେ ତୋର ବମ୍ବାଧରରୁ ! ସୁଧା ପାନକରି ଧନ୍ୟ ହୁଏ !

ରାଧା—(ପ୍ରଚଣ୍ଡ କ୍ରୋଧରେ) ସଞ୍ଜତ କର ରସନା, ବର୍ବର ଦାନବ !

ଧୁମ୍ରମାର—(ଅନୁରାଗପୂର୍ଣ୍ଣ ନେତ୍ରରେ ରାଧା ପ୍ରତି ଦୃଷ୍ଟିପାତକରି) ରୁଷ୍ଟ ହୁଅନା, ରୂପସି ! ଆନନ୍ଦରେ ଥରେ ଆଲିଙ୍ଗନ ଦିଅ ! ଧୁମ୍ରମାରର ଅଙ୍ଗ ତାତି ନିଅ ! (ରାଧାଙ୍କୁ ଆଲିଙ୍ଗନ କରିବାକୁ ଅଗ୍ରସର ହେବା)

ରାଧା—ସାବଧାନ୍, ପାପିଷ୍ଠ ରାକ୍ଷସ ! ସ୍ପର୍ଶ କରନା କହୁଛି ! ଘୁଞ୍ଚିଗଲ, ସଖୀଗଣ ! ଦେଖେ ଦୁର୍ଦ୍ଦାନ୍ତର ଆସ୍ପର୍ଦ୍ଧା ! (ସଖୀମାନଙ୍କ ସହ ପଛେଇ ପଛେଇ ଯିବା)

ଧୁମ୍ରମାର—(ରାଧାଙ୍କୁ ଧରିବାକୁ ଦଉଡ଼ ଆସି) ବଳିଯିବୁ ଧୁମ୍ରମାର କବଳରୁ ? କାମ ଦେବତାର ବଳ ଭୁଲୁ !

ରାଧା—(ସଖୀଗଣ ସହ ହଠାତ୍ ପ୍ରସ୍ଥାନ କରି ସାଙ୍ଗେ ସାଙ୍ଗେ ଚତୁର୍ଭୁଜା ଦୁର୍ଗା ରୂପେ ତ୍ରିଶୂଳ ହସ୍ତେ ପହଞ୍ଚି) ଦେଖ୍ କଏ କାହାର ବଳ ! (ଧୁମ୍ରମାରକୁ ପଦାଘାତ କରି ବକ୍ଷରେ ତାର ତ୍ରିଶୂଳ ବିଦ୍ଧ କରିବା । ଧୁମ୍ରମାର ଢଳି ପଡ଼ ରାଧାଙ୍କୁ ଚାହିଁ ରହିବା)

—ପଟ ପତନ—

Digitized by srujanika@gmail.com

ପଞ୍ଚମ ଅଙ୍କ—ଦ୍ୱିତୀୟ ଦୃଶ୍ୟ

ବନପଥ

ନାରଦ—(ବୀଣାହସ୍ତେ ପ୍ରବେଶି)

ଶ୍ଳୋକ

"ଗୋ ଧୂଳି ଧୂସରିତ କୋମଳ କୁନ୍ତଳାଗ୍ରଂ ।
ଗୋବର୍ଦ୍ଧନୋଦ୍ଧାରଣ କେଳି କୃତ ପ୍ରୟାସଂ ॥
ନୀଳାନିଳାଲ୍ଲ ଚଳଦଞ୍ଚଳ ଶୋଭମାନଂ ।
ଗୋବିନ୍ଦ ମିନ୍ଦୁ ବଦନଂ ଶରଣଂ ପ୍ରପଦ୍ୟେ" ॥

(ଭକ୍ତସ୍ୱାର୍ଥ)

ହେ ସଚ୍ଚିଦାନନ୍ଦ ! ହେ ପରମପୁରୁଷ ! ହେ ଲୀଳାମୟ ! ଏହି ପବିତ୍ର ବ୍ରଜଧାମରେ, ସତେ, କେତେ ଲୀଳା କରୁଛ ! ଯୁଗେ ଯୁଗେ କେତେ ଅବତାର ଧରି ଜଗତକୁ କେତେ ବିପଦରୁ ରକ୍ଷାକରୁଛ ! ପ୍ରକୃତରେ ତୁମେ ଷୋଳକଳା ସମ୍ପନ୍ନ ପୁରୁଷୋତ୍ତମ ! ଆଜି ଶ୍ରୀ ବୃନ୍ଦାବନରେ ପ୍ରେମକଳାର ପରାକାଷ୍ଠା ଦେଖାଇ ପ୍ରାଣୀ ପ୍ରାଣକୁ କି ଭାବେ ମୋହୁଛ ! ତୁମର ଯଶୋଦାଙ୍କ ପ୍ରତି ବାତ୍ସଲ୍ୟ ଭାବ, ଗୋପୀମାନଙ୍କ ପ୍ରତି ପତିଭାବ, ସଖାମାନଙ୍କ ପ୍ରତି ସଖ୍ୟ ଭାବ, ଗୁରୁଜନ ପ୍ରତି ଦାସ୍ୟ ଭାବ, ପ୍ରକୃତରେ, କେଡେ ମଧୁର ! ତୁମର ଏଇ ମଧୁର ଭାବର ମାଧୁରୀ ଅନୁଭବ କରି ନାରଦ ଆଜି ଧନ୍ୟ । (ନେପଥ୍ୟେ ଦେଖି) ଏ କିଏ ! ଏ ତ ପ୍ରେମମୟୀ ଶ୍ରୀମତୀ ରାଧା ପୁଣି ସଙ୍ଗରେ ସଖୀଗଣ ! ବୋଧହୁଏ ମଧୁର ମିଳନ ପାଇଁ

Digitized by srujanika@gmail.com

ଶୁଭଯାତ୍ରା ! ଯାଏଁ, ଅନ୍ତରେ ରହି ନେହ ପବନ କରେଁ ! (ନେପଥ୍ୟେ ଶ୍ରୀକୃଷ୍ଣଙ୍କର ମୋହନ ମୁରଲୀ ଧ୍ୱନି ଶୁଣି ପ୍ରସ୍ଥାନ କରୁ କରୁ) ଅହା ! କି ହୃଦୟଗ୍ରାହୀ ମଧୁର ତାନ !

(ପ୍ରସ୍ଥାନ)

ସଖୀଗଣ—(ଶ୍ରୀମତୀ ରାଧାଙ୍କୁ ଘେନି ପହଞ୍ଚି)

---ଗୀତ---

(ରାଗ-ଶୋକକାମୋଦା)

"ମନ୍ଦହାସି ! ଯିବା ଅସରେ ।
ମହେନ୍ଦ୍ର ମଣି ମୁରନ୍ତ ମନେ ସଙ୍କଳି କ୍ଳାନ୍ତ ରାସରେ ।
ମୁରଲୀ ଯନ୍ତ୍ର ମୋହନ ମନ୍ତ୍ର ମୋହି ନେଲାଣି ତୋ ମାନସରେ ।
ମୃଦୁ ଲଳିତ ମଧୁର ଗୀତ ମନା କଲାଣି କୁଳ ହାସରେ" ॥

(କବିସୂର୍ଯ୍ୟ)

(ସଖୀଗଣଙ୍କର ରାଧାଙ୍କୁ ଘେନି ପ୍ରସ୍ଥାନ)

ନାରଦ—(ପହଞ୍ଚି ତନ୍ମୟ ଭାବରେ) ଅହା ହା ! ପବନ ପ୍ରେମର କି ମୋହନ ଦୃଶ୍ୟ ! ଧନ୍ୟ ବ୍ରଜନାରୀ ! ସେହି ବ୍ରଜ ମୋହନ ଶ୍ରୀକୃଷ୍ଣଙ୍କୁ ଅଛି କି ପ୍ରେମରେ ବାନ୍ଧି ରଖିଛୁ ! କେତେ କେତେ ତପୀ କଠିନ ତପସ୍ୟା କରି ସୁଦ୍ଧା ଯାହାଙ୍କର କଣା ମାତ୍ର କରୁଣା ପାଇ ପାରନ୍ତି ନାହିଁ, ସେହି ପ୍ରେମମୟ ପରମ-ପୁରୁଷଙ୍କୁ କେବଳ ପ୍ରେମ ଦ୍ୱାରା କପରି ମୋହିତ କରିଛୁ ! ତେଣୁ, ହେ ଗୋପୀଗଣ ! ଧନ୍ୟ ତୁମ ଗୋପୀଭାବ ! ଏହି ପବନ ଗୋପୀଭାବରୁ କିଞ୍ଚିତ୍ମାତ୍ର ଦାନ କରି ଭକ୍ତ ନାରଦ ଜୀବ-ନକୁ କୃତାର୍ଥ କର ! ହେ ଉଜ୍ଜ୍ୱଳଦଳା କଜ୍ଜ୍ୱଳ ଦ୍ୟୁତ ଶ୍ରୀକୃଷ୍ଣ !

Digitized by srujanika@gmail.com

ହେ କଳ୍ପତରୁବର କରୁଣାକର ! ପବନ ଯୁଗଳ ଲୀଳା
ମାଧୁରୀ ଦର୍ଶନ କରି ନାରଦ ଆଜି କେତେ ଭାଗ୍ୟବାନ !
ହେ ରାଧାମାଧବ ! ତୁମର ଯୁଗଳ ମୂର୍ତ୍ତିର ନୀଳ-କାନ୍ତମଣି ଓ
ସୁବର୍ଣ୍ଣ ତେଜକୁ ଦେବର୍ଷିର କୋଟି କୋଟି ନମସ୍କାର !

ନେପଥ୍ୟେ }
ସଖୀଗଣ }

—ଗୀତ—

"ଏମାନୁକମ୍ପା ଧର ହେ !
କ୍ଷୀର ସାଗର ସମ୍ଭବା ଭୂତ ଭୃମ୍ମ ଯୁଗଳ ପରିରମ୍ଭ ଚତୁରହେ" ॥

ନାରଦ—(ଶୁଣି ଆନନ୍ଦ ଗଦ ଗଦ ହୋଇ) ଅହା ହା ! କି ମଧୁର
ସଙ୍ଗୀତ ! ବୋଧହୁଏ ସଖୀମାନଙ୍କ ଦ୍ୱାରା ସେହି ଯୁଗଳ
ମୂର୍ତ୍ତିଙ୍କର ଚରଣ ବନ୍ଦନା ! ଦୂରରୁ ଶୁଣି କର୍ଣ୍ଣ ପବନ କରେଁ ।
ଜୟ ଶ୍ରୀରାଧା ଗୋବନ୍ଦ ! ରାଧେ ଶ୍ୟାମ ! (ପ୍ରସ୍ଥାନ)

—ପଟ ଉତ୍ତୋଳନ—

ପଞ୍ଚମ ଅଙ୍କ—ତୃତୀୟ ଦୃଶ୍ୟ

ଦିବ୍ୟ କୁଞ୍ଜରେ ଶ୍ରୀ ରାଧାକୃଷ୍ଣଙ୍କର ଯୁଗଳ ମୂର୍ତ୍ତି

[ଲଲିତାଦି ଅଷ୍ଟସଖୀ ଅର୍ଘ୍ୟଥାଳ ଧରି ଗୀତ ଗାଇ ଆରତି
କରି କରି ଜାନୁପାତ ପୂର୍ବକ ବସି ଅର୍ଘ୍ୟଥାଳ ତଳେ ରଖି ଗୀତ
ଶେଷରେ ଅବନତ ମସ୍ତକରେ ରହିବା]

Digitized by srujanika@gmail.com

—ଗୀତ—

[ରାଗ-କେଦାର—ତାଳ-ଆଦ]

"କ୍ଷମାନୁକମ୍ପା ଧର ହେ !
କ୍ଷୀର ସାଗର ସମ୍ଭବା କୁଚ କୁମ୍ଭ ଯୁଗଳ ପରିରମ୍ଭ ଚତୁର ହେ ।
କ୍ଷିତି ଚକ୍ରବାଳ ମହାଭୀତି ନିବାରଣ ହେ ।
ଶ୍ରୁତିଶିର ଅବତଂସାକୃତ ଶ୍ରୀ ଚରଣ ହେ ॥
ମରାଳ ବିହରଣ, ଚର୍ଚ୍ଚିତ ଚରଣ,
ଧରାଭାର ହରଣ, ଚରାଚର ଶରଣ,
ତରାବର କରଣ, ବରାବର ଚରଣ
ନଖାଂଶୁ ସୁରଗଣ, ଶିଖା ଭରଣ ହେ"

[ସ୍ୱର୍ଗରୁ ପୁଷ୍ପବୃଷ୍ଟି]

—ଯବନିକା—

ସମ୍ପୂର୍ଣ୍ଣ

ମୁଦ୍ରାକର ଶ୍ରୀ ହାଡୁ ବସୁଗୁରୁ—ଓଡ଼ିଶା ପ୍ରିଣ୍ଟିଙ୍ଗ୍ ଓ୍ୱାର୍କସ୍, ବ୍ରହ୍ମପୁର
୧୯୩୬

Digitized by srujanika@gmail.com